୬ ▶ ବେଙ୍ଗାଲୁରୁ ବଦଳରେ ଅହମ୍ମଦାବାଦରେ ହେବ ଆଇପିଏଲ୍ ଫାଇନାଲ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୯୭ ● ୮ ମଇ ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-97 ● 8th May 2026, Friday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

## ଶ୍ରୀଜଗନ୍ନାଥ ଜମିର ହେବ ପୁନଃ ବନ୍ଦୋବସ୍ତ

# ଥଇଥାନ ହେବେ ଯୋଗ୍ୟ ହିତାଧିକାରୀ

ଭୁବନେଶ୍ୱର,୭।୫

ନ୍ୟୁଜ୍‌ବ୍ୟୁରୋ

ଗୁରୁବାର ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ନୂତନ ଚ୍ୟାନେଲର ରୂପରେଖ, ଦୈନିକ କାର୍ଯ୍ୟକ୍ରମ, ଜଗନ୍ନାଥ ସଂସ୍କୃତିର ପରିବ୍ୟାପ୍ତି, ଭକ୍ତଙ୍କ ମନରେ ଜଗନ୍ନାଥଙ୍କୁ ନେଇ ଥିବା ଭାବନାର ପରିପ୍ରକାଶ ପାଇଁ ଆସିଥିବା ପ୍ରସ୍ତାବ ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଥିବା ୟୁନିଫର୍ମ ସେଟେଲମେଣ୍ଟ ପଲିସି ୨୦୦୩ରେ ଆବଶ୍ୟକ ସଂଶୋଧନ ଜରିଆରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମିକୁ ଉପଯୁକ୍ତ ବନ୍ଦୋବସ୍ତ ଜରିଆରେ ସମସ୍ତଙ୍କୁ ଥଇଥାନ କରିବା ନେଇ ମଧ୍ୟ ଆଲୋଚନା କରାଯାଇଛି।



ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମିରେ ଦୀର୍ଘଦିନ ହେବ ବସବାସ କରୁଥିବା ସେବକ, ନିଯୋଗ, ଅଣସେବକ ଏବଂ ମଠଗୁଡ଼ିକୁ କିପରି ଉପଯୁକ୍ତ ବନ୍ଦୋବସ୍ତ କରାଯାଇପାରିବ ସେଥିନେଇ ଆଲୋଚନା ହୋଇଥିଲା। ଏଥି ସହିତ ଜଗନ୍ନାଥଙ୍କ ଜମିକୁ ଅସଦ ଉପାୟରେ ଜବରଦଖଲ ନେଇ ତଦନ୍ତ ହେବା ସହ ଆବଶ୍ୟକ ସ୍ଥଳେ ଏହାକୁ ନିଲାମ ପ୍ରକ୍ରିୟାରେ ସାମିଲ କରିବା ନେଇ ଆଲୋଚନା ହୋଇଥିଲା। ଏହି ପ୍ରକ୍ରିୟା ଫଳରେ ଦୀର୍ଘଦିନ ଧରି ବସବାସ କରୁଥିବା ସେବକ-ନିଯୋଗ ମାନେ ବସବାସ କରୁଥିବା ଜମିରେ ନିଜର ଅଧିକାର ସାବ୍ୟସ୍ତ କରିପାରିବେ। ଏଥି ସହିତ ଜବରଦଖଲରେ ଥିବା ଜମିରୁ ସର୍ବାଧିକ ମୂଲ୍ୟ ଜରିଆରେ ଆଦାୟ ଅର୍ଥ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ପାଣ୍ଠିକୁ ଆସିପାରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି।

ଶ୍ରୀ ହରିଚନ୍ଦନ ଆହୁରି କହିଥିଲେ ଯେ, ସବୁ ଓଡ଼ିଆଙ୍କ ଆରାଧ୍ୟ ଦେବତା ତଥା ବିଶ୍ୱବାସୀଙ୍କ ହୃଦୟରେ ବିରାଜମାନ କରୁଥିବା ଜଗତର ନାଥ ଜଗନ୍ନାଥଙ୍କ ନାମରେ ଏକ ସ୍ୱତନ୍ତ୍ର ଟିଭି ଚ୍ୟାନେଲ ହେବ। ଚ୍ୟାନେଲ ପ୍ରତିଷ୍ଠା ନେଇ ପ୍ରାଥମିକ ପର୍ଯ୍ୟାୟରେ ଥିବା ଏହି ଆଲୋଚନା ବେଶ୍ ସକାରାତ୍ମକ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଜଗନ୍ନାଥ ସଂସ୍କୃତିକୁ ନେଇ ସାରା ବିଶ୍ୱବାସୀଙ୍କୁ ଅବଗତ କରାଇବା ଏବଂ ଜଗନ୍ନାଥ ସଂସ୍କୃତି ଉପରେ ଅଧିକ ଗବେଷଣା ଓ ଆଲୋଚନା ସହ ଜଗନ୍ନାଥଙ୍କ ମହିମା ଓ ଭାବାବେଗ ନେଇ ଭକ୍ତଙ୍କ ଅନୁଭୂତିକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ନେଇ ଆସିଥିବା ପ୍ରସ୍ତାବ ଉପରେ ରାଜ୍ୟ ସରକାର ଅତି ସକାରାତ୍ମକ ଭାବେ ଚିନ୍ତା କରୁଛନ୍ତି। ପରବର୍ତ୍ତୀ ସମୟରେ ଏହା ଉପରେ ମଧ୍ୟ ଅଧିକ ଆଲୋଚନା କରାଯିବା ସହ ସମ୍ପୂର୍ଣ୍ଣ ରୂପରେଖ (ପୃଷ୍ଠା ୭ରେ)

## ବିହାରରେ କ୍ୟାବିନେଟ୍ ସମ୍ପ୍ରସାରଣ

# ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଲେ ପ୍ରଧାନମନ୍ତ୍ରୀ

ପାଟନା,୭।୫

ବିହାରରେ ମନ୍ତ୍ରିମଣ୍ଡଳର ବିସ୍ତାର କରାଯାଇଛି। ଗୁରୁବାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ନେତୃତ୍ୱରେ ମନ୍ତ୍ରିମଣ୍ଡଳ ବିସ୍ତାର କରାଯାଇଛି। ଏହି ପ୍ରକ୍ରିୟାରେ ଅନେକ ବିଧାୟକ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ନୀତିଶ କୁମାରଙ୍କ ପୁଅ ନିଶାନ୍ତ କୁମାର ମଧ୍ୟ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ଏହି ମହାନ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହ ଉପସ୍ଥିତ ରହିଥିଲେ।

ଗାନ୍ଧୀ ମୈଦାନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ପୁଅ ନିଶାନ୍ତ କୁମାର ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ। ଏହା ବ୍ୟତୀତ, ବିଜୟ ସିହ୍ନା ଏବଂ ଲେଶି ସିଂହ ମଧ୍ୟ ଶପଥ ଗ୍ରହଣ କରିଥିଲେ।

ଶପଥ ଗ୍ରହଣ ସମାରୋହରେ, ଅନେକ ବରିଷ୍ଠ ନେତା ଏବଂ ନୂତନ ମୁହଁକୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଛି। ଶ୍ରବଣ କୁମାର, ବିଜୟ କୁମାର ସିହ୍ନା, ଦିଲୀପ ଜୟସ୍ୱାଲ, ନିଶାନ୍ତ କୁମାର ଏବଂ ଲେଶି ସିଂହ ଏକାଠି ଶପଥ ଗ୍ରହଣ କରିଥିଲେ। ଏହି ସମୟରେ, ଭଗବାନ ସିଂହ କୁଶଓ୍ୱାହା, ଅରୁଣ ଶଙ୍କର ପ୍ରସାଦ, ମଦନ ସାହାଣୀ, ସନ୍ତୋଷ



ସୁମନ, ଏବଂ ରାମା ନିଷାଦ ମଧ୍ୟ ଏକ ଗୋଷ୍ଠୀରେ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡାକ ବଙ୍ଗଳା ଛକ ଦେଇ ଯିବା ପରେ ଗାନ୍ଧୀ ମୈଦାନରେ ପହଞ୍ଚିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଏବଂ ଅନେକ ପ୍ରମୁଖ ନେତା ମଧ୍ୟ ଉପସ୍ଥିତ ରହିଛନ୍ତି।

ସୁନୀଲ କୁମାର, ଶ୍ରେୟସୀ ସିଂହ, ମହମ୍ମଦ ଜମା ଖାନ, ନନ୍ଦ କିଶୋର ପ୍ରସାଦ ଏବଂ ଇଞ୍ଜିନିୟର ଶୈଳେନ୍ଦ୍ର ମଧ୍ୟ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିଲେ। ଏହା ବ୍ୟତୀତ, ପ୍ରମୋଦ କୁମାର, ଶ୍ୱେତା ଗୁପ୍ତା, ମିଥିଲେଶ ତିୱାରୀ, ରାମଚନ୍ଦ୍ର ପ୍ରସାଦ, ସଞ୍ଜୟ କୁମାର ସିଂହ, ସଞ୍ଜୟ କୁମାର ଏବଂ ଦୀପକ ପ୍ରକାଶ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ। ସମାରୋହରେ ରନ୍ନେଶ ସଦା, ଶୈଳେନ୍ଦ୍ର, ଶୀଲା କୁମାରୀ ମଣ୍ଡଳ, କେଦାର ପ୍ରସାଦ ଗୁପ୍ତା ଏବଂ ଲଖେନ୍ଦ୍ର ରୋଶନ ମଧ୍ୟ ଶପଥ ଗ୍ରହଣ କରିଥିଲେ।

## ଆଜିର ମୁଖ୍ୟ ଖବର

- ବ୍ରିଟେନ : ସ୍ଥାନୀୟ ନିର୍ବାଚନରେ ପାରମ୍ପରିକ ଦୁଇ ଦଳୀୟ ରାଜନୀତିକୁ ବଡ଼ ଚ୍ୟାଲେଞ୍ଜ ମିଳିଲା।
- ଯୁଦ୍ଧ ପରିସ୍ଥିତି କାରଣରୁ ବିଶ୍ୱ ଖାଦ୍ୟ ଓ ଇନ୍ଧନ ବଜାରରେ ଅସ୍ଥିରତା ବଢ଼ିବା ନେଇ ଚିନ୍ତା।
- ସଂଯୁକ୍ତ ଆରବ ଏମିରେଟ୍‌ସ ଓପେକ୍ ଛାଡ଼ିବା ପରେ ବିଶ୍ୱ ତୈଳ ବଜାରରେ ନୂଆ ଚର୍ଚ୍ଚା ଆରମ୍ଭ।
- ରକ୍ଷା କରିପାରିଲାନି ବାଉଁଶବୁଦା, ବଜ୍ରପାତରେ ଶାଶୂ-ବୋହୂଙ୍କ ମୃତ୍ୟୁ।
- ଇରାନ ଯୁଦ୍ଧ ପ୍ରଭାବରେ ବ୍ରିଟେନର ଦୀର୍ଘମିଆଦି ଋଣ ଖର୍ଚ୍ଚ ୨୮ ବର୍ଷର ସର୍ବାଧିକ ସ୍ତରକୁ ପହଞ୍ଚିଲା।
- ବିଶ୍ୱ ଜଳବାୟୁ ଆଲୋଚନାରେ ଜୀବାଶ୍ମ ଇନ୍ଧନରୁ ସ୍ଥାୟୀ ମୁକ୍ତି ପାଇଁ ନୂଆ ଅନ୍ତର୍ଜାତୀୟ ମଞ୍ଚ ଗଠନ।
- ଯୁଦ୍ଧବିରତି ମଧ୍ୟରେ ଇରାନ ତେଲ ଟ୍ୟାଙ୍କର ଉପରେ ଆକ୍ରମଣ କଲା ଆମେରିକା।
- କଟକ : ହୋଟେଲ୍ ମହାବୀର ଗ୍ୟାଲାକ୍ସିରୁ ୧୩ ପେଷାଦାର ଜୁଆଡ଼ି ଗିରଫ, ୧୯ଲକ୍ଷ ଟଙ୍କା ଜବତ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୩୦୦ (+୮୭)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୦୨୫ (+୮୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୭୫ (+୬୧)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୭୦ (+୫)

## ଓଡ଼ିଶାରେ ୪୮ ହଜାର କୋଟିର ନିବେଶ ପ୍ରତିଶ୍ରୁତି

# ଶିଳ୍ପାୟନ ଓ ନିଯୁକ୍ତି ପାଇଁ ଆଗାମୀ ୧୦ ବର୍ଷ ହେବ 'ସୁବର୍ଣ୍ଣ ଦଶକ'

ଭୁବନେଶ୍ୱର,୭।୫

ନ୍ୟୁଜ୍‌ବ୍ୟୁରୋ

ଶିଳ୍ପାୟନ ଓ ନିଯୁକ୍ତି କ୍ଷେତ୍ରରେ ଆଗାମୀ ଦଶ ବର୍ଷ ଓଡ଼ିଶା ପାଇଁ ହେବ 'ସୁବର୍ଣ୍ଣ ଦଶକ'। ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନିଦିନିଆ ଗୁଜରାଟ ଗସ୍ତ ସାରି ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱର ଫେରିବା ଅବସରରେ ଗଣମାଧ୍ୟମକୁ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଗସ୍ତ ଅବସରରେ ସେ ଅହମଦାବାଦ, ମୁନ୍ଦ୍ରା, ଏକତା ନଗର (କେବାଡିଆ-ଷ୍ଟାଚ୍ୟୁ ଅଫ୍ ୟୁନିଟି) ଓ ଭଦୋଦରା ଗସ୍ତ କରି ବିଭିନ୍ନ




ଶିଳ୍ପପତି ଓ ଶିଳ୍ପପ୍ରତିନିଧି ମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଗସ୍ତରେ ଓଡ଼ିଶା ପାଇଁ ସମୁଦାୟ ୪୮,୩୦୦ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରତିଶ୍ରୁତି (ପୃଷ୍ଠା ୭ରେ)

# ଡିସେମ୍ବର ସୁଦ୍ଧା ଜମି ମାମଲା ଶେଷ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୭।୫

ନ୍ୟୁଜ୍‌ବ୍ୟୁରୋ

ରାଜ୍ୟରେ ଆଗକୁ ବନ୍ଦ ହେବ ଭୂ-ଦାନ ଆଇନ। ରାଜ୍ୟରେ ହଟିବ ଜମିଦାରୀ ପ୍ରଥା। ଜମିଦାରୀ ଉଚ୍ଛେଦ ଆଇନ ୬୦ ଦଶକରେ ଆରମ୍ଭ ହୋଇଥିଲା। ଜମିଦାରୀ ପ୍ରଥା ଉଠିଲେ ବି ସରକାରଙ୍କ ପାଖରେ ରହିବ ତଥ୍ୟ। ସାଲାମୀ ପ୍ରଦାନ କରିବେ। ସବୁ ଗଡ଼ଜାତ ଅଞ୍ଚଳରେ ଏଭଳି କେଶ ପଡ଼ିକି ଅଛି। ପଟ୍ଟା ପାଇଲା ପରେ ସାଲାମୀ ଦେଉନାହାନ୍ତି, ଆଉ ରାଜସ୍ୱ ବିଭାଗ କ୍ଷତି ସହୁଛି। ଯେତେ ଏଭଳି ସମସ୍ୟା ଅଛି ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ଶେଷ କରିବା ପାଇଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି।

ଯେଉଁମାନେ ଜମିର ହକ୍‌ଦାର ସାଲାମୀ ଦେଲେ ଜମିରେ ମାଲିକ ହେବେ ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ପୂଜାରୀ। ଏଥିପାଇଁ ଏକ



ମାସ ସମୟ ଦିଆଯାଇଛି। ରାଜସ୍ୱ ସେବା ପ୍ରଦାନ କ୍ଷେତ୍ରରେ ଗ୍ରେଡେସନ ହେବ। ଯେଉଁ ଜିଲ୍ଲା ଭଲ ପଦର୍ଶନ କରିବ ତାକୁ ଗ୍ରେଡେସନ ମିଳିବ। ଆଗକୁ ଭୂ-ଦାନ ଆଇନ ସମାପ୍ତ ହେବ ବୋଲି ମନ୍ତ୍ରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ୯ରେ ବିଜେପି ସରକାରଙ୍କ ଶପଥ ଗ୍ରହଣ ପାଇଁ ଜୋରଦାର ପ୍ରସ୍ତୁତି

କୋଲକାତା,୭।୫

ପଶ୍ଚିମବଙ୍ଗର ପ୍ରଥମ ବିଜେପି ସରକାରର ଶପଥ ଗ୍ରହଣ ଉତ୍ସବ ଶନିବାର କୋଲକାତାର ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ଆୟୋଜିତ ହେଉଛି। ଏଥିପାଇଁ ଶୁକ୍ରବାରଠାରୁ ପ୍ରାୟ ୪,୦୦୦ ପୁଲିସ କର୍ମଚାରୀଙ୍କୁ ନେଇ ବହୁସ୍ତରୀୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଉଛି। ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ବିଜେପିର ଅନେକ ବରିଷ୍ଠ ନେତା ଏବଂ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଗଣ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ପୁଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ପ୍ରଭାବଶାଳୀ ଭିଡ଼ ପରିଚାଳନା ଓ ସୁରକ୍ଷା ପାଇଁ ୯୦୦ (ପୃଷ୍ଠା ୭ରେ)

## ଶୁଭେନ୍ଦୁ ଅଧିକାରୀଙ୍କ ପିଏଙ୍କୁ ହତ୍ୟା

ନୂଆଦିଲ୍ଲୀ,୭।୫

ଶୁଭେନ୍ଦୁ ଅଧିକାରୀ ତାଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରନାଥ ରଥଙ୍କୁ ହତ୍ୟା କରାଯାଇଥିବା ନେଇ ତୃଣମୂଳ କଂଗ୍ରେସ (ଟିଏମସି) ଉପରେ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ମୁଁ ପଶ୍ଚିମବଙ୍ଗର ଭବାନୀପୁର ନିର୍ବାଚନ ମଣ୍ଡଳୀରେ ମମତା ବାନାର୍ଜୀଙ୍କୁ ପରାସ୍ତ କରିଥିଲି, ତେଣୁ ସେମାନେ ମୋ ସହଯୋଗୀ ଚନ୍ଦ୍ରନାଥ ରଥଙ୍କୁ ହତ୍ୟା କରିଛନ୍ତି। ସେ କହିଛନ୍ତି ଯେ ଅପରାଧୀମାନଙ୍କୁ ଯଥାଶୀଘ୍ର ଧରାଯିବ। ପୁଲିସ୍ ଆକ୍ରମଣକାରୀ ମାନେ ବ୍ୟବହୃତ କରିଥିବା ବାଇକ୍‌ଟିକୁ ଉଦ୍ଧାର କରି ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ମଧ୍ୟମଗ୍ରାମ ପୁଲିସ୍ ଷ୍ଟେସନକୁ ଆଣିଛି। ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ ଆକ୍ରମଣକାରୀମାନେ ତାଙ୍କୁ ବହୁତ ନିକଟରୁ ଗୁଳି କରିଥିଲେ।

# ଖଣିଜ ସମ୍ପଦ ଓ ଦ୍ୱିପାକ୍ଷିକ ସମ୍ପର୍କ ନେଇ କାନାଡ଼ା ହାଇକମିଶନରଙ୍କ ସହ ଆଲୋଚନା

ଭୁବନେଶ୍ୱର,୭।୫

ନ୍ୟୁଜ୍‌ବ୍ୟୁରୋ

ଲୋକସେବା ଭବନଠାରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭାରତରେ ଅବସ୍ଥାପିତ କାନାଡ଼ାର ହାଇକମିଶନର କ୍ରିଷ୍ଟୋଫର କୁଟର ନିଜ ପତ୍ନୀଙ୍କ ସହ ସାକ୍ଷାତ କରିଛନ୍ତି। ଏହି ଆଲୋଚନାରେ ଭାରତ ଓ କାନାଡ଼ା ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଥିଲା, ଯେଉଁଥିରେ ଓଡ଼ିଶା ପ୍ରତି ସ୍ୱତନ୍ତ୍ର ଧ୍ୟାନ ରହିଥିଲା। ଏହି ପ୍ରମୁଖ କ୍ଷେତ୍ରଗୁଡ଼ିକ ମଧ୍ୟରେ କୃଷି-ରପ୍ତାନି, ବୈଷୟିକ ସହଯୋଗ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ଅନ୍ତର୍ଭୁକ୍ତ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଖଣିଜ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ଅଗ୍ରଣୀ ଭୂମିକା



ଉପରେ ଆଲୋକପାତ କରି କହିଥିଲେ ଯେ, ଦେଶର ମୋଟ କ୍ରୋମାଇଟ୍ ଭଣ୍ଡାରର ୯୨% ଓଡ଼ିଶାରେ ରହିଛି ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରଚୁର ପରିମାଣରେ 'ରେୟାର ଆର୍ଥ' ଖଣିଜ ସମ୍ପଦ ରହିଛି। ବିଶେଷ କରି ଖଣି ଏବଂ ମୂଲ୍ୟଯୁକ୍ତ ଶିଳ୍ପରେ ବୈଦେଶିକ ପ୍ରତ୍ୟକ୍ଷ ପୁଞ୍ଜିନିବେଶର ସମ୍ଭାବନା ଉପରେ ବିସ୍ତୃତ ଭାବେ ଆଲୋଚନା ମଧ୍ୟ କରାଯାଇଥିଲା। କାନାଡ଼ା ପ୍ରତିନିଧି ଦଳ ଓଡ଼ିଶାର ଅଟୋମୋବାଇଲ୍ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଉଭୟ ପକ୍ଷ ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ଏବଂ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧି ପାଇଁ ବୈଷୟିକ ଭାଗିଦାରୀର ସୁଯୋଗ (ପୃଷ୍ଠା ୭ରେ)

# ପଶ୍ଚିମବଙ୍ଗ ବିଧାନସଭା ଭଙ୍ଗ କଲେ ରାଜ୍ୟପାଳ

କୋଲକାତା,୭।୫

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପରାଜୟ ପରେ ମଧ୍ୟ ମମତା ବାନାର୍ଜୀ ଇସ୍ତଫା ଦେବାକୁ ମନା କରିବାରୁ, ରାଜ୍ୟପାଳ ସାମ୍ବିଧାନିକ ପ୍ରକ୍ରିୟା ଅନୁଯାୟୀ ମନ୍ତ୍ରିମଣ୍ଡଳକୁ ବରଖାସ୍ତ କରିଛନ୍ତି। ନୂଆ ବିଧାନସଭା ଗଠନ ପ୍ରକ୍ରିୟା ଶେଷ ହୋଇଥିବାରୁ ପୁରୁଣା ବିଧାନସଭାକୁ ଭଙ୍ଗ କରାଯାଇଛି। ମେ' ୪ରେ ନିର୍ବାଚନୀ ଫଳାଫଳରେ କେବଳ ଟିଏମସି ପରାଜୟ ଭୋଗିନାହିଁ ବରଂ ମମତା ବାନାର୍ଜୀ ଭବାନୀପୁରରୁ ନିଜ ସିଟ୍ ବି ବଞ୍ଚାଇ ପାରିନାହାନ୍ତି। ୧୫ ବର୍ଷ ପର୍ଯ୍ୟନ୍ତ ଶାସନରେ ଥିବା ମମତା ବାନାର୍ଜୀଙ୍କ ଅଭେଦ୍ୟ ଦୁର୍ଗକୁ ଭେଦ କରି ବିଜେପି ୨୦୭ ସିଟ୍ ଜିତି ଐତିହାସିକ ବିଜୟ ହାସଲ କରିଛି।

ଲୋକଭବନ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ରାଜ୍ୟପାଳ ଆରଏନ ରବି ପଶ୍ଚିମବଙ୍ଗ ରାଜ୍ୟ ବିଧାନସଭାର କାର୍ଯ୍ୟକାଳ ପୂରା ହେବା ପରେ ମେ' ୭ରେ ବିଧାନସଭା ଭଙ୍ଗ କରିଛନ୍ତି। ବର୍ତ୍ତମାନର ବିଧାନସଭା ୨୦୨୧ ମେ'ରେ ଗଠନ ହୋଇଥିଲା ଏବଂ ମମତା ତୃତୀୟ ଥର ରାଜ୍ୟରେ କ୍ଷମତାସୀନ ହୋଇଥିଲେ। ତେବେ ୨୦୨୬ ମେ' ୪ରେ ନିର୍ବାଚନ ଫଳାଫଳ ପ୍ରକାଶ ପରେ ବର୍ତ୍ତମାନର ବିଧାନସଭାର କାର୍ଯ୍ୟକାଳ ଆନୁଷ୍ଠାନିକ ଭାବେ ସମାପ୍ତ ହେଉଛି।




## ଏକାଳ ପଖାଳ



ଆପେ ଯାଇଥିଲେ କଥା ସରିଥାନ୍ତା
ଖାଇଲେ ଏବେ ତଡ଼ା
ଲାଜସରମର ଅଭାବି ଲୋକଙ୍କୁ
କିବା ମିଳିବ ଯା' ଛଡ଼ା
କି ଧାତୁରେ ଏ ଗଢ଼ା
ସପନରେ ଏବେ ମୁଖ୍ୟମନ୍ତ୍ରୀ ହୁଅ
ଉଠିକି ମୁଣ୍ଡକୁ ବାଜା।

# ସମ୍ପୂର୍ଣ୍ଣ ବନ୍ଦ ହେବ ଇରାନ-ଆମେରିକା ଯୁଦ୍ଧ, ୧୪ ସୂତ୍ରୀ ଏମଓୟୁ ପ୍ରସ୍ତୁତ



ନୂଆଦିଲ୍ଲୀ,୭।୫

ଇରାନ ଯୁଦ୍ଧ ସମ୍ପୂର୍ଣ୍ଣ ବନ୍ଦ ହେବା ନେଇ ଆଶା ଉଜ୍ଜୀବିତ ହୋଇଛି। ହର୍ମୁଜ ପ୍ରଣାଳୀ ଖୋଲିବା ଓ ପରମାଣୁ କାର୍ଯ୍ୟକ୍ରମ ବନ୍ଦ କରାଯିବା ସଂକ୍ରାନ୍ତରେ ଇରାନ ୪୮ ଘଣ୍ଟା ମଧ୍ୟରେ ସହମତି ଦେଇପାରେ ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି। ଆମେରିକା ମଧ୍ୟ ଯୁଦ୍ଧ ବନ୍ଦ ପାଇଁ ସକାରାତ୍ମକ ଭାବେ ବିଚାର କରୁଛି। ହର୍ମୁଜ ଅବରୋଧକୁ ନେଇ ଏହା ବି ନରମ ପଡ଼ିଛି। ଏଥିସହିତ ଇରାନର କେତେକ ସର୍ତ୍ତ ରଖିବା ଲାଗି ଏହା ପ୍ରସ୍ତୁତ ଥିବା ଜଣାପଡ଼ିଛି। ଆମେରିକୀୟ ୱେବସାଇଟ ଏକ୍ସିଓସ୍‌ର ରିପୋର୍ଟ ଅନୁସାରେ, ଆମେରିକା ଓ ଇରାନ ମଧ୍ୟରେ ୧୪ ସୂତ୍ରୀ ଏମଓୟୁ ପ୍ରସ୍ତୁତ ହୋଇଛି। ପାକିସ୍ତାନର ମଧ୍ୟସ୍ଥତାରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଏବେ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି।

ବୁଝାମଣାରେ ଥିବା ସର୍ତ୍ତ ଅନୁସାରେ, ସର୍ବପ୍ରଥମେ ଯୁଦ୍ଧ ବନ୍ଦ ଲାଗି ଘୋଷଣା ହେବ। ୩୦ ଦିନ ପର୍ଯ୍ୟନ୍ତ ଉଭୟ ଦେଶ ମଧ୍ୟରେ ବିସ୍ତୃତ ଆଲୋଚନା ଚାଲିବ। ଏଥିରେ ହର୍ମୁଜ, ପରମାଣୁ କାର୍ଯ୍ୟକ୍ରମ, ଆମେରିକୀୟ କଟକଣାକୁ କୋହଳ କରାଯିବା ଭଳି ପ୍ରସଙ୍ଗ ଅନ୍ତର୍ଭୁକ୍ତ। ଇସଲାମାବାଦ କିମ୍ବା ଜେନେଭା ଭଳି ସହରରେ ଆଲୋଚନା ଜାରି ରଖିବା ନେଇ ବିଚାର କରାଯିବ। ଚିଠା ପ୍ରସ୍ତାବ ଅନୁସାରେ, ଇରାନ ଏହାର ପରମାଣୁ କାର୍ଯ୍ୟକ୍ରମକୁ କିଛି ସମୟ ପାଇଁ ରୋକିଦେବ। (ପୃଷ୍ଠା ୭ରେ)





# ସୁଭଦ୍ରା ଶକ୍ତି କେନ୍ଦ୍ର ନିର୍ମାଣରେ ଅନିୟମିତତା : ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

**ଚମ୍ପୁଆ, ନ୍ୟୁଜ ବ୍ୟୁରୋ**

ଚମ୍ପୁଆ ବ୍ଲକରେ ଉନ୍ନୟନ କାର୍ଯ୍ୟ ଗୁଡିକରେ ଠିକାଦାର ମାନେ ବିଭିନ୍ନ ପ୍ରକାରେ ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ କରି ଅନୁଦାନ ଟଙ୍କାକୁ ହରିଲୁଟ କରୁଥିଲେ ମଧ୍ଯ ସ୍ଥାନୀୟ ପ୍ରଶାସନ ଧୃତରାଷ୍ଟ୍ର ସାଜିଛି । ଗ୍ରାମାଞ୍ଚଳର ବିକାଶ ନିମନ୍ତେ ସରକାର ବିଭିନ୍ନ ଯୋଜନାରେ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଚମ୍ପୁଆ ବ୍ଲକରେ ଠିକାଦାର ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ତା'ର ବିପରୀତ ପ୍ରତିଫଳନ ଦେଖିବାକୁ ମିଳୁଛି । ଫଳରେ ଦିନକୁ ଦିନ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏହିପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା, ଚମ୍ପୁଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ନିର୍ମାଣ ଚାଲିଥିବା ସୁଭଦ୍ରା ଶକ୍ତି କେନ୍ଦ୍ର ଗୃହ ଗୁଡିକରେ । ସରକାରଙ୍କ ଯେ କୌଣସି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଜନ ସାଧାରଣଙ୍କ ଅବଗତି ସୂଚନା ନିମନ୍ତେ ସୂଚନା ଫଳକ ଲଗାଇବା କଡା ନିୟମ ରହିଥିବା ବେଳେ ଚମ୍ପୁଆ ବ୍ଲକରେ ବିଭିନ୍ନ ପଞ୍ଚାୟତରେ ସୁଭଦ୍ରା ଶକ୍ତି କେନ୍ଦ୍ର ଗୃହ ନିର୍ମାଣ କ୍ଷେତ୍ରରେ ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ଦେଖିବାକୁ ମିଳିଛି ।ଚମ୍ପୁଆ ବ୍ଲକ ଅନ୍ତର୍ଗତ ଜାଲି ପଂଚାୟତ କାର୍ଯ୍ୟାଳୟ ନିକଟରେ ନିର୍ମାଣଧିନ ସୁଭଦ୍ରା ଶକ୍ତିକେନ୍ଦ୍ର ଗୃହର ଅର୍ଦ୍ଧାଧିକ କାମ ସରିଲାଣି, କିନ୍ତୁ ଏପର୍ଯ୍ୟନ୍ତ କାର୍ଯ୍ୟସ୍ଥାନରେ କାର୍ଯ୍ୟ ସମ୍ପର୍କିତ କୌଣସି ସୂଚନା ଫଳକ ମରା ଯାଇନାହିଁ । ଫଳରେ କାର୍ଯ୍ୟ ସମ୍ପର୍କିତ କୌଣସି ସୂଚନା ସାଧାରଣ ଲୋକେ ଜାଣି ପାରୁ ନ ଥିବା ବେଳେ ନିର୍ମାଣ କାର୍ଯ୍ୟବେଳେ କୌଣସି ଅଧିକାରୀ କିମ୍ବା ଯନ୍ତ୍ରୀ କାର୍ଯ୍ୟ ପ୍ରତି କୌଣସି ଦୃଷ୍ଟି ଦେଉ ନ ଥିବାରୁ ଏହି ଗୃହ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା କୁହାଯାଉଛି । ଗ୍ରାମବାସୀଙ୍କ କହିବା ଅନୁସାରେ, ଛାତ ଢ଼ଳେଇ ସମୟରେ ମଧ କୌଣସି ଯନ୍ତ୍ରୀ କିମ୍ବା ଅଧିକାରୀ ଉପସ୍ଥିତ ନ ରହିବାରୁ ଅତି ନିମ୍ନମାନର କାର୍ଯ୍ୟ କରାଯାଇଛି । ଢ଼ଳେଇ ସିଲିଙ୍ଗ ଖୋଲିବା ପରେ ରଡ଼ ଗୁଡିକ ବାହାରକୁ ବାହାରି ରହିଥିବା ଦେଖିବାକୁ ମିଳିଛି । ପରେ ଠିକାଦାର ମସଲା ମାରି ତାକୁ ଘୋଡ଼େଇବାକୁ ଚେଷ୍ଟା କରିଥିବା ବେଳେ ଏହି ଛାତର ସ୍ଥାୟିତ୍ୱକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି । ସେହିପରି ଭଣ୍ଡା ପଞ୍ଚାୟତ ଏବଂ ଚନ୍ଦ୍ରଶେଖରପୁର ପଞ୍ଚାୟତରେ ନିର୍ମାଣଧିନ ଶକ୍ତିକେନ୍ଦ୍ର ଗୃହରେ ମଧ କୌଣସି ସୂଚନା ଫଳକ ଦିଆଯାଇ ନଥିବା ଦେଖିବାକୁ ମିଳିଛି । ତେବେ କାର୍ଯ୍ୟ ସମ୍ପର୍କିତ ସୂଚନା ଫଳକ ଦିଆଯାଉ ନଥିବା ସହିତ କାର୍ଯ୍ୟ ପ୍ରତି ଅଧିକାରୀମାନେ ଧୃତରାଷ୍ଟ୍ର ସାଜିବା ଠିକାଦାର ଏବଂ ଅଧିକାରୀଙ୍କ ମଧୁଚନ୍ଦ୍ରିକାକୁ ପଦାରେ ପକାଇଥିବା ବେଳେ କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବୀ ହେଉଛି ।

# ଜଗତସିଂହପୁରରେ 'ଡ଼ିଜି ଶକ୍ତି' ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**



ଜଗତସିଂହପୁର ସ୍ଥିତ ମିଶନ ଶକ୍ତି ଭବନଠାରେ ପାଞ୍ଚ ଦିନିଆ ବ୍ଲକ ସ୍ତରୀୟ 'ଡିଜି ଶକ୍ତି' ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ବ୍ୟାଚ୍ ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ଗତ ଏପ୍ରିଲ ୨୮ ତାରିଖରୁ ଆରମ୍ଭ ହୋଇ ମେ ୨ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଶିବିରରେ ବ୍ଲକର ୧୨ଟି ଗ୍ରାମ ପଞ୍ଚାୟତ ଯଥା – ଅୟର, ଅଳସୁଧା, ଆଳିପିଙ୍ଗଳ, ଜାହାଁପୁର, ସିଂହାରପୁର, ଖଇରଙ୍ଗ, ଅଁଳା, ମଧୁସୂଦନପୁର ଶାସନ, କାଦୁଆପଡ଼ା, ବଳରାମପୁର, ଜାକୋଟି ଏବଂ କଣ୍ଟିଲୋରୁ ୩୬ ଜଣ ଡିଜି ଶକ୍ତି ପ୍ରଶିକ୍ଷିକା ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ, ସିଡିପିଓ ଧନେଶ୍ୱରୀ ନାୟକ, ୟୁଏନଏଫପିଏ ଜିଲ୍ଲା ସଂଯୋଜକ ସମ୍ବିତ କୁମାର ସାହୁ, ମିଶନ ଶକ୍ତି ବିପିସି କାର୍ତ୍ତିକ ସ୍ୱାଇଁ ଏବଂ ବିପିଏ ଦେବାଶିଷ ରାୟ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷିକାମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ ଓ ମାଷ୍ଟର ଟ୍ରେନର କୁସୁମ ଭୋଇ ଏବଂ ଟିକିନା ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷିକାମାନଙ୍କୁ ୧୨ଟି ଗୁରୁତ୍ୱପୂର୍ଣ୍ଣ ମଡ୍ୟୁଲ୍ ଉପରେ ଶିକ୍ଷା ଦିଆଯାଇଥିଲା । ଏଥିରେ ମୁଖ୍ୟତଃ ଡିଜିଟାଲ୍ ଆର୍ଥିକ ସାକ୍ଷରତା, ଲିଙ୍ଗ ଭିତ୍ତିକ ହିଂସା ରୋକିବା ଏବଂ ପ୍ରଜନନ ସ୍ୱାସ୍ଥ୍ୟ ଓ ଅଧିକାର ଭଳି ସାମାଜିକ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଗ୍ରାମାଞ୍ଚଳର ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ସଚେତନ କରିବା ଦିଗରେ ଏହି ପ୍ରଶିକ୍ଷଣ ଏକ ମାଇଲଖୁଣ୍ଟ ସଦୃଶ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

# ୨୪୭ଟି ଦୁର୍ଗମ ଗ୍ରାମରେ ପହଞ୍ଚିବ ଅଟୋ ଆମ୍ବୁଲାନ୍ସ

**ବ୍ରହ୍ମପୁର,ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳରେ ଗର୍ଭବତୀ ଓ ଶିଶୁମାନଙ୍କୁ ସୁରକ୍ଷିତ, ସୁବିଧାଜନକ ଏବଂ ସମୟୋପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିନବ ଉପାୟ ଅବଲମ୍ବନ କରିଛନ୍ତି । ଗଞ୍ଜାମ ଜିଲ୍ଲାରେ ଆରମ୍ଭ ହୋଇଛି ନିରୀକ୍ଷଣ ସାଥୀ ଅଟୋ ଆମ୍ବୁଲାନ୍ସ ସେବା । ଧରାକୋଟ ବ୍ଲକ୍ ଅନ୍ତର୍ଗତ ସାହାବ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ମଙ୍ଗଳପୁର ଗ୍ରାମ ବାଗରାମ୍ବର କଲ୍ୟାଣ ମଣ୍ଡପ ଠାରେ ନିରୀକ୍ଷଣ ସାଥୀ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଛନ୍ତି ଜିଲ୍ଲାପାଳ ଭି. କୀର୍ତିଭାସନ୍ । ଏହି ଯୋଜନା ମାଧ୍ୟମରେ ଜିଲ୍ଲାର ୨୪୭ଟି ଦୁର୍ଗମ ଗ୍ରାମର ଗର୍ଭବତୀଙ୍କୁ ଚିକିତ୍ସା କେନ୍ଦ୍ରକୁ ଯିବା ପାଇଁ ନିଶ୍ଚିତ ଯାତାୟାତ ସୁବିଧା ପ୍ରଦାନ କରାଯିବ । ବିଶେଷ କରି ସେମାନଙ୍କୁ ତିନିଥର ଆବଶ୍ୟକୀୟ ଆଲଟ୍ରାସାଉଣ୍ଡ୍ ପରୀକ୍ଷା ପାଇଁ ନିଦାନ କେନ୍ଦ୍ରକୁ ସୁରକ୍ଷିତ ଭାବେ ନେବା ଆଣିବା କରାଯିବ । ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ସଦୃଶ ହେବ ଏବଂ ଗ୍ରାମୀଣ ଅଚଂଳରେ ସ୍ୱାସ୍ଥ୍ୟ ସେବାର ପହଞ୍ଚକୁ ଆହୁରି ବ୍ୟାପକ କରାଯିବ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତିଭାସନ୍ ?, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ଭବାନୀ ଶଙ୍କର ମିଶ୍ର, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ବୁଲୁନାଥ ସାହୁଙ୍କ ସହ ବହୁ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଦୁଇ ଶହ ଜଣ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ। ଆଶା କର୍ମୀ, ଏଏନ୍ ?ଏମ୍ ?, ଅଙ୍ଗନବାଡ଼ି କର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜନପ୍ରତିନିଧି ଯୋଗ ଦେଇଥିଲେ । ନିରୀକ୍ଷଣ ସାଥୀ ଯୋଜନା ମାଧ୍ୟମରେ ଉପାନ୍ତ ଅଞ୍ଚଳର ମହିଳାମାନେ ସଠିକ୍ ସମୟରେ ଚିକିତ୍ସା ସେବା ପାଇବା ସହିତ ସ୍ୱାସ୍ଥ୍ୟଗତ ଜଟିଳତା ହ୍ରାସ ପାଇବ, ଯାହା ମାତୃ ଓ ଶିଶୁ ମୃତ୍ୟୁହାର କମାଇବାରେ ଏକ ଦୃଢ଼ ପଦକ୍ଷେପ ଭାବେ ପ୍ରମାଣିତ ହେବ ।

# ମଲାଡରେ ନୃସିଂହ ଚତୁର୍ଦ୍ଦଶୀ ନାମଯଜ୍ଞ ଓ ଭାଗବତ ସମ୍ମିଳନୀ

**ରମ୍ଭା, ନ୍ୟୁଜ ବ୍ୟୁରୋ**



ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ମଲାଡ ଗ୍ରାମର ଶ୍ରୀଚୈତନ୍ୟ କୋଠ ମଣ୍ଡପ ପରିସରରେ ଅଭିରାମ ପରମହଂସ ମଠ ଶାନ୍ତି ଆନନ୍ଦ ଆଶ୍ରମର ମଠାଧୀଶ ବାବାଜୀ ରସାନନ୍ଦ ଦାସଙ୍କ ପୌରୋହିତ୍ୟରେ ନୃସିଂହ ଚତୁର୍ଦ୍ଦଶୀରେ ୨୭ତମ ବାର୍ଷିକ ମେଳାମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ମଲାଡ ଗ୍ରାମର ଓଁ ନମୋ ଭଗବତେ ବାସୁଦେବାୟ ସେବା ସଂସ୍ଥା ଓ ବାସୁଦେବ ପରିବାର ପକ୍ଷରୁ ମୁଖ୍ୟ କର୍ତ୍ତା ରାମୁଡୁ ପଦ୍ମନାଭ ଓ ତାଙ୍କ ଧର୍ମପତ୍ନୀ ରାମୁଡୁ ଆଙ୍କାମାଙ୍କ ଆବାହନ କ୍ରମେ ବିଭିନ୍ନ ନାମ ସଂକୀର୍ତ୍ତନ ମଣ୍ଡଳୀ ଓ ଭାଗବତ ଟୁଙ୍ଗି ସଂସ୍କୃତି ପ୍ରେମୀଙ୍କ ଦ୍ୱାରା ନୃସିଂହ ମହାପ୍ରଭୁଙ୍କ ଜନ୍ମ ତିଥିରେ ମେଳା, ଅଷ୍ଟପ୍ରହର ନାମଯଜ୍ଞ ସହ ଅନ୍ନଯଜ୍ଞ ହୋଇଥିଲା । ଏହି ଅବସରରେ ଗଞ୍ଜାମ ଜିଲ୍ଲା ଭାଗବତ ଟୁଙ୍ଗି ସୁରକ୍ଷା ସମିତିର ସଂଗଠନ ସମ୍ପାଦକ ଆର୍. ରାମା ରାଓଙ୍କ ସଂଯୋଜନାରେ ବିଭିନ୍ନ ଭାଗବତ ଟୁଙ୍ଗିର ସଦସ୍ୟଙ୍କୁ ନେଇ ଏକ ଭାଗବତ ସମ୍ମିଳନୀ ହୋଇଥିଲା । ଗଞ୍ଜାମ ବ୍ଲକ୍ ଭାଗବତ ଟୁଙ୍ଗି ସୁରକ୍ଷା ସମିତିର ସଂପାଦକ ଶେଷଦେବ ବେହେରା, ସହ ସମ୍ପାଦକ କୃଷ୍ଣ ନାୟକ, କୋଷାଧ୍ୟକ୍ଷ କବିରାଜ ପ୍ରଧାନ, ଆଧ୍ୟାତ୍ମିକ ବାଦୀ ଦୁର୍ଯୋଧନ ସାହୁ, କବିରାଜ ସ୍ୱାଇଁ ଓ ମାଲେଶୁ ସନ୍ୟାସୀ ପ୍ରମୁଖଙ୍କ ଉପସ୍ଥିତିରେ ଭାଗବତ ପ୍ରେମୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅଷ୍ଟ ପ୍ରହର ନାମଯଜ୍ଞରେ ଯୋଗ ଦେଇଥିବା ନାମ ସଂକୀର୍ତ୍ତନ ମଣ୍ଡଳୀ କଳାକାରଙ୍କୁ ବାସୁଦେବ ପରିବାର ପକ୍ଷରୁ କଳାକାର ପ୍ରମାଣପତ୍ର ପ୍ରଦାନ କରାଯିବା ସହ ଉତ୍ସାହିତ କରାଯାଇଥିଲା । ଏଥିରେ ବରପଲ୍ଲୀ, କଣ୍ଟିଆପଲ୍ଲୀ, କୁଶପଲ୍ଲୀ, ଅଗସ୍ତି ନୂଆଗାଁ, ନିଳାଦ୍ରୀପୁର, ନୂଆପଲ୍ଲୀ, ବଳଦିଆଡିହ, ଆଣିବନ୍ଧ ଓ ବଡ଼ରାମଚନ୍ଦ୍ରପୁରର ଆଦି ସଂକୀର୍ତ୍ତନ ମଣ୍ଡଳୀ ଓ ଭାଗବତ ପ୍ରେମୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବାସୁଦେବ ପରିବାରର ରାମୁଡୁ ଈଶ୍ୱର ଓ ଡି. ବାୟା ଆଦି ପରିଚାଳନା କରିଥିବାବେଳେ ଡି. ଗାଙ୍ଗାମା, ଡି ଦେବରାଜ, ଆର୍ତ୍ତସନ୍ତୋଷ, ଆର ଗଣେଶ, ଆର.ଯୋଗେଶ ଓ ଆର୍ତ୍ତପୂର୍ଣ୍ଣ ପରିଚାଳନାରେ ସହଯୋଗ କରିଥିଲେ ।

# ଆବର୍ଜନାରେ ପରିପୂର୍ଣ୍ଣ ୮(ସି) କେନାଲ : ବେଳହୁଁ ସାବଧାନ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି

**ସାଲେପୁର, ନ୍ୟୁଜ ବ୍ୟୁରୋ**

ଲୋକମାନଙ୍କର ସୁବିଧା ପାଇଁ ସରକାର ଯେତେ ସୁବିଧା କଲେ ମଧ କିଛି ଲୋକଙ୍କ ମନମୁଖୀ କାର୍ଯ୍ୟ ପାଇଁ ସାଧାରଣ ଲୋକମାନେ ନାହିଁ ନଥିବା ଅସୁବିଧା ଭୋଗ କରିବା ସହିତ ବହୁ ଲୋକ ଦୁରାରୋଗରେ ପଡୁଥିବା ଦୃଷ୍ଟି ଗୋଚର ହୋଇଛି । ସୂଚନାଯୋଗ୍ୟ ଯେ, ନିଶ୍ଚିନ୍ତକୋଇଲି ୮ ନଂ କେନାଲରୁ ବାହାରିଥିବା ୮(ସି) କେନାଲଟି ନିଶ୍ଚିନ୍ତକୋଇଲି ବଜାର ଦେଇ ନତକାଇ ପର୍ଯ୍ୟନ୍ତ ଯାଇଛି । ପୂର୍ବରୁ ଏହି କେନାଲରେ ଜଳ ନିଷ୍କାସନ ହେଉନଥିବା ସାଙ୍ଗକୁ କେତେକ ବ୍ୟକ୍ତି ବିଶେଷ କେନାଲ ମଧ୍ୟକୁ ନାନା ପ୍ରକାର ବର୍ଜ୍ୟବସ୍ତୁ ପକାଇବା ଦ୍ୱାରା ସେଗୁଡିକ ପଚି ସମଗ୍ର ଅଂଚଳ ଦୁର୍ଗନ୍ଧମୟ ହୋଇପଡିଥାଏ । ଏହାକୁ ବିଚାର କରି ରାଜ୍ୟ ସରକାରଙ୍କ ପକ୍ଷରୁ କେନାଲର ଉଭୟ ପାର୍ଶ୍ୱରେ କେନାଲ ଲାଇନିଂ କାମ କରୁଥିଲେ ମଧ ଉପର ଅଂଶକୁ ଘୋଡାଇ ନଥିବାରୁ ଏହାର ସୁଯୋଗ ନେଇ ବଜାର ଦେଇ ଯାଇଥିବା ଏହି କେନାଲ ନାନା ପ୍ରକାର ଆବର୍ଜନାରେ ପରିପୂର୍ଣ୍ଣ ହେବା ସହ ସ୍ଥାନେ ସ୍ଥାନେ ପାଣି ଜମି ରହି ନର୍ଦ୍ଦମା ଭଳି ପରିସ୍ଥିତି ସୃଷ୍ଟି ହେଲାଣି । ଦିନ କେଇଟା ପରେ ବର୍ଷା ଋତୁ ଆସିବ । ବେଳହୁଁ ସାବଧାନ ନହେଲେ କଟକ ଜିଲ୍ଲାର ପ୍ରମୁଖ ବ୍ୟବସାୟିକ ସ୍ଥଳ ନିଶ୍ଚିନ୍ତକୋଇଲି ବଜାରକୁ ଆସୁଥିବା ଶତାଧିକ ବ୍ୟବସାୟୀ, ହଜାର ହଜାର ଚାଷୀ, ସ୍କୁଲ କଲେଜର ଛାତ୍ର ଛାତ୍ରୀ, ସର୍ବୋପରି ବାଟୋଇମାନେ ନା ନା ପ୍ରକାର ଅସୁବିଧାରେ ପଡିବାକୁ ଏଡାଇ ଦିଆଯାଇନପାରେ ବୋଲି ସମ୍ଭାବନା ସୃଷ୍ଟି ହୋଇଛି । ବେଳହୁଁ ସାବଧାନ ହୋଇ ମୁକୁଳା ପଡିଥିବା ଡ୍ରେନ୍ କୁ ଘୋଡାଯିବା ସହ ଡ୍ରେନ ମଝିରେ ବଜାର ଶେଷ ମୁଣ୍ଡ ପର୍ଯ୍ୟନ୍ତ ଗଦା ହୋଇଥିବା ଅଳିଆ ଅବାର୍ଜନାକୁ ସଫା କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ଏହା ଯଦି ବର୍ଷା ଦିନ ପୂର୍ବରୁ ନହୁଏ ସାଧାରଣ ଲୋକେ ରାଜରାସ୍ତାକୁ ଓହ୍ଲାଇବା ନେଇ ଚେତାବନୀ ଦିଆଯାଇଛି ।

# ଅନ୍ୱେଷଣ ଥିଏଟର ପକ୍ଷରୁ ପଥଚାରୀମାନଙ୍କୁ ଜଳସେବା

**ଯାଜପୁର, ନ୍ୟୁଜ ବ୍ୟୁରୋ**



ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତି ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଯାଜପୁର ଟାଉନସ୍ଥିତ ଗାନ୍ଧୀଛକ ଠାରେ ପଥଚାରୀ ମାନଙ୍କୁ ଜଳସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପବିତ୍ର ବୈଶାଖ ମାସରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରିରହିଥିବାରୁ ଗାନ୍ଧୀ ଛକ ଠାରେ ପଥଚାରୀମାନଙ୍କୁ ଅନୁଷ୍ଠାନର ସଦସ୍ୟମାନେ ଏକତ୍ରିତ ହୋଇ ଖରାଗରମକୁ ଖାତିରି ନକରି ଜଳ ସେବା କାର୍ଯ୍ୟକ୍ରମ କରିଥିଲେ । ପ୍ରକାଶଥାଉକି ପ୍ରତ୍ୟେକ ବର୍ଷ ଅନ୍ୱେଷଣ ପରିବାର ପକ୍ଷରୁ ବୈଶାଖ ମାସରେ ପଥଚାରୀମାନଙ୍କୁ ଜଳସେବା କରାଯାଏ । ଏହି ମହତ୍ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଯାଜପୁର ପୌରପାଳିକାର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଯାଜପୁର ଥାନା ଅଧିକାରୀ ଶରତ କୁମାର ନାୟକ ଯୋଗଦାନକରି ଜଳଦାନର ଶୁଭାରମ୍ଭ କରିଥିଲେ । ଏହି ମହତ୍ କାର୍ଯ୍ୟକ୍ରମରେ ଅନୁଷ୍ଠାନର କୋରକମିଟି ଅଧ୍ୟକ୍ଷ ସେକ୍ ଅବ୍ଦୁଲ୍ ସାଜିଦ୍, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ସହ ସମ୍ପାଦିକା ସକୁନ୍ତଳା ବେହେରା, କୋଷାଧ୍ୟକ୍ଷ ଦିଜେନ୍ଦ୍ରନାଥ ରାଉତ, କୋରକମିଟିର ସଦସ୍ୟ ଭରତ ଚନ୍ଦ୍ର ବେହେରା, ରବିନାରାୟଣ ରାଉତ, ଅଶୋକ କୁମାର ପାଣିଗ୍ରାହୀ, ସୌଭାଗ୍ୟ ତ୍ରିପାଠୀ, କିଶୋର କୁମାର ଦାସ, ସଦସ୍ୟା ଟୁନି ବେହେରା, ସଂଯୁକ୍ତା ପଣ୍ଡା, ରଜତ କୁମାର ମିଶ୍ର, ଅବକାଶ ରଥ, ସହ ସଂଗଠନ ସମ୍ପାଦକ ତାରାକାନ୍ତ ମଲ୍ଲିକ୍, ଚନ୍ଦନ ଜେନା ପ୍ରମୁଖ ଜଳସେବା ଭଳି ମହତ୍ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସମ୍ପାଦକ ଅଭିମନ୍ୟୁ ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହ ଆଗାମୀ ତିନିଦିନ ଯାଏ ଏହି କାର୍ଯ୍ୟକ୍ରମ ଜାରିରହିବ ବୋଲି ସୂଚନା ପ୍ରଦାନ କରିଥିଲେ ।

# ତିର୍ତ୍ତୋଲରେ ରାମଚରିତ ମାନସ ଉଦ୍ଯାପିତ

**ତିର୍ତ୍ତୋଲ ନ୍ୟୁଜ ବ୍ୟୁରୋ**



ତିର୍ତ୍ତୋଲ ଗ୍ରାମର ବେଲବଣ ମହାପୁରୁଷଙ୍କ ପୀଠରେ ଥିବା ରାମମନ୍ଦିର ପ୍ରାଙ୍ଗଣରେ ୧୫ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ପବିତ୍ର ବୈଶାଖ ପୂର୍ଣ୍ଣିମା ଦିନ ଉଦ୍ଯାପିତ ହୋଇଯାଇଛି । ମଠାଧିସବାବା ଶ୍ୟାମସୁନ୍ଦର ଦାସ ମହାରାଜଙ୍କ ପୌରୋହିତରେ ଅନୁଷ୍ଠିତ ନବଦିନ ବ୍ୟାପୀ ପ୍ରବଚନ ମଞ୍ଚର ବ୍ୟାସ ରାମାୟଣୀ ପଣ୍ଡିତ ଅଭୟ ଦାଶ (ବୁଲୁ ନନା)ଙ୍କ ମଞ୍ଚ ସଂଯୋଜନାରେ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ଇଂଦେବପ୍ରସାଦ ନାୟକ, ବିଶିଷ୍ଟ ସମାଜସେବୀ ବିମଳ ମହାପାତ୍ର ପ୍ରମୁଖ ବିଭିନ୍ନ ଦିବସର ସଂଧ୍ୟାରେ ମଞ୍ଚାସୀନ ଥିଲାବେଳେ ପ୍ରବଚକ ପଣ୍ଡିତ ପ୍ରହଲାଦ ନନ୍ଦ, ପଣ୍ଡିତ ଭାବଗ୍ରାହୀ ମିଶ୍ର, ଅଧ୍ୟାପକ ଅରୁଣକୁମାର ପଣ୍ଡା ଓ ନିଖିଳୋତ୍କଳ ପ୍ରବକ୍ତା ପରିଷଦର ରାଜ୍ୟ ସଂପାଦକ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ପ୍ରଭୃତି ରାମାୟଣର ବିଷୟବସ୍ତୁକୁ ଆଧାର କରି ପ୍ରବଚନ ପ୍ରଦାନ କରିଥିଲେ । ପଣ୍ଡିତ ବଟଚରଣ ଦାଶ (ଦିଲୁ ନନା)ଯାଜ୍ଞିକ କାର୍ଯ୍ୟ ସୁଚାରୁରୂପେ ସଂପାଦନ କରିଥିଲେ ଓ ଗ୍ରାମର ଯୁବକ ଓ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ । କର୍ତ୍ତା କର୍ତ୍ତୀ ଭାବେ ବଟଚରଣ ଦାଶ ଓ ଆରତୀ ଦାଶ ଉପସ୍ଥିତ ଥିଲେ । ଅପ୍ରେଲ ୨୩ ରୁ ମଇ ୧ ତାରିଖ ପର୍ଯ୍ୟନ୍ତ ନବଦିନ ଧରି ସ୍ଥାନୀୟ ଅଞ୍ଚଳରେ ଭାବଭକ୍ତିମୟ ପରିବେଶ ସୃଷ୍ଟି ମଧ୍ୟରେ ଆର୍ଯ୍ୟଭକ୍ତି ହନୁମାନ ଚାଳିଶା ଗ୍ରୁପର ସଂଯୋଜକ ପଣ୍ଡିତ ବିଷ୍ଣୁପ୍ରସାଦ ଦାଶ (ହନୁଆ ନନା)ଙ୍କ ଦ୍ୱାରା ସୁନ୍ଦରକାଣ୍ଡ ପାରାୟଣ କରାଯାଇଥିଲା ।

# ବାଙ୍କୀରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି : ୩୯ ମାମଲା ପଞ୍ଜିକୃତ

**କଟକ, ନ୍ୟୁଜ ବ୍ୟୁରୋ**



କଟକ ଜିଲ୍ଲାର ବାଙ୍କୀ ବ୍ଲକ୍‌ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ବିଭିନ୍ନ ସ୍ଥାନରୁ ଆସିଥିବା ଲୋକେ ନିଜର ଅସୁବିଧା ଓ ଦାବିଗୁଡିକ ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିଥିଲେ । ସୋମବାର ସମୁଦାୟ ୩୯ଟି ଅଭିଯୋଗ ହସ୍ତଗତ ହୋଇଥିଲା । ତନ୍ମଧ୍ୟରେ ୨୯ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୦ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୪ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିବାବେଳେ ଅନ୍ୟାନ୍ୟ ଅଭିଯୋଗଗୁଡିକ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗ୍ରାମାଞ୍ଚଳ ଏସପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ ଶ୍ରୀମତୀ ମନସ୍ୱିନୀ ଦାସ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶିବିରରେ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ସମ୍ପର୍କରେ ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଉପସ୍ଥିତ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ଜିଲ୍ଲାର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟଗୁଡିକରେ ମଧ ଆଜି ଅଭିଯୋଗ ଶୁଣାଣି କରାଯାଇଛି । ଏଠାରେ ସୂଚନାଯୋଗ୍ୟ ଆସନ୍ତା ୧୧ ତାରିଖରେ ସାଲେପୁର ବ୍ଲକ୍ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିବାବେଳେ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟଗୁଡିକରେ ମଧ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ଏହି ଅଭିଯୋଗ ଶୁଣାଣି ସକାଳ ୭ ଘଟିକାଠାରୁ ୧୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି ।

# କେନ୍ଦୁଝରରେ ଜିଲ୍ଲାସ୍ତରୀୟ ଶ୍ରମିକ ଦିବସ ପାଳିତ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**



ଜିଲ୍ଲା ସଂସ୍କୃତି ଭବନ, କେନ୍ଦୁଝରଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ, କେନ୍ଦୁଝରର ମିଳିତ ସହଭାଗିତାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଶ୍ରମିକ ଦିବସ – ୨୦୨୬ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ଅନନ୍ତ ନାୟକ, ସାଂସଦ, କେନ୍ଦୁଝର, ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ମମିତା ନାୟକ, ଅଧ୍ୟକ୍ଷା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝର, ବିବେକାନନ୍ଦ ମହନ୍ତ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ, କେନ୍ଦୁଝର ସୂର୍ଯ୍ୟନାରାୟଣ ମାଳି ମଧ ଉପସ୍ଥିତ ରହି ବିଭିନ୍ନ ଶ୍ରମ ଆଇନର କାର୍ଯ୍ୟକାରିତା ଓ ମଙ୍ଗଳକାରୀ ଯୋଜନା ସମ୍ବନ୍ଧରେ ଶ୍ରମିକ ମାନଙ୍କୁ ଅବଗତ କରାଇ ଥିଲେ । ଜିଲ୍ଲା ଶ୍ରମ ଅଧିକାରୀ, କେନ୍ଦୁଝର, ଆକାଶ ବିଶୋଇ ସ୍ୱାଗତ ସମ୍ଭାଷଣ ଦେଇ ମଞ୍ଚ ସଞ୍ଚାଳନ କରିଥିଲେ । ଶ୍ରମ ବିଭାଗ ର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଏହି ଆନ୍ତର୍ଜାତିକ ଶ୍ରମିକ ଦିବସ ରେ ମୋଟ ୭୧୧ ଜଣ ଯୋଗ୍ୟ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ରାଶି ବାବଦକୁ ଟ.୪ କୋଟି ୩୫ ଲକ୍ଷ ୯୯ ହଜାର ଦୁଇ ଶହ ଟଙ୍କା ଓ ମୋଟ ୧୦ ଜଣ ଅଣ ସଙ୍ଗଠିତ ଶ୍ରମିକଙ୍କ ମନୋନୀତ ବ୍ୟକ୍ତିଙ୍କୁ ମୃତ୍ୟ କାଳୀନ ସହାୟତା ରାଶି ବନ୍ଦ କୁ ଟ ୧୯ ଲକ୍ଷ ଏବଂ ନୂତନ ଭାବରେ ପଞ୍ଜୀକୃତ ହୋଇଥିବା ୨୦୦ ଜଣ ନିର୍ମାଣ ଶ୍ରମିକ ଓ ୫୦ ଜଣ ଅଣ ସଙ୍ଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସର୍ବମୋଟ ୬୦୦ ଜଣ ନିର୍ମାଣ ଏବଂ ଅଣସଂଗଠିତ ଶ୍ରମିକ, ଟ୍ରେଡ ୟୁନିଅନର କର୍ମକର୍ତ୍ତା ଓ ମିଡିଆ ବୃନ୍ଦ, କେନ୍ଦୁଝର ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରି ଉପସ୍ଥିତି ଥିଲେ ।

# ସୁକତେଲ ଓ ଅଙ୍ଗନଦୀରେ ବାଲି ମାଫିଆଙ୍କ ପ୍ରାଦୁର୍ଭାବ

**ବଲାଙ୍ଗିର, ନ୍ୟୁଜ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲାର ସୁକତେଲ ଓ ଅଙ୍ଗନଦୀରେ ବାଲି ମାଫିଆଙ୍କ ପ୍ରାଦୁର୍ଭାବ କ୍ରମଶଃ ବଢ଼ିବାରେ ଲାଗିଛି । ପ୍ରବଳ ଗ୍ରୀଷ୍ମପ୍ରବାହରେ ପ୍ରତ୍ୟହ ବେଧଡକ ବାଲି ଚାଲାଣ ଯୋଗୁଁ ଜଳସ୍ରୋତ ହ୍ରାସ ପାଇବା ସହିତ ପାନୀୟ ଜଳ ଯୋଗାଣରେ ବାଧା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଏଭଳି ସ୍ଥିତି ଲାଗି ରହିଲେ ଉଭୟ ସୁକତେଲ ଓ ଅଙ୍ଗନଦୀ ସେମାନଙ୍କ ଅସ୍ତିତ୍ୱ ହରାଇବା ନେଇ ଆଶଙ୍କା ପ୍ରକାଶ ପାଇଛି । ପ୍ରଶାସନ ତଥା ଖଣି ବିଭାଗର ଉଦାସୀନତା ଯୋଗୁଁ ବେଫିକର ଭାବେ ବାଲି ମାଫିଆ ସେମାନଙ୍କ କାରବାର ଜାରି ରଖିଥିବା ଦେଖିବାକୁ ମିଳିଛି ।

ଆଗଲପୁର ବ୍ଲକ ଅଙ୍ଗ ନଦୀର ଡୁଡୁକା-ଚୂର୍ଣ୍ଣମୁହାଣ ଠାରେ ଥିବା ବେଆଇନ ବାଲିଘାଟକୁ ଗତ ଏପ୍ରିଲ ୧୦ ରେ ଖଣି ବିଭାଗ ପକ୍ଷରୁ ସିଲ୍ କରାଯାଇଥିଲା । ଏଥି ସହିତ ନଦୀଶଯ୍ୟାରେ ଥିବା ରାସ୍ତାକୁ ମଧ କାଟି ଦିଆଯିବା ପରେ ନିକଟସ୍ଥ ମୁରସୁଣ୍ଡ ଠାରେ ବାଲି ମାଫିଆ ସକ୍ରିୟ ହୋଇଥିବା ଦେଖିବାକୁ ମିଳିଛି । ଆଗଲପୁର ବ୍ଲକ ମୁରସୁଣ୍ଡ- ହରଭଙ୍ଗା ରାସ୍ତାରେ ଥିବା ସନସର୍ ନିକଟରେ ପ୍ରବାହିତ ଅଙ୍ଗନଦୀରେ ଥିବା ବନ୍ୟା ପ୍ରତିରୋଧ ଆଡ଼ିବନ୍ଧକୁ କାଟି ନଦୀକୁ ରାସ୍ତା ତିଆରି କରାଯିବା ସହିତ ବେଆଇନ ଭାବେ ନଦୀରୁ ବାଲି ଉଠାଯାଉଛି । ଭୋର ସମୟରୁ ରାତି ଯାଏ ଏଠାରୁ ଟ୍ରାକ୍ଟର ଯୋଗେ ବେଫିକର ଭାବେ ବାଲି ଚାଲାଣ ହେଉଛି । ଏପରିକି ବେଆଇନ ଭାବେ ନଦୀରେ ମୋରମ ପକାଇ ରାସ୍ତା ତିଆରି କରାଯାଇଥିବା ଦେଖିବାକୁ ମିଳିଛି । ଏହି ବେଆଇନ ବାଲିଘାଟ ଠାରୁ ମାତ୍ର ତିନି କି.ମି. ଦୂରରେ ପୋଲିସ ଫାଣ୍ଡି ଥିଲେ ମଧ ପୋଲିସ କିଛି ଜାଣି ନ ପାରିବା ସାଧାରଣରେ ପୋଲିସର ଭୂମିକାକୁ ସନ୍ଦେହଘେରରେ ରଖିଛି । ଅଙ୍ଗନଦୀର ଅପରପାର୍ଶ୍ୱ ଉତର ଦିଗରେ କପାଶିରା ନିକଟରେ ବେଆଇନ ଭାବେ ବାଲି ଉତୋଳନ ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ଜରିଆରେ କିଛି ବାଲି ମାଫିଆ ପ୍ରୟାସ କରୁଥିବା ଜଣାଯାଇଛି । ଲୋଇସିଂହା ବ୍ଲକର ଫାସଡ, ଛେଲବାହାଲ୍, କୁଶମେଲ, ମାଗୁରବେଡା ଏବଂ ଆଗଲପୁର ବ୍ଲକର ସାଲେଭଟା, ମୁରସୁଣ୍ଡ, ଫାସଡ, ଘୁଚେପାଲି ଅଂଚଳରୁ ବିନା ରୟାଲଟି, ବିନା ପ୍ରଦୂଷଣ ପ୍ରମାଣପତ୍ର ତଥା ସିଟିଓ ରେ କୌଣସି କାଗଜପତ୍ର ନଥାଇ ପ୍ରତ୍ୟହ ହଜାର ହଜାର ଟ୍ରିପ ବାଲି ଚାଲାଣ ହେଉଛି । ଏପରିକି ଶତାଧିକ ଟ୍ରିପ୍ ବାଲି ବିଭିନ୍ନ ସ୍ଥାନରେ ଗଚ୍ଛିତ ରହିଥିବା ଦେଖିବାକୁ ମିଳିଛି । ବେଆଇନ ବାଲି ଗଚ୍ଛିତ ରଖାଯିବା ନେଇ ଖଣି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବାଲି ମାଫିଆଙ୍କ ମଧ୍ୟର ଉତ୍ସାହ ବୃଦ୍ଧି ପାଇବାରେ ଲାଗିଛି । ସରକାରୀ ଦଳର ଜନୈକ ରାଜନେତାଙ୍କ ଇସାରାରେ ମୂରସୁଣ୍ଡ ଠାରେ ଦିନ ଦ୍ୱିପ୍ରହରରେ ବାଲି ଚାଲାଣ ହେଉଛି । ରାଜନୈତିକ ଛତ୍ରଛାୟା ତଳେ ବାଲି ଚାଲାଣ ହେଉଥିବାରୁ ପୋଲିସ ତଥା ଖଣି ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପଛଘୁଂଚା ଦେଉଥିବା ଅଭିଯୋଗ ହେଉଛି । ବାଲି ମାଫିଆ, ଖଣି ଅଧିକାରୀ ତଥା ସ୍ଥାନୀୟ ପୋଲିସର ମିଳିତ ସଲାସୁତୁରାରେ ହେଉଥିବା ଏହି ବାଲି ଚାଲାଣ ଉପରେ ରୋକ୍ ଲଗାଯିବା ପାଇଁ ବଲାଙ୍ଗିର ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବା ସକାଶେ ସ୍ଥାନୀୟ ବାସିନ୍ଦା ମହଲରେ ଦାବି ହେଉଛି ।

# ସୋନପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି: ୫୦ ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ମାଲିକମୁଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଲୀନା ପ୍ରଧାନ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ. କେ. ହରିପ୍ରସାଦ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ । ସର୍ବମୋଟ ୫୦ (ପଚାଶ)ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ, ସେଥି ମଧ୍ୟରୁ ୪୪ (ଚଉଳିଶ)ଟି ବ୍ୟକ୍ତିଗତ ଓ ୦୬ (ଛଅ)ଟି ସାମୁହିକ ଦରଖାସ୍ତ ଥିଲା । ଶୁଣାଣି ସମୟରେ ୦୬ (ଛଅ)ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଅନ୍ୟାନ୍ୟ ସମସ୍ତ ଦରଖାସ୍ତଗୁଡିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଛି । ଏହି ଅବସରରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁବର୍ଣ୍ଣପୁର କାଳିଆ ମଲ୍ଲିକ, ଉପ ଜିଲ୍ଲାପାଳ ସୁଶ୍ରୀ ସୌମ୍ୟରୂପା ରଥ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କର, ଡେପୁଟି କଲେକ୍ଟର (ଅଭିଯୋଗ) ସୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସୁବର୍ଣ୍ଣପୁରରେ ବିଜେପିର ବିଜୟ ଉତ୍ସବ ପାଳନ



**ସୋନପୁର, ନ୍ୟୁଜ ବ୍ୟୁରୋ**

ଭାରତ ବର୍ଷର ତିନୋଟି ରାଜ୍ୟରେ ଆସାମ, ପୁଡୁଚେରୀ, ପଶ୍ଚିମ ବଙ୍ଗ, ବିଧାନସଭା ନିର୍ବାଚନ ବିଜୟ ପାଇଁ ସୁବର୍ଣ୍ଣପୁର ଜିଲ୍ଲା ସଦରମହକୁମା ଠାରେ ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି । ସାଂସଦ ପ୍ରତିନିଧି ସାନନ୍ଦ ମେହେରଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଓ ନେତା ଯୋଗ ଦେଇଥିଲେ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ ଶାହଙ୍କ ନାରାବାଜି ଦେଇ ବାଣ ଫଟକା ଫୁଟାଇ ସହର ପ୍ରକମ୍ପିତ କରିଥିଲେ । କର୍ମୀ ଓ ଜନସାଧାରଣଙ୍କୁ ମିଷ୍ଟାନ ବଣ୍ଟନ କରିଥିଲେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ପାକିସ୍ତାନରେ ମେଡିସିନ କ୍ରାଇସିସ୍

ମଧ୍ୟ-ପ୍ରାଚ୍ୟ ଯୁଦ୍ଧ ପାଇଁ ବଢ଼ିଲା ପାକିସ୍ଥାନର ବିପତ୍ତି । ରୋଗୀଙ୍କୁ ମିଳୁନି ମେଡିସିନ୍, ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଠପ୍ । ପାକିସ୍ତାନର ସ୍ଥିତି ଏବେ ଦିନକୁ ଦିନ ଅଧିକ ସଂଗୀନ ହେବାରେ ଲାଗିଛି । ପୂର୍ବରୁ ଆର୍ଥିକ ସଙ୍କଟ ଓ ଋଣ ଭାରରେ ବୁଡ଼ି ରହିଥିବା ପାକିସ୍ତାନରେ ଏବେ ଖାଦ୍ୟାଭାବ ପରେ ଔଷଧର ଭୟଙ୍କର ଅଭାବ ଦେଖାଦେଇଛି । ପରିସ୍ଥିତି ଏପରି ହୋଇଛି ଯେ, ହସ୍ପିଟାଲରେ ରୋଗୀଙ୍କୁ ଚିକିତ୍ସା ମିଳିବା କଷ୍ଟକର ହୋଇପଡ଼ିଛି । ମଧ୍ୟ-ପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଏବଂ ଆମେରିକା-ଇରାନ ମଧ୍ୟରେ ଉତ୍ତେଜନା ପାକିସ୍ତାନ ଅର୍ଥନୀତିର ଅଣ୍ଟା ଭାଙ୍ଗି ଦେଇଛି । ଔଷଧ ବିନା ମୃତ୍ୟୁ ସହ ଲଢୁଛନ୍ତି ରୋଗୀ । ମଧ୍ୟ-ପ୍ରାଚ୍ୟ ଯୁଦ୍ଧ ଯୋଗୁଁ ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହୋଇଛି । ଫଳରେ ପାକିସ୍ତାନରେ ଔଷଧ ସଙ୍କଟ ଉତ୍କଟ ରୂପ ଧାରଣ କରିଛି । ଲାହୋର, କରାଚି ଏବଂ ପେଶାୱାର ଭଳି ବଡ଼ ବଡ଼ ସହରର ସରକାରୀ ହସ୍ପିଟାଲ ଗୁଡ଼ିକରେ ଜୀବନ ରକ୍ଷାକାରୀ ଔଷଧର ଘୋର ଅଭାବ ଦେଖାଦେଇଛି । ଔଷଧ ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଦ୍ୱାର ଦ୍ୱାର ବୁଲୁଥିଲେ ମଧ୍ୟ ସେମାନଙ୍କୁ ନିରାଶ ହେବାକୁ ପଡୁଛି । ଔଷଧର ମୂଲ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ୨୦୨୪ରେ ଜରୁରୀ ଔଷଧର ମୂଲ୍ୟରେ ୫୦% ବୃଦ୍ଧି ପାଇଥିବାବେଳେ ୨୦୨୫ରେ ପୁଣି ୩୦-୪୦% ମୂଲ୍ୟ ବୃଦ୍ଧି ହୋଇଛି । ୨୦୨୬ରେ ମଧ୍ୟ-ପ୍ରାଚ୍ୟ ସଙ୍କଟ ଯୋଗୁଁ ଔଷଧର ଦାମ ୫୦-୭୦% ବଢ଼ିଛି । ରକ୍ତଚାପ ଓ କୋଲେଷ୍ଟ୍ରଲ ଔଷଧର ଦାମ୍ ଗତ ଦୁଇ ବର୍ଷ ମଧ୍ୟରେ ଦୁଇଗୁଣା ହୋଇଯାଇଛି । ଏହା ସହ ସରକାରୀ ନୀତି ଓ ଟିକସ ମାଡ଼ ପାକିସ୍ତାନୀଙ୍କୁ ଅସ୍ତବ୍ୟସ୍ତ କରିଦେଇଛି । ଗୋଟିଏ ପଟେ ଲୋକଙ୍କ ପାଖରେ ଟଙ୍କା ନାହିଁ, ଅନ୍ୟପଟେ ଶେହବାଜ ସରିଫ ସରକାର ଔଷଧ ତିଆରି ପାଇଁ ବ୍ୟବହୃତ କଞ୍ଚାମାଲ ଉପରେ ୧୮% ସେଲ୍ସ ଟ୍ୟାକ୍ସ (ଜିଏସଟି) ଲଗାଇ ସାଧାରଣ ଜନତାଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛନ୍ତି । ପାକିସ୍ତାନ କେମିଷ୍ଟ ଆଣ୍ଡ ଡ୍ରଗ୍ ଆସୋସିଏସନର କହିବା ଅନୁଯାୟୀ, ସରକାର ଉପଯୁକ୍ତ ସମୟରେ ନିଷ୍ପତ୍ତି ନେଉ ନଥିବାରୁ ଆମଦାନୀକାରୀମାନେ ଔଷଧ ଯୋଗାଣ ବନ୍ଦ କରିଦେଉଛନ୍ତି । ଏହା ସହିତ ନିୟନ୍ତ୍ରଣ ବ୍ୟବସ୍ଥା ଶିଥିଳ ହେବା ଯୋଗୁଁ କମ୍ପାନୀମାନେ ନିଜ ମନଇଚ୍ଛା ଦର ବଢ଼ାଉଛନ୍ତି । ଆମେରିକା-ଇରାନ ମଧ୍ୟରେ ଚାଲିଥିବା ବିବାଦ ଯୋଗୁଁ 'ହୋର୍ମୁଜ ଷ୍ଟ୍ରେଟ୍' ବନ୍ଦ ହେବା ପାକିସ୍ତାନ ପାଇଁ ସବୁଠାରୁ ବଡ଼ ଚେତାବନୀ ପାଲଟିଛି । ପାକିସ୍ତାନ ନିଜର ୮୫-୯୦% ଶକ୍ତି ଆବଶ୍ୟକତା ପାଇଁ ଗଲ୍ଫ ଦେଶଗୁଡ଼ିକ ଉପରେ ନିର୍ଭର କରେ । ପାକିସ୍ତାନର ଆମଦାନୀ ବିଲ୍ ପ୍ରତି ସପ୍ତାହରେ ୩୦୦ ମିଲିୟନ ଡଲାରରୁ ବଢ଼ି ୮୦୦ ମିଲିୟନ ଡଲାରରେ ପହଞ୍ଚିଛି । ଯଦି ଅଶୋଧିତ ତୈଳ ଦର ୧୦% ବଢ଼େ, ତେବେ ପାକିସ୍ତାନରେ ମୁଦ୍ରାସ୍ଫୀତି ୦.୪-୦.୬% ବୃଦ୍ଧି ପାଏ, ଯାହା ଦକ୍ଷିଣ ଏସିଆରେ ସର୍ବାଧିକ । ଅଟା, ଡାଲି, ଚାଉଳ ଓ ତେଲ ପରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ପୂର୍ବରୁ ହିଁ ସାଧାରଣ ଲୋକଙ୍କ ପହଞ୍ଚ ବାହାରେ ଥିଲା । ଏବେ ଔଷଧ ସଙ୍କଟ ପାକିସ୍ତାନୀ ଜନତାଙ୍କ ପାଇଁ 'ମରଣ ଯନ୍ତ୍ରଣା' ସଦୃଶ ହୋଇଛି । ବିଦେଶୀ ମୁଦ୍ରା ଭଣ୍ଡାର ଶେଷ ହେବାକୁ ବସିଥିବା ବେଳେ ଏବଂ ମୁଦ୍ରାର ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଉଥିବାରୁ ପାକିସ୍ତାନ ଏକ ବଡ଼ ମାନବିକ ସଙ୍କଟ ଆଡ଼କୁ ଗତି କରୁଛି । ବିଶେଷଜ୍ଞଙ୍କ ମତରେ, ଯଦି ପାକିସ୍ତାନ ସରକାର ତୁରନ୍ତ ଆମଦାନୀ ନୀତିରେ ପରିବର୍ତ୍ତନ ନକରନ୍ତି ଏବଂ ବିଶ୍ୱ ସମୁଦାୟ ସାହାଯ୍ୟ ପାଇଁ ଆଗେଇ ନଆସନ୍ତି, ତେବେ କେବଳ ଖାଦ୍ୟ ଅଭାବରୁ ନୁହେଁ, ବରଂ ସାମାନ୍ୟ ଜ୍ୱର କିମ୍ବା ରକ୍ତଚାପ ଭଳି ରୋଗର ଔଷଧ ନପାଇ ହଜାର ହଜାର ଲୋକ ପ୍ରାଣ ହରାଇବାର ଆଶଙ୍କା ରହିଛି ।





ଓଁ

## ମା କାଳୀଙ୍କ ସ୍ତୁତି ପ୍ରଣାମ

ଓଁ ଜୟନ୍ତୀ ମହାକାଳୀ ସମଶାନ କାଳୀ
ଗଙ୍ଗାକାଳୀ ଭଦ୍ରାକାଳୀ ଦକ୍ଷିଣକାଳୀ
ଶ୍ୟାମକାଳୀ ସର୍ବଂ ମଙ୍ଗଳାଂ କାଳୀ
କପାଳିନୀ ଦୁର୍ଗା ଶିବା ଧାତ୍ରୀ ସ୍ୱାହା
ସ୍ୱଧା ମା ଦେବୀ ସର୍ବ ଭୂତେଷୁ
ଶକ୍ତି ପରଂବ୍ରହ୍ମ ସ୍ୱରୂପିଣୀ ନମୋସ୍ତୁତେ ।
ଜୟମାତ ମହାକାଳୀ ଈଶ୍ୱର ଘରଣୀ
ପାପ ତାପ ବିଧ୍ୱଂସିନୀ ଅଭୟ ଦାୟିନୀ
ସର୍ବ ଦେବଙ୍କ ତେଜରେ ହୋଇ ଆବିର୍ଭୂତ
ଦୁଷ୍ଟ ମାନଙ୍କୁ ବିନାଶି ରଖିଲ ଜଗତ
ମାତା ରୂପେ ଶାସ୍ତି ଦେଇ ମାତା ରୂପେ ପାଳୁ
ଅଶେଷ ମହିମା ତୋର ସର୍ବଜନ ପାକୁ
ତୋପାଦେ ଶରଣ ଯାଇ କରୁଛି ଗୁହାରୀ
ଆଶୀର୍ବାଦ କରମାତ ମୋତେ ଦୟା କରି
ଭକ୍ତି ମୁକ୍ତି ପ୍ରଦାୟିନୀ ମା ସୃଷ୍ଟିକାରୀ
ଘେନ ମୋ ପ୍ରଣାମ ମାତ ଘେନ ମୋ ଗୁହାରୀ
ନମୋ ସ୍ତୁତେ ନମୋସ୍ତୁତେ ଶରଣଂ ଶରଣଂ
ମମ ଦୋଷ ନ ବୈଦ୍ୟତେ ମାୟାଂ ।
ଶନିବାରକୁ ଶନିବାର ଯେଉଁ ଜନ କାଳୀ ମନ୍ଦିରରେ
କିମ୍ବା ମୂର୍ତ୍ତି ଠାରେ ପ୍ରାର୍ଥନା
କଲେ ସର୍ବ ବିପଦରୁ ରକ୍ଷା ମିଳେ ଏବଂ
ସୁଖ ସମ୍ପଦରେ ସହାୟତା ହୁଏ ।

◆◆


# ଜାତିବାଦ ଓ ଜାତିସୃଷ୍ଟି ତତ୍ତ୍ୱ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଆମେ ଯେତେବେଳେ ଜାତିପ୍ରଥାର ଉଚ୍ଛେଦ କଥା କହିବା ସେ ସମୟରେ ଜାତିପ୍ରଥାର ପ୍ରାରମ୍ଭ ବିଷୟରେ ମଧ୍ୟ ଆଲୋଚନା କରିବା ଜରୁରୀ । କେଉଁ ପରିସ୍ଥିତିରେ ଏହାର ସୃଷ୍ଟି ହୋଇଛି ଓ ଏହାର ଆବଶ୍ୟକତା କଣ ଥିଲା ଏବଂ ଏହା ସହିତ ଜାତି ସୃଷ୍ଟି ସମ୍ବନ୍ଧରେ କେଉଁସବୁ ଧାର୍ମିକ ତତ୍ତ୍ୱ ଓ ଐତିହାସିକ ସୂଚନା ରହିଛି ସେଗୁଡ଼ିକର ମଧ୍ୟ ଆଲୋଚନା ହେବା ଆବଶ୍ୟକ । ତୁଳନାତ୍ମକ ବିଚାର ମାଧ୍ୟମରେ ନିର୍ଣ୍ଣୟ ହେବା ଆବଶ୍ୟକ କେଉଁଟି ଠିକ୍ ଓ କେଉଁଟି ଭୁଲ । ବର୍ତ୍ତମାନର ପରିପ୍ରେକ୍ଷୀରେ ଏହାର ଆବଶ୍ୟକତା କେତେ ରହିଛି ଓ ଏହା କେତେ ମାତ୍ରାରେ ଯୁକ୍ତିଯୁକ୍ତ ତାହାର ମଧ୍ୟ ବିବେଚନା ହେବା ଆବଶ୍ୟକ । ଯୁକ୍ତିଯୁକ୍ତ ସିଦ୍ଧାନ୍ତ ଆଗକୁ ବଢ଼ିବାରେ ସହାୟକ ହୁଏ । ଏହା ସଭ୍ୟତାର ଉଚ୍ଚ ସୋପାନକୁ ନେଇଯାଏ ।

ଆମ ସମସ୍ତଙ୍କୁ ଜ୍ଞାତ ଯେ ଜାତିବ୍ୟବସ୍ଥା ହିନ୍ଦୁ ସମାଜରେ ପରିଲକ୍ଷିତ ହୁଏ । ଏହି ଧର୍ମର ପ୍ରାଧାନ୍ୟ ଭାରତବର୍ଷ ଓ ନେପାଳରେ ରହିଛି । ତେଣୁ ଉଭୟ ରାଷ୍ଟ୍ରରେ ଜାତିପ୍ରଥା ରହିଛି । କେତେକଙ୍କ ଯୁକ୍ତି ଯେ ଭିନ୍ନ ଧର୍ମରେ ମଧ୍ୟ ଜାତିପ୍ରଥା ରହିଛି । ଏହା ସତ୍ୟ ଯେ ବିଭିନ୍ନ ଧର୍ମରେ ଭିନ୍ନ ଭିନ୍ନ ପନ୍ଥୀ ରହିଛନ୍ତି । ଧାର୍ମିକ ବିଚାର ଓ ଅନୁସରଣର ମାର୍ଗକୁ ନେଇ ଭିନ୍ନ ଭିନ୍ନ ଗୋଷ୍ଠୀ ରହିଛନ୍ତି । ଯେଉଁପରି ଇସାଇମାନଙ୍କ ମଧ୍ୟରେ କ୍ୟାଥଲିକ ଓ ପ୍ରୋଟେଷ୍ଟାଣ୍ଟ ଗୋଷ୍ଠୀ, ମୁସଲମାନମାନଙ୍କ ମଧ୍ୟରେ ସିହା ଓ ସୁନି, ଏହିପରି ବିଭିନ୍ନ ଧର୍ମରେ ବିଭାଗମାନ ରହିଛି । ଏହା ସହିତ ଅଞ୍ଚଳ ଭିତ୍ତିରେ ବିଭିନ୍ନ ଗୋଷ୍ଠୀ ମଧ୍ୟ ରହିଛି । ଏହି ବିଭାଗଗୁଡିକ ଜାତିପ୍ରଥାର ଅବିକଳ ନକଲ ନୁହେଁ । ଜାତିବାଦର ମୂଳ ଚରିତ୍ର ଏହି ବିଭାଗ ଗୁଡିକରେ ଦେଖିବାକୁ ମିଳେ ନାହିଁ । ଛୁଆଁ-ଅଛୁଆଁ ଓ ଉଚ୍ଚନୀଚ ଭେଦଭାବ ଏହି ଗୋଷ୍ଠୀମାନଙ୍କ ମଧ୍ୟରେ ପ୍ରାୟତଃ ନଥାଏ ।

ଜାତିବ୍ୟବସ୍ଥା ହିନ୍ଦୁ ସମାଜର ଅଂଶବିଶେଷ ହୋଇ ଯାଇଛି । କାରଣ ମହର୍ଷି ମନୁଙ୍କ ପ୍ରଦତ୍ତ ବର୍ଣ୍ଣବ୍ୟବସ୍ଥା ହିନ୍ଦୁ ସମାଜର ଅବିଚ୍ଛେଦ୍ୟ ଅଂଶ ଅଟେ । କେତେକ ହିନ୍ଦୁ ପଣ୍ଡିତ ବିବେଚନା କରନ୍ତି ଏହା ହିନ୍ଦୁଧର୍ମର ଅନିବାର୍ଯ୍ୟ ବିଷୟ । ଆଉ କେତେକେ ଏହାକୁ ହିନ୍ଦୁଧର୍ମର ଅନାବଶ୍ୟକ ଦିଗଭାବେ ଗ୍ରହଣ କରନ୍ତି । ବର୍ଣ୍ଣବ୍ୟବସ୍ଥାରୁ ଜାତିପ୍ରଥାର ସୃଷ୍ଟି ହୋଇଛି । ପ୍ରାରମ୍ଭରେ ସେ ଚାରିବର୍ଣ୍ଣ କଥା କହିଥିଲେ ହେଁ ପରବର୍ତ୍ତୀ ଅବସ୍ଥାରେ ଏହି ଚାରି ବର୍ଣ୍ଣରୁ ହଜାର ହଜାର ଜାତି ସୃଷ୍ଟି ହୋଇଛି । ବର୍ତ୍ତମାନ ଏହା ପାଖା ପାଖି ସାତ ହଜାର ଜାତିରେ ପହଞ୍ଚିଛି । ଅର୍ଥାତ୍ ହିନ୍ଦୁ ସମାଜ ସାତ ହଜାର ଭାଗରେ ବିଭକ୍ତ । ପ୍ରତ୍ୟେକ ଜାତିର ସ୍ୱତନ୍ତ୍ର ନୀତିନିୟମ ରହିଛି । ଭିନ୍ନ ଜାତିଠାରୁ ନିଜକୁ କିପରି ପୃଥକ ରଖାଯାଇ ପାରିବ ତାର ବିଧିବିଧାନ ରହିଛି । ସ୍ଥଳ ବିଶେଷରେ ନିଜସ୍ୱ ଭାଷା ଓ ସଂସ୍କୃତିର ବିକାଶ ଗୋଟିଏ ଜାତିର ସ୍ୱତନ୍ତ୍ରତାକୁ ସ୍ଥାପିତ କରିଥାଏ । ଜାତିବ୍ୟବସ୍ଥା ଆନ୍ତର୍ଜାତିକ ବିବାହକୁ ଅସିଦ୍ଧ କରିଥାଏ । ଯଦି ହୁଏ ତେବେ ଭୟାବହ ପରିସ୍ଥିତି ତିଆରି ହୁଏ । ହଣାକଟା ପର୍ଯ୍ୟନ୍ତ କଥାଯାଏ । ଅନର କିଲିଂ ବି ହୁଏ ।

ମହର୍ଷି ମନୁଙ୍କ ମନୁସ୍ମୃତି ଅନୁଯାଇ ଜାତିପ୍ରଥାର ମୂଳ ଆଧାର ହେଉଛନ୍ତି ବ୍ରହ୍ମା । ତାଙ୍କର ବିଭିନ୍ନ ଅଙ୍ଗରୁ ବିଭିନ୍ନ ଜାତିର ସୃଷ୍ଟି ହୋଇଛି । ତାଙ୍କ ମୁହଁରୁ ବ୍ରାହ୍ମଣମାନେ, ବାହୁରୁ କ୍ଷତ୍ରୀୟମାନେ, ଜାନୁରୁ ବୈଶ୍ୟମାନେ ଓ ପାଦରୁ ଶୂଦ୍ରମାନେ ସୃଷ୍ଟି ହୋଇଛନ୍ତି । ଏ ପ୍ରକାର ସୃଷ୍ଟିତତ୍ତ୍ୱ କେତେ ଯୁକ୍ତିଯୁକ୍ତ ତାହା ବିଚାର କରିବାକୁ ପଡିବ । ପ୍ରଥମରେ ଏହି ସୃଷ୍ଟିତତ୍ତ୍ୱ ଅନୁଯାୟୀ ବ୍ରହ୍ମା କଣ କେବଳ ବିଶ୍ୱର ହିନ୍ଦୁମାନଙ୍କୁ ସୃଷ୍ଟି କରିଛନ୍ତି, ଯେଉଁମାନେ ପ୍ରାୟତଃ ଭାରତବର୍ଷ ଓ ନେପାଳରେ ବସବାସ କରନ୍ତି । କାରଣ ଏହି ଚାରବର୍ଣ୍ଣ କେବଳ ହିନ୍ଦୁ ଧର୍ମରେ ଦେଖିବାକୁ ମିଳେ । ଦ୍ୱିତୀୟରେ ହିନ୍ଦୁଧର୍ମ ବାଦେ ଅନ୍ୟ ଯେଉଁ ଧର୍ମର ଲୋକ ରହିଛନ୍ତି ଏବଂ ଭାରତବର୍ଷ ଓ ନେପାଳକୁ ଛାଡ଼ି ଅନ୍ୟ ଦେଶର ଲୋକମାନଙ୍କୁ କିଏ ସୃଷ୍ଟି କରିଛନ୍ତି ? ତୃତୀୟରେ ଯଦି ସମସ୍ତଙ୍କୁ ବ୍ରହ୍ମା ସୃଷ୍ଟି କରିଛନ୍ତି, ତେବେ ହିନ୍ଦୁ ବାଦେ ଅନ୍ୟମାନେ ବ୍ରହ୍ମାଙ୍କ କେଉଁ ଅଙ୍ଗରୁ ସୃଷ୍ଟି ହୋଇଛନ୍ତି ? ଏପ୍ରକାର ସୃଷ୍ଟିତତ୍ତ୍ୱ ଯୁକ୍ତିଯୁକ୍ତ ନୁହେଁ ଓ ଗ୍ରହଣୀୟ ମଧ୍ୟ ନୁହେଁ । ଏହି ସୃଷ୍ଟି ତତ୍ତ୍ୱକୁ ଯଦି ସ୍ୱୀକାର କରାଯାଏ, ତେବେ ବିଶ୍ୱର ଅନ୍ୟ ଦେଶର ଲୋକମାନେ କେଉଁ ବର୍ଣ୍ଣରେ ଯିବେ ? ଭିନ୍ନ ଧର୍ମର ଲୋକମାନେ କେଉଁ ବର୍ଣ୍ଣରେ ଯିବେ ? ଆଦିବାସୀମାନେ କେଉଁ ବର୍ଣ୍ଣର ହେବେ ?

ମହର୍ଷି ମନୁଙ୍କର ସୃଷ୍ଟିତତ୍ତ୍ୱକୁ ଗ୍ରହଣ କଲେ ବିଜ୍ଞାନ ଅନୁମୋଦିତ କ୍ରମ ବିବର୍ତ୍ତନବାଦକୁ ଛାଡିବାକୁ ପଡିବ । କ୍ରମ ବିବର୍ତ୍ତନବାଦ ଅନୁସାରେ ମନୁଷ୍ୟମାନେ ବାନର ଜାତୀୟ ପ୍ରାଣୀରୁ ବହୁ ବର୍ଷଧରି ପରିବର୍ତ୍ତନ ପ୍ରକ୍ରିୟା ମଧ୍ୟ ଦେଇ ବର୍ତ୍ତମାନ ଅବସ୍ଥାରେ ପହଞ୍ଚିଛନ୍ତି । ଏହାହିଁ ସତ୍ୟ । ବହୁ ଶୋଧନ ଓ ପରୀକ୍ଷା-ନିରୀକ୍ଷା ପରେ ଏହି ସିଦ୍ଧାନ୍ତକୁ ଗ୍ରହଣ କରାଯାଇଛି । ବିଜ୍ଞାନ ମନୁଷ୍ୟମାନଙ୍କର ଆକସ୍ମିକ ସୃଷ୍ଟିକୁ ଗ୍ରହଣ କରେନାହିଁ । କେହି ଜଣେ ମନୁଷ୍ୟମାନଙ୍କୁ ତାଙ୍କ ଇଚ୍ଛା ଅନୁସାରେ ସୃଷ୍ଟି କରିଛନ୍ତି ତାହା ମଧ୍ୟ ଗ୍ରହଣୀୟ ହୁଏ ନାହିଁ । ଜଣେ ମନୁଷ୍ୟ ପୁରୁଷ ଓ ସ୍ତ୍ରୀର ମିଳନରେ ଏକ ନିର୍ଦ୍ଦିଷ୍ଟ ପ୍ରକ୍ରୀୟା ମଧ୍ୟରେ ଜନ୍ମ ନିଏ । ମନୁଷ୍ୟର ଯେ କୌଣସି ଅଙ୍ଗ ପିଲା ଜନ୍ମ କରିପାରିବ ନାହିଁ । ଏହା ଛଡା ତାଙ୍କ ତତ୍ତ୍ୱରେ ସେ କେବଳ ମନୁଷ୍ୟର ସୃଷ୍ଟି କଥା କହିଛନ୍ତି । ଏହା ଯେ ବଂଶାନୁକ୍ରମିକ ହେବ ଏକଥା କହି ନାହାଁନ୍ତି । ଅର୍ଥାତ୍ ବ୍ରାହ୍ମଣର ପୁଅ ବ୍ରାହ୍ମଣ ହେବ । ତଦନୁରୂପେ ଅନ୍ୟ ବର୍ଣ୍ଣର ପିଲାମାନେ ସେହି ବର୍ଣ୍ଣଭାବେ ପରିଚିତ ହେବେ ସେ ବିଷୟକୁ ସ୍ପଷ୍ଟ କରିନାହାଁନ୍ତି । ମନୁଷ୍ୟମାନେ ସିନା ବ୍ରହ୍ମାଙ୍କ ବିଭିନ୍ନ ଅଙ୍ଗରୁ ସୃଷ୍ଟି ହେଲେ, କିନ୍ତୁ ଯେଉଁ ବିଭିନ୍ନ ପ୍ରକାର ଜୀବ ଜନ୍ତୁ ରହିଛନ୍ତି ସେମାନେ ବ୍ରହ୍ମାଙ୍କ କେଉଁ ଅଙ୍ଗରୁ ସୃଷ୍ଟି ହୋଇଛନ୍ତି ? ମୋଟ ଉପରେ ଦେଖିବାକୁ ଗଲେ ଏପ୍ରକାର ସୃଷ୍ଟିତତ୍ତ୍ୱ ସୃଷ୍ଟି ପ୍ରକ୍ରିୟାକୁ ସଠିକଭାବେ ବର୍ଣ୍ଣନା କରିପାରୁ ନାହିଁ । ଏପ୍ରକାର ତତ୍ତ୍ୱ ବିଜ୍ଞାନସିଦ୍ଧ ମଧ୍ୟ ନୁହେଁ ।

ଅନ୍ୟ ଏକ ତତ୍ତ୍ୱ ଭାଗବତ ଗୀତାରେ ରହିଛି । ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି ଯେ ସେ କର୍ମ ଅନୁସାରେ ଜାତି ସୃଷ୍ଟି କରିଛନ୍ତି । ଏହା ଗ୍ରହଣୀୟ ବିଷୟ । ଯିଏ ଯେଉଁ କାର୍ଯ୍ୟ ସମ୍ପାଦନ କରେ ସେ ସେହି ଜାତି ନାମରେ ପରିଚିତ ହେବ । ଏଥିରେ ଅସୁବିଧା ନାହିଁ । ଏହି ଦୃଷ୍ଟିରୁ ବିଭିନ୍ନ ପ୍ରକାର ବୃତ୍ତି ଅନୁସାରେ ଜାତି ରହିବା ସ୍ୱାଭାବିକ । କିନ୍ତୁ ଏହି ବୃତ୍ତି ଅନୁସାରେ ବଂଶାନୁକ୍ରମିକ ଜାତି ହେବ ତାହା ସେ କେଉଁଠାରେ ଉଲ୍ଲେଖ କରିନାହାଁନ୍ତି । ଏହାର ଅର୍ଥ ହେଉଛି ପ୍ରତ୍ୟେକ ଲୋକ ନିଜ କର୍ମ ଅନୁସାରେ ସେ କେଉଁ ଜାତିର ତାହା ନିର୍ଣ୍ଣୟ ହେବ । ଏହି ଦୃଷ୍ଟିରୁ ଶିକ୍ଷାଦାନ କରୁଥିବା ଓ ଜ୍ଞାନ ଚର୍ଚ୍ଚା କରୁଥିବା ଶିକ୍ଷକ ସମାଜ ବ୍ରାହ୍ମଣ, ସୈନ୍ୟବାହିନୀ ଓ ପୋଲିସରେ ଥିବା ଲୋକମାନେ କ୍ଷତ୍ରୀୟ, ଦୋକାନ ବଜାର ଖୋଲିଥିବା ବେପାରୀମାନେ ବୈଶ୍ୟ ଓ ସଫେଇ କାର୍ଯ୍ୟ କରୁଥିବା ଲୋକମାନେ ଶୂଦ୍ର ଭାବେ ପରିଚିତ ହେବା କଥା । ବର୍ତ୍ତମାନର ଜାତିବ୍ୟବସ୍ଥାର ଜଣେ ବ୍ରାହ୍ମଣ ଲଣ୍ଡ୍ରି ଓ ବିୟୁଟି ପାର୍ଲର୍ ପରି ବ୍ୟବସାୟ କଲେ ଶୂଦ୍ର ଏବଂ ଜଣେ ଶୂଦ୍ର ସୈନ୍ୟବାହିନୀରେ ଗଲେ କ୍ଷତ୍ରୀୟଭାବେ ଓ ଶିକ୍ଷାଦାନ କରୁଥିଲେ ବ୍ରାହ୍ମଣଭାବେ ପରିଚିତ ହେବା ଆବଶ୍ୟକ । ଅର୍ଥାତ୍ ଜଣେ ବ୍ୟକ୍ତିର କର୍ମ ଅନୁସାରେ ତାର ଜାତି ନିର୍ଣ୍ଣୟ ହେବା କଥା । କିନ୍ତୁ ଏପରି ହେଉ ନାହିଁ । ଭାଗବାନ ଶ୍ରୀକୃଷ୍ଣ ଯେଉଁ ଅର୍ଥରେ ଜାତିର ସୃଷ୍ଟି କଥା କହିଛନ୍ତି ସେହି ଅର୍ଥରେ ଜାତି ନିର୍ଣ୍ଣୟ ହେଉନାହିଁ । ଏହାର ଅର୍ଥ ବର୍ତ୍ତମାନର ଜାତିବ୍ୟବସ୍ଥା ଧର୍ମାନୁମୋଦିତ ନୁହେଁ । ବର୍ତ୍ତମାନର ପରିପ୍ରେକ୍ଷୀରେ ଏହାର ବିକୃତରୂପ ପ୍ରଚଳିତ ହେଉଛି । କର୍ମ ଅନୁସାରେ ଜାତି ନିର୍ଣ୍ଣୟ ଆଦର୍ଶଗତ ଦିଗ । ବଂଶାନୁକ୍ରମିକ ଜାତି ଅପେକ୍ଷା କର୍ମଭିତ୍ତିକ ଜାତି ଶ୍ରେୟସ୍କର ଓ ଯୁକ୍ତିଯୁକ୍ତ । ଅନ୍ୟ ଏକ ଯୁକ୍ତି ହେଉଛି ଜାତିପ୍ରଥା ଇଚ୍ଛାକୃତଭାବେ ସୃଷ୍ଟି କରାଯାଇଛି । ଏହାର ସପକ୍ଷରେ ଐତିହାସିକ ସୂଚନା ମଧ୍ୟ ଅଛି । ଅନେକଙ୍କ ମତ ଯେ ଭାରତବର୍ଷରେ ଆର୍ଯ୍ୟ ଓ ଅନାର୍ଯ୍ୟ ବିବାଦରୁ ଜାତିପ୍ରଥାର ସୃଷ୍ଟି । ଅନେକ ଐହାସିକଙ୍କ ମତ ଯେ ଆର୍ଯ୍ୟମାନେ ବହିରାଗତ । ସେମାନେ ପର୍ଯ୍ୟାୟକ୍ରମେ ଆକ୍ରମଣକରି ସମଗ୍ର ଉତ୍ତର ଭାରତକୁ ଅଧିକାର କରି ନେଇଛନ୍ତି । ଏମାନେ ସିନ୍ଧୁସଭ୍ୟତାର ଧ୍ୱଂସସାଧନ କରିଥିଲେ । ଏହି ସମୟରେ ଜାତିପ୍ରଥା ନଥିଲା । ଆର୍ଯ୍ୟମାନଙ୍କ ପାଇଁ ସମସ୍ୟା ଥିଲା ମୂଳ ବାସୀନ୍ଦାମାନଙ୍କ ଏକତା । ବେଳେ ବେଳେ ଏମାନେ ଏକତାବଦ୍ଧ ଭାବେ ଆକ୍ରମଣ କରୁଥିଲେ ଓ ଆର୍ଯ୍ୟମାନଙ୍କୁ ବ୍ୟତିବ୍ୟସ୍ତ କରି ପକାଉଥିଲେ । ତେଣୁ ଏମାନଙ୍କ ଏକତାକୁ ନଷ୍ଟ କରିବା ଜରୁରୀ ଥିଲା । ଏକତା ଭଙ୍ଗପାଇଁ ଚତୁରତାର ସହିତ ଜାତି ବିଭାଜନର ସୃଷ୍ଟି କରାଯାଇଛି । ଯାହା ଏବେବି ବଳବତ୍ତର ରହିଛି । ଆଉ କେବେବି ଏମାନେ ଏକ ହୋଇ ନପାରିବାର ଏହା ଦୀର୍ଘସୂତ୍ରୀ ଯୋଜନା ବୋଲି ଏମାନେ ମତବ୍ୟକ୍ତ କରନ୍ତି ।

ଭାରତୀୟ ସଭ୍ୟତା ଆଗକୁ ବଢ଼ିଚାଲିଛି । ଜାତି ସୃଷ୍ଟି ସମ୍ବନ୍ଧରେ ଇତିହାସ କଣ କହୁଛି, ଏହାକୁ ନେଇ ଧାର୍ମିକ ଅବଧାରଣା କଣ ରହିଛି, ତାହା ଆଉ ବିଶେଷ ଗୁରୁତ୍ୱ ବହନ କରୁନାହିଁ । ଆମ ପାଇଁ ପ୍ରାଥମିକତା ହେଉଛି ସମାଜକୁ ଐକବଦ୍ଧ କରିବା । ସମାଜରେ ସମାନତା ସ୍ଥାପନ କରିବା । ଭାଇଚାରାକୁ ପ୍ରୋତ୍ସାହିତ କରିବା । ଜାତିପ୍ରଥା ଏ ସମସ୍ତ ମାନବୀୟ ଓ ମୋହନୀୟ ଗୁଣର ପରିପନ୍ଥୀ । ତେଣୁ ଏହାର ଉତ୍ପାଟନ ସମୟର ଆବଶ୍ୟକତା ଅଟେ । ହିନ୍ଦୁଧର୍ମର ମୂଳତତ୍ତ୍ୱରେ କେଉଁଠାରେ ବି ଜାତିବ୍ୟବସ୍ଥା ନାହିଁ । ପରେ ଏହାକୁ ସଂଯୋଗ କରାଯାଇଛି । ବଂଶାନୁକ୍ରମିକ ଜାତିବାଦ ଏକ ଅବାଞ୍ଛିତ ଦିଗ । ଏଥିପାଇଁ ଏକତା ଆସି ପାରୁନାହିଁ । ବିଭେଦ ଲାଗିରହିଛି । କିଛି ଲୋକ ଜାତି ନିର୍ଯାତନାର ଶୀକାର ହୋଇ ଭିନ୍ନ ଧର୍ମକୁ ପଳାଉଛନ୍ତି । ଏ ଦିଗରେ ଅନୁଶୀଳନର ଆବଶ୍ୟକତା ରହିଛି । ଧାର୍ମିକ ଆଦର୍ଶର ଉଚ୍ଚ ସୋପାନକୁ ଯିବାପାଇଁ ଜାତିପ୍ରଥାର ଉତ୍ପାଟନ ବର୍ତ୍ତମାନର ପରିପ୍ରେକ୍ଷୀରେ ଅତ୍ୟନ୍ତ ଜରୁରୀ ହୋଇପଡିଛି ପରି ମନେହୁଏ ।

# ନନ୍ଦନକାନନ ରାସ୍ତା ଆଠ ଲେନ୍ ହେଲେ ଟ୍ରାଫିକ ସମସ୍ୟା ଶେଷ ହେବ କି ?



ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ
ରିଟୟାର୍ଡ ଆଇ ଏ ଏସ, ନିଳାଦ୍ରି ବିହାର, ଭୁବନେଶ୍ୱର
ମୋ ୯୪୩୯୪୯୦୦୦୯.

ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତା ଆଜି ରାଜ୍ୟର ସର୍ବାଧିକ ଚାପପୂର୍ଣ୍ଣ ଯାତାୟାତ କରିଡୋର । ପ୍ରତିଦିନ ହଜାର ହଜାର ଗାଡ଼ିର ଚଳାଚଳ, ଟ୍ରାଫିକ ଜାମ୍, ଆପତକାଳୀନଂ ଆମ୍ବୁଲାନ୍ସ ଅଟକିଯିବା—ଏସବୁ ଏବେ ନିତ୍ୟଦିନର ଚିତ୍ର । ଏପରି ପରିସ୍ଥିତିରେ ଛଅ ଲେନ୍‌କୁ ଆଠ ଲେନ୍ କରିବା ପ୍ରସ୍ତାବ ନିଶ୍ଚୟ ଆକର୍ଷଣୀୟ । କିନ୍ତୁ ପ୍ରଶ୍ନ ହେଉଛି—ଏହା କି ସ୍ଥାୟୀ ସମାଧାନ, ନା କେବଳ ସ୍ୱଳ୍ପକାଳୀନ ଉପଶମ ? ଯାତାୟାତ ସମସ୍ୟା କେବଳ ରାସ୍ତାର ପ୍ରସ୍ଥ ସମସ୍ୟା ନୁହେଁ, ଏହା ଏକ ସହର ପରିକଳ୍ପନାର ସମସ୍ୟା । ଏହି କରିଡୋରର ଦୁଇ ପାର୍ଶ୍ୱରେ ଅନିୟନ୍ତ୍ରିତ ଆପାର୍ଟମେଣ୍ଟ, ବାଣିଜ୍ୟିକ ପ୍ରତିଷ୍ଠାନ ଓ ଘନବସତି ବୃଦ୍ଧି ପାଇଛି । FAR ୨ ରୁ ୭ କୁ ବୃଦ୍ଧି ଅର୍ଥାତ ସେଇ ଜମିରେ ଅଧିକ ଜନଘନତା, ଅଧିକ ଯାନ, ଅଧିକ ସେବାର ଚାହିଦା । କିନ୍ତୁ ସେହି ଅନୁପାତରେ ପାର୍କିଂ, ସର୍ଭିସ ରୋଡ୍, ସାମୂହିକ ପରିବହନ ଓ ନଗର ସେବା ବଢ଼ିନାହିଁ । ମୂଳ ସମସ୍ୟାର ଉତ୍ପତ୍ତି ଏଇଠି ।

ଯଦି ଅନିୟନ୍ତ୍ରିତ-ବିକାଶକୁ ଅକ୍ଷୁର୍ଣ୍ଣ ରଖି କେବଳ ରାସ୍ତା ଚଉଡା କରାଯାଏ, ତେବେ କିଛି ବର୍ଷ ପରେ ପୁଣି ସେଇ ଭିଡ଼ ଫେରିଆସିବ ନିଶ୍ଚୟ । ବିଶ୍ୱସ୍ତରର ଅନୁଭବ ଏହାକୁ ସତ୍ୟ ପ୍ରମାଣ କରିଛି । ପରିବହନ ବିଶେଷଜ୍ଞମାନେ ଏହାକୁ "Induced Demand" କୁହନ୍ତି—ରାସ୍ତା ବଢ଼ିଲେ ଆଉ ଅଧିକ ଗାଡ଼ି ଆପେଆପେ ଆସେ, ତେଣୁ କେବଳ ଲେନ୍ ବଢ଼ାଇବା ଉତ୍ତର ନୁହେଁ । "ବାଙ୍ଗାଲୋର" ଏହାର ସଦ୍ୟ ସତର୍କ ସୂଚନା । ଯୋଜନାହୀନ ବୃଦ୍ଧି, ଅପର୍ଯ୍ୟାପ୍ତ ଅନିୟନ୍ତ୍ରିତ ସହରୀ କରଣ ଓ ବିଳମ୍ବିତ ହସ୍ତକ୍ଷେପ, ଏହାକୁ ଯାତାୟାତ ଦୁର୍ଦ୍ଦଶାର ୨ ସହର କରିଦେଇଛି ।

ଭୁବନେଶ୍ୱରେ ଏ୨୨ସ୍ୱସ୍ୱ୨ହି ଭୁଲ ପୁନରାବୃତ୍ତି ନ ହେଉ ।୪

ଯେକୌଣସି ରାସ୍ତା ବିସ୍ତାର ପୂର୍ବରୁ Traffic Analysis, carrying capacity assessment ଓ ୫୦ ବର୍ଷର Vision Document ଆବଶ୍ୟକ । ଆଗାମୀ ଜନସଂଖ୍ୟା, ଯାନ ସଂଖ୍ୟା, ଜମି ବ୍ୟବହାର, ବାଣିଜ୍ୟିକ ଚାପ—ଏସବୁକୁ ଗଣନାରେ ନେଇ ପରିକଳ୍ପନା ହେବା ଦରକାର । କେବଳ ଆଜିର "ଜାମ୍" ଦେଖି ଆଜିର ଉପାୟ ନେଲେ, ଆସନ୍ତାକାଲିର ସମସ୍ୟା ଆହୁରି ଗଭୀର ହେବ ।

ଏହା ସହ ଜବରଦଖଲର ରୁକ୍ଷ ନିୟନ୍ତ୍ରଣ, ଅବୈଧ ପାର୍କିଂରେ ରୋକ, ନିର୍ମାଣ ଅନୁମୋଦନର କଠୋର ଅନୁପାଳନ ଓ mixed land-use ନୀତିର ପୁନଃସମୀକ୍ଷା ଆବଶ୍ୟକ । "Encroachment Prevention is better than Encroachment Eviction", ସହର ପରିଚାଳନାର ମୂଳ ନୀତି ହେବା ଉଚିତ । ସୁପ୍ରିମକୋର୍ଟଙ୍କ SLP ୮୦୪୪-୫୫/୨୦୨୫ ମାମଲାରେ ଗୃହ ନିର୍ମାଣ ଅନୁମୋଦନ ଓ ଉଲ୍ଲଂଘନ ଉପରେ ଚିନ୍ତା ପ୍ରକାଶ ଏହି ସମସ୍ୟାର ଗଭୀରତାକୁ ଉଜାଗର କରେ । ଏହା ସୂଚାଉଛି ଯେ ସହରୀକରଣ କେବଳ ଏକ ନିର୍ମାଣ ନୁହେଁ; ଏହା କଠୋର ଶାସନ, ନିୟନ୍ତ୍ରଣ ଓ ଅନୁପାଳନର ପ୍ରଶ୍ନ । ନିୟମ ତିଆରି ହେଲେ ହେବନାହିଁ; ସେଗୁଡ଼ିକର uncompromised ଅନୁପାଳନ ଆବଶ୍ୟକ । ସରକାର ଚାହିଁଲେ ଏହି ସମାଧାନକୁ ଅଧିକ ଫଳଦାୟକ କରିପାରନ୍ତି—ସର୍ଭିସ ରୋଡ୍, ଜଙ୍କସନ୍ ପୁନର୍ଡିଜାଇନ୍, ପାର୍କିଂ ପଲିସି, bus-based public transport, feeder connectivity, intelligent signals ଓ ବିକଳ୍ପ ସଂଯୋଗ ରାସ୍ତା ଯୋଡ଼ି । ଯଦି ଲୋକେ ସସ୍ତା, ନିର୍ଭରଯୋଗ୍ୟ ଓ ସୁବିଧାଜନକ ସାର୍ବଜନିକ ପରିବହନ ପାଇବେ, ବ୍ୟକ୍ତିଗତ ଗାଡ଼ିର ନିର୍ଭରତା ସ୍ୱତଃ କମିବ । ଭୁବନେଶ୍ୱରକୁ "ଜାମ୍"କରୁଥିବା କେବଳ ଏହି ଗୋଟିଏ ରାସ୍ତା ନୁହେଁ । ସହରର ରାସ୍ତା ନେଟୱର୍କ, ଜଙ୍କସନ୍‌ର ସୁନିୟନ୍ତ୍ରଣ, ଅବୈଧ ପାର୍କିଂ, ଜବରଦଖଲ ଓ ସାମୂହିକ ପରିବହନର ଦୁର୍ବଳତା—ସବୁ ମିଶି ସମସ୍ୟା ସୃଷ୍ଟି କରୁଛି । ତେଣୁ ସମାଧାନ ମଧ୍ୟ ସମନ୍ୱିତ ହେବା ଦରକାର । ଏଥିରେ ନାଗରିକ ସମାଜ, Architects, Town Planners ଓ ବିଶେଷଜ୍ଞଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସହର କେବଳ ସରକାରୀ ଫାଇଲରେ ଗଢ଼େନାହିଁ; ବିଚାର-ବିମର୍ଶ ଓ ଦୂରଦୃଷ୍ଟିରେ ଗଢ଼େ । ଶତାବ୍ଦୀ ଚିନ୍ତାର ସହରକୁ, ପଞ୍ଚବର୍ଷୀୟ ଚିନ୍ତାରେ ଚଳାଇଲେ ହେବନାହିଁ । ସ୍ଥାୟୀ ସମାଧାନ ରହିଛି—ନିୟନ୍ତ୍ରିତ ସହର ପରିକଳ୍ପନା, ଅକ୍ଷୁଣ୍ଣ ଅନୁପାଳନ, ଜବରଦଖଲର ପୂର୍ଣ୍ଣ ନିବାରଣ ଓ ସମନ୍ୱିତ ଯାତାୟାତ ନୀତିରେ ଆଠ ଲେନ୍ ଏକ ପଦକ୍ଷେପ ହୋଇପାରେ, କିନ୍ତୁ ସମାଧାନ ନୁହେଁ । ନଚେତ ରାସ୍ତା ବଡ଼ ହେବ, କିନ୍ତୁ ଭିଡ଼ ମଧ୍ୟ ବଡ଼ ହେବ ।

# ବିପଦରେ ଘରଚଟିଆ ଓ ସେମାନଙ୍କ ସଂରକ୍ଷଣ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ପ୍ରକୃତି ହେଉଛି ଆମ ବିଶ୍ୱର ସର୍ବଶ୍ରେଷ୍ଠ ସମ୍ପତ୍ତି । ଏହି ପ୍ରକୃତିର ଅଂଶ ଭାବରେ, ବିଭିନ୍ନ ପଶୁ, ପକ୍ଷୀ, ପ୍ରାଣୀ, ଉଦ୍ଭିଦ ବିଶ୍ୱର ସମନ୍ୱୟକୁ ସୁରକ୍ଷା ଦେଉଛନ୍ତି । ଏମାନଙ୍କ ମଧ୍ୟରେ, ଘରଚଟିଆ ଚଢ଼େଇ ଏକ ଛୋଟ କିନ୍ତୁ ବହୁତ ଉପଯୋଗୀ ପକ୍ଷୀ । ଦୁଃଖର ବିଷୟ, ଏହି ସାଧାରଣ ସୁନ୍ଦର ଛୋଟ ପକ୍ଷୀ ବିଲୁପ୍ତ ହେବାକୁ ବସିଛି । ଆମେ ଆମ ପିଲାଦିନେ ଆମ ଅଗଣାରେ, ବାରଣ୍ଡା ଏବଂ ଘର ପଛପଟରେ ଯେଉଁ ଚଢ଼େଇମାନଙ୍କ ସହିତ ଆମେ ମିଶୁଥିଲୁ, ଆଜି ତାହା ଆଉ ଦେଖାଯାଉନାହିଁ । ଏହା ପ୍ରକୃତି ପାଇଁ ଏକ ଗମ୍ଭୀର ସଙ୍କେତ । ଘରଚଟିଆ ଚଢ଼େଇ ଏକ ଛୋଟ ପକ୍ଷୀ ଯାହା ସାଧାରଣତଃ ମାନବ ବସତିରେ ବାସ କରେ । ଏହାର ଶରୀର ଛୋଟ ଏବଂ ଏହାର ରଙ୍ଗ ଧୂସର ଏବଂ ଧଳା ମିଶ୍ରଣ । ଏହା ସହଜରେ ମଣିଷ ସହିତ ମିଶିଯାଏ ଏବଂ ଘରର କୋଣରେ ବସା ତିଆରି କରେ ବିଶେଷ କରି ପୂର୍ବରୁ ହେଉଥିବା ଚାଳ କୁଡିଆ ଘରେ । ଏହି ଘରଚଟିଆ ଚଢ଼େଇମାନେ ଶସ୍ୟ, ଛୋଟ କୀଟପତଙ୍ଗ ଖାଆନ୍ତି । ପରିବେଶକୁ ସଫା ରଖିବା ଏବଂ କୃଷି କାର୍ଯ୍ୟରେ କୀଟପତଙ୍ଗ ନିୟନ୍ତ୍ରଣ କରିବାରେ ଏହି ଘରଚଟିଆ ମାନଙ୍କ ଭୂମିକା ବହୁତ ଉପଯୋଗୀ ।

ଘରଚଟିଆ ଚଢ଼େଇଙ୍କ ସଂଖ୍ୟାରେ ଦୈନନ୍ଦିନ ହ୍ରାସର ଅନେକ କାରଣ ଅଛି । ଯେପରିକି ବର୍ତ୍ତମାନ ଅତ୍ୟାଧୁନିକ ସମୟରେ ହଜାର ହଜାର ଗୃହ କଳ କାରଖାନା ନିର୍ମାଣର ନୂତନ ପଦ୍ଧତି । ପୂର୍ବରୁ, ଘରଗୁଡ଼ିକ କୁଡ଼ିଆ ଏବଂ କାଠରେ ତିଆରି ହେଉଥିଲା ଯେଉଁଥିରେ ସେମାନେ ବାସ କରୁଥିଲେ । ଆଜିର ସିମେଣ୍ଟ ଏବଂ କଂକ୍ରିଟ୍ ଘର ଗୁଡ଼ିକରେ ଏପରି ସ୍ଥାନର ଅଭାବ ଅଛି । ଆଧୁନିକ ଜୀବନଶୈଳୀ ଖାଦ୍ୟ ଅପଚୟକୁ ହ୍ରାସ କରିଛି ଏବଂ କୃଷିରେ ବିଷାକ୍ତ କୀଟନାଶକର ବ୍ୟବହାର ବୃଦ୍ଧି କରିଛି । ଏହା ଘରଚଟିଆ ଚଢେଇ ମାନଙ୍କ ଖାଦ୍ୟ ଯୋଗାଣକୁ ହ୍ରାସ କରିଛି । ଘରଚଟିଆ ଚଢେଇ ମାନଙ୍କ ସଂଖ୍ୟା ହ୍ରାସର ଏକ ମୁଖ୍ୟ କାରଣ ହେଉଛି ମୋବାଇଲ୍ ଟାୱାରରୁ ନିର୍ଗତ ବିକିରଣ । କିଛି ଅଧ୍ୟୟନରୁ ଜଣାପଡିଛି ଯେ ମୋବାଇଲ୍ ଟାୱାର ତରଙ୍ଗ ଘରଚଟିଆ ଚଢେଇର ପ୍ରଜନନକୁ ପ୍ରଭାବିତ କରୁଛି । ବାୟୁ ଏବଂ ଶବ୍ଦ ପ୍ରଦୂଷଣ ଘରଚଟିଆ ଜୀବନକୁ କଷ୍ଟକର କରିଦେଇଛି । ସହରୀକରଣ ଏବଂ ଜଙ୍ଗଲ କ୍ଷୟ ଗଛ ସଂଖ୍ୟା ହ୍ରାସ କରିଛି, ଘରଚଟିଆ ବସା ବାନ୍ଧିବା ସ୍ଥାନ ଏବେ ନାହିଁ । ଘରଚଟିଆ ଆମ ପରିବେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଘରଚଟିଆ ପରିବେଶଗତ ସନ୍ତୁଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସେମାନେ କୀଟପତଙ୍ଗ ଖାଇ ଚାଷୀମାନଙ୍କୁ ସାହାଯ୍ୟ କରନ୍ତି । ଘରଚଟିଆ ପ୍ରକୃତିର ଖାଦ୍ୟ ଶୃଙ୍ଖଳର ଅଂଶ ଭାବରେ ବିବେଚନା କରାଯାଏ ଏବଂ ପରିବେଶଗତ ସ୍ୱାସ୍ଥ୍ୟର ସୂଚକ ଭାବରେ ବିବେଚନା କରାଯାଏ । ସେମାନଙ୍କର କିଚିରିମିଚିରି ଶବ୍ଦ ମଣିଷକୁ ମନୋରଞ୍ଜନ ଏବଂ ଶାନ୍ତି ପ୍ରଦାନ କରେ । ଯଦି ଘରଚଟିଆ ଚଢ଼େଇ ସମ୍ପୂର୍ଣ୍ଣ ଭାବରେ ଲୋପ ପାଏ, ତେବେ ପରିବେଶ ଅବ୍ୟବସ୍ଥିତ ହୋଇପଡ଼ିବ ।

ଘରଚଟିଆ ଚଢ଼େଇ ସଂରକ୍ଷଣ ଆଜି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ଆମେ ଏବେ ସଚେତନ ହୋଇଯାଉ, ତେବେ ପରବର୍ତ୍ତୀ ପିଢ଼ି କେବଳ ପୁସ୍ତକରେ ଏହି ସୁନ୍ଦର ପକ୍ଷୀକୁ ଦେଖିବେ । ଏହା ପ୍ରକୃତିର ଯଥେଷ୍ଟ କ୍ଷତି କରିବ । ତେଣୁ, ଏହି ଛୋଟ ଚଢ଼େଇକୁ ବଞ୍ଚାଇବା ପାଇଁ ପଦକ୍ଷେପ ନେବା ନିତ୍ୟାନ୍ତ ଜରୁରୀ । ପ୍ରଥମେ, ଆମକୁ ସେମାନଙ୍କ ପାଇଁ ବାସସ୍ଥାନ ସୃଷ୍ଟି କରିବାକୁ ପଡିବ । ଘରର ଛାତ କିମ୍ବା କାନ୍ଥରେ ଛୋଟ ଗର୍ତ୍ତ କରିବା ଉଚିତ, ଯାହା ଦ୍ୱାରା ସେମାନଙ୍କୁ ସୁରକ୍ଷିତ ରହିବା ସ୍ଥାନ ମିଳିବ । ଆମକୁ ସେମାନଙ୍କ ପାଇଁ ଖାଦ୍ୟ ଏବଂ ପାଣିର ବ୍ୟବସ୍ଥା କରିବାକୁ ପଡିବ, ଯେପରି ଆମେ ଘର ସାମ୍ନାରେ ଖାଦ୍ୟ ଏବଂ ପାଣି ରଖିପାରିବା, ଯାହା ଚଢ଼େଇମାନଙ୍କୁ ଆକର୍ଷିତ କରିବ । କ୍ଷେତ ଏବଂ କୃଷି ଜମିରେ କୀଟନାଶକ ହ୍ରାସ କରିବାକୁ ପଡିବ, ବିଶେଷ କରି କୃଷିରେ ବିଷାକ୍ତ ରାସାୟନିକ ପଦାର୍ଥର ବ୍ୟବହାର ହ୍ରାସ କରିବାକୁ ପଡିବ । ପକ୍ଷୀମାନଙ୍କ ପାଇଁ ବାସସ୍ଥାନ ସୃଷ୍ଟି କରିବା ପାଇଁ ଅଧିକ ଛୋଟ ଛୋଟ ବୁଦା ଗଛ ଲଗାଇବାକୁ ପଡିବ । ଏହା ବ୍ୟତୀତ, ସରକାରଙ୍କୁ ଚଢ଼େଇଙ୍କ ଗୁରୁତ୍ୱ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବାକୁ ପଡିବ । ଚଢ଼େଇମାନଙ୍କୁ ସୁରକ୍ଷା ଦେବା ପାଇଁ ଜନସଚେତନତା ଆବଶ୍ୟକ । ବିଶେଷକରି, ମୋବାଇଲ୍ ଟାୱାର ନିର୍ମାଣକୁ ନିୟନ୍ତ୍ରଣ କରିବାକୁ ପଡିବ ଏବଂ ବିକିରଣ ହ୍ରାସ କରିବା ପାଇଁ ନିୟମ ପ୍ରଣୟନ କରିବାକୁ ପଡିବ । ଆମେ ଜାଣୁ ଯେ ସରକାର ଏବଂ ବିଭିନ୍ନ ପରିବେଶ ସଂଗଠନ ଘରଚଟିଆ ଚଢ଼େଇଙ୍କ ଗୁରୁତ୍ୱକୁ ସ୍ୱୀକାର କରି ସେମାନଙ୍କ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି । 'ବିଶ୍ୱ ଘରଚଟିଆ ଚଢ଼େଇ ଦିବସ' ପାଳନ କରି ଲୋକଙ୍କୁ ସେମାନଙ୍କ ବିଷୟରେ ସଚେତନ କରାଯାଉଛି । ଘରଚଟିଆ ଚଢେଇ ତଥା ପକ୍ଷୀ ସଂରକ୍ଷଣ ଅଭିଯାନ ମଧ୍ୟ ଚାଲିଛି । ତଥାପି, ଏହା ଯଥେଷ୍ଟ ନୁହେଁ । ସରକାରଙ୍କ ପକ୍ଷରୁ ଏହାର ଆହୁରି ଅଧିକ ପଦକ୍ଷେପ ଆବଶ୍ୟକ । ଘରଚଟିଆ ଚଢ଼େଇମାନେ ଆମ ଜୀବନର ଏକ ଅଂଶ ଥିଲେ, ଏବଂ ଆମେ ଧୀରେ ଧୀରେ ସେମାନଙ୍କୁ ହରାଉଛୁ । ସେମାନେ କେବଳ ପକ୍ଷୀ ନୁହଁନ୍ତି; ସେମାନେ ପ୍ରକୃତିର ସନ୍ତୁଳନର ପ୍ରତୀକ । ସେମାନଙ୍କର ସଂରକ୍ଷଣ ଆମର ଦାୟିତ୍ୱ । ଛୋଟ ଛୋଟ ପଦକ୍ଷେପ ନେଇ, ଆମେ ଏହି ଘରଚଟିଆ ପକ୍ଷୀକୁ ଆମ ଅଗଣାକୁ ଫେରାଇ ଆଣିପାରିବା । ଆସନ୍ତୁ ଆମେ ସମସ୍ତେ ମିଶି ଏହି ଘରଚଟିଆ ଚଢ଼େଇମାନଙ୍କୁ ସୁରକ୍ଷା ଦେବା ଏବଂ ପ୍ରକୃତିକୁ ସୁନ୍ଦର ରଖିବା ପାଇଁ କାମ କରିବା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy | E-mail : sambadkalikanews@gmail.com | City Office : Qtr No.-4R-12, Unit-IX (Flat), Bhubaneswar, Pin-751022 | ସମ୍ପାଦକ : ଜୟାଶୀଷ ରାୟ

# ଯା'ପାଇଁ ମନ ନିଇତି ଝୁରେ...

## ରାମଚନ୍ଦ୍ର ବେହେରା



ଯା'କୋଳେ ମୁହିଁ ଜନମ ନେଲି
ଯା'ହାତ ଧରି ଚାଲି ଶିଖିଲି
ମାଆ ସେ ଅଟେ ମୋର
ତା'ର ମମତା ସେନେହ ଶ୍ରଦ୍ଧା
ସବୁଠୁ ଆପଣାର।
ଯା'ପାଇଁ ମନ ନିଇତି ଝୁରେ
ଦେଖିଲେ ତାକୁ ମୋ ପେଟ ପୁରେ
ତା'ର ପଣତ କାନି
ପୋଛି ଦିଅଇ ସକଳ ଦୁଃଖ
ମୋ ମନ କଥା ଜାଣି।
ରୋଗ ବୈରାଗ ଯେବେ ଆସଇ
ଜଗି ରୁହେ ସେ ତଳେ ନଶୋଇ
ନିଘା ରଖଇ ମୋର
ମମତା ଭରା ତାହାରି ସେବା
କେ'ହେବ ତୁଲ ତା'ର।
ପରିବାରର ବୋଝ ମୁଣ୍ଡେଇ
ଘରକୁ ଯିଏ ସ୍ୱର୍ଗ ମଣଇ
ଶୁଣେ ସଭିଙ୍କ ଗାଳି
ଘର ହିତରେ ପ୍ରଭୁଙ୍କୁ ଡାକେ
ସଂଜ ସଳିତା ଜାଳି।
ତା ଗେହ୍ଲା ଡାକ ମିଠା ଆକଟ
ଦେଖାଏ ସଦା ସତର ବାଟ
ମାଆ ସେ ଅଟେ ମୋର
ମୁଁ ଖୁସି ହେଲେ ସେ ଖୁସି ହୁଏ
ହସେ ପରାଣ ତା'ର।
ଘର ପାଇଁ ଯେ ସହେ କଷଣ
ଦୁଃଖ ଛୁପେଇ କରେ କରମ
ଦେବା ତାହାଙ୍କୁ ମାନ
ତାଙ୍କରି ସେବା କରି ହରଷେ
ଜଗତେ ହେବା ଧନ୍ୟ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ସମର୍ପଣ

## ଡ. ଚନ୍ଦ୍ରକଳା ନାୟକ



ସେ ଆସିଲେ ଦେହ ଶିହରିତହୁଏ
ଭାବରେ ତରଙ୍ଗ ଖେଳେ
ନିର୍ଜୀବ ଶରୀରଟା ମନ୍ଦ ମନ୍ଦ ଲାଗେ
ଜୀବନରେ ହଠାତ ମଳୟ ବହେ
ତା ପଦଧ୍ୱନୀରେ ଛିଣ୍ଡିଯାଏ
ଶତଶତ କାରାଗାରର ରୁଦ୍ଧ ଥିବା ପ୍ରକୋଷ୍ଠ
ମୁଁ ବି ତ ଉନ୍ମୁକ୍ତ ହୋଇଉଠେ
ଅମାନିଆ ହୁଏ ବେଲଗାମ ମନ
ଠିକ ରଙ୍ଗୀନ୍ ପ୍ରଜାପତି ପରି ।
ମୁଁ ତ ତା ହାତ ଲେଖା କବିତାଟିଏ
ଖୁବ ସହଜିଆ ପଣରେ ନିଜକୁ ପଢିପାରେ
ସେଥିରେ ନଥାଏ ଅଛିଣ୍ଡା ଅଙ୍କର ଜଟିଳତା
ମୋ ନିଶ୍ୱାସରେ ଭରିଯାଏ ତାତି
ଅମାବାସ୍ୟାରେ ବି ଖେଳିଯାଏ ଚନ୍ଦ୍ରମାର ଜ୍ୟୋତି
ତା ସାନିଧ୍ୟରେ ଫୁଟିଉଠେ
ଲକ୍ଷେ କଦମ୍ବର ପୁଷ୍ପ
ଖେଳିଉଠେ ସ୍ୱର୍ଗ ପାରିଜାତ
ମୁଁ କିନ୍ତୁ ଅମାନିଆ ବିନ୍ଦୁଟିଏ
ଲୋଟିପଡେ ତା ଦେହ ଓ ମନରେ
ତାର ଶରୀରର ଶୂନଶାନ ଇଲାକାରେ
ମୋ ଲାଜର ଗହଣା ଭିତରେ
ସମପର୍ଣର ସବୁ ସମାହାରରେ।



*ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ,*
*ଛତିଆ, ଯାଜପୁର, ମୋ-୯୪୩୭୯୫୭୬୧୭*

# ବିଶ୍ୱାସ

## ତନିମା ବାଳା ପରିଡ଼ା



ବିଶ୍ୱାସ, ହୃଦୟ ଗହ୍ୱରୁ ଝରି ଆସୁଥିବା
ଏକ ଅମୀୟ ଧାରା ।
ନିସଂଶୟ ପ୍ରତ୍ୟୟ ସେ ଆଶ୍ୱସ୍ତି ଭରା ।
ଚହଟ ଚମ୍ପା, ମହକିତ ଏକ ଶାନ୍ତ ବିଭାବରୀ
ଯାହାର ସ୍ପର୍ଶରେ ଗହଳ ଅନ୍ଧାରେ
ସ୍ୱପ୍ନିଳ ଆଖି ଘୁମେଇପଡ଼େ
ଏକ ସତେଜ ସକାଳ ମୋହରେ ।

ବିଶ୍ୱାସ, ସେ ଏକ କଅଁଳ ଶିଶୁର ନିଷ୍କପଟ ହସ ।
ନଥାଏ ସେଥିରେ ଆପଣା ପରର ଭେଦ।
ତା ନିରୀହ ଚାହାଣି, ଦରୋଟି ଭାଷାରେ
ଭରିଥାଏ ତରଙ୍ଗାୟିତ ଆବେଗ
ଏକ କମନୀୟ ଆବେଶ ।

ବିଶ୍ୱାସ ଅସ୍ତଗାମୀ ସୂର୍ଯ୍ୟର ବିଦାୟୀ ବେଳାରେ
ଦେଇଥିବା ଏକ ପ୍ରତିଶ୍ରୁତି ପରି ।
ପୁନଶ୍ଚ ଫେରିବାକୁ ଉଦୟ ରାଗରେ
ଆଲୋକ ରାଶିର ସମ୍ଭାର ଧରି ।
ନାଉରି ଗୀତରୁ ଶୁଭେ ଏକ ଭରସାର ସ୍ୱର ।
ସେ ସଙ୍ଗୀତରେ ସମ୍ମୋହିତ ଯାତ୍ରୀର
ମନରେ ନଥାଏ ଉଛୁଳା ନଈକୁ ପାରିହେବା ପାଇଁ
ଝଡ଼ ଅବା ବତାସର ଡର ।



ଲାଗୁନି କି ଏବେ ଏମିତି, ଭରସା ଓ ବିଶ୍ୱାସ
ଅବକ୍ଷୟର ଧାରାରେ କ୍ଷୟ ହେଉଛି ?
କିଛି ସମ୍ପର୍କ ହେଉ ଅବା ବ୍ୟବସ୍ଥାରେ ଛଳନା ଓ
ପ୍ରତାରଣାର କଣ୍ଟକିନୀ ଶତାବରୀ ଆବୋରି ବସିଛି,
କ୍ଷତାକ୍ତ କରୁଛି , ଲହୁ ଲୁହାଣ କରୁଛି ।

ବି-୧୦୨,ସାଇ ଗାର୍ଡେନ ଆପାର୍ଟମେଣ୍ଟ,
ଶ୍ରୀ ବିହାର, ଚନ୍ଦ୍ରଶେଖରପୁର
ଭୁବନେଶ୍ୱର , ମୋ-୯୪୩୭୦୮୯୮୫୮

# ସ୍ୱରଲିପି

## ଦେବାଶିଷ ଚକ୍ରବର୍ତ୍ତୀ



ନିଦ
ନିଦର କୋଳରେ ଆସରା ପାଇଲେ
ଚିନ୍ତା, ଦକ ସିନା ଯାଏ ଉଭେଇ
ଜୀବନେ ଅନ୍ଧାର ଘୋଟିବ ନାହିଁ କି
ବିବେକ ଆମର ପଡ଼ିଲେ ଶୋଇ ?

ତଟିନୀ
ତପନ ତାପରେ ବେଳେ ବେଳେ ସିନା
ଶୁଖିଯାଏ ଗିରି ତଟିନୀ ଧାର
ଆପଣାପଣର ତଟିନୀ ଶୁଖଇ
ମଣିଷ ସାଜିଲେ ସ୍ୱାର୍ଥପର।

ଇଙ୍ଗିତ
ଯଦି ବିବେକର ଇଙ୍ଗିତକୁ କେହି
ମାନୁଥିବ ରହି ଅବିଚଳିତ
କୌଣସି କାମରେ ତାକୁ କେବେହେଲେ
ହେବାପାଇଁ ପଡିବ କି ଲଜ୍ଜିତ ?

ପରୀକ୍ଷା
ପରାଜୟରେ ଯେ କାତର ନହୋଇ
ସାଉଁଟି ପାରଇ ତହିଁରୁ ଶିକ୍ଷା
ବିଚଳିତ ସିଏ ହେବ କି କେବେହେଁ
ଆସିଲେ ବି ଯେତେବଡ ପରୀକ୍ଷା ?

ଗହଣା
ହୀରା, ନୀଳା, ମୋତି ଖଚିତ ଗହଣା
ନାଇଲେ ଦିଶିବ ସୁନ୍ଦର ସିନା
ସବୁଠୁ ସୁନ୍ଦର ଲାଗିବ ନାହିଁ କି
ନାଇଥିବ ଯଦି ଲାଜ ଗହଣା ?

*ମଣ୍ଡୁଆ, କେନ୍ଦୁଝର ଗଡ*
*ମୋ - ୯୪୩୭୭୫୨୩୯୫*

# // ଜୀବନ ଏମିତି //

## ସଂଯୁକ୍ତା ଦାଶ



କେବେ ଫୁଲ ଥିଲେ
ଜୁଡା ବାନ୍ଧିବାକୁ ସମୟ ନଥାଏ
କେବେ ଜୁଡା ଥିଲେ ଫୁଲ ନଥାଏ
କେବେ ପୁଣି ଜୁଡା ଫୁଲ ସବୁ ଥାଇ
ଇଛା ଟା ହଜି ଯାଇଥାଏ ।

କେବେ କଥା ଥାଏ
କହିବାକୁ ସମୟକୁ ନେହୁରା ହେଉଥାଏ
ଅଥଚ ମୁହୂର୍ତ୍ତ ମାନେ ଆପେ ଆପେ ଆସି
କାନିରେ ଗୁଡେଇ ହେଲା ବେଳେ
ସ୍ୱର ପେଟିକା ଶୂନ୍ୟ ହୋଇ ଯାଏ ।

କେବେ ଅପେକ୍ଷା ଥାଏ
ଅଥଚ ଇପସିତ ଅତିଥି ବାଟ ଭୁଲି ଯାଏ
କେବେ ବନ୍ଦ ଦରଜାରେ
କାହା କରାଘାତ କ୍ଳାନ୍ତ ହୋଇଯାଏ
ଅଥଚ ଦ୍ୱାରର ଦୂରତା ଅପହଞ୍ଚ ହୁଏ ।

କେବେ ଜୀବନ ପାତ୍ର
ପ୍ରାପ୍ତିରେ ଉଛୁଳିଲା ବେଳେ
ଆହୁରି କିଛି ଅତୃପ୍ତି ଆଖିକୁ ଅନ୍ଧ କରିଦିଏ
ଆଉ କେବେ ଜୀବନ ଆଞ୍ଜୁଳିରୁ
ମୁହୂର୍ତ୍ତ ମାନେ ଝର ଝର ଝରି ଗଲାବେଳେ
ସେଇ ଅବଶିଷ୍ଟ ମୁହୂର୍ତ୍ତର ଭଗ୍ନାଂଶ ମାନଙ୍କୁ
ମୁଠାରେ ବନ୍ଦୀ କରିବାକୁ
ବିକଳ ପ୍ରୟାସ ଜାରୀ ରହିଥାଏ

ମୋ : ୮୪୨୦୮୯୬୫୪୬

# ବୋଉ

## ରମାକାନ୍ତ ଦାସ



ଯା ସ୍ପର୍ଶରେ ମିଳେ ପୁରାଦିନ ଶାନ୍ତି
ଯା ପଣତେ ଖେଳଇ
କୋଟି ଈଶ୍ୱରଙ୍କ ଆଶିଷ ଢେଉ
ଯା କୋଳରେ ମିଳେ ସରଗର ଶାନ୍ତି
ସେ ପରା ମୋ ପ୍ରିୟ ବୋଉ ।।

ମମତାମୟୀ ସେ ସେନେହ ନଇ ସେ
ତା ପ୍ରତିଟି ରକ୍ତ ବିନ୍ଦୁରେ
ଗଢ଼ା ମୋ ସାରା ଶରୀର
ଅମୂଲ୍ୟ ପ୍ରେମର ପସରାଟେ ସିଏ
ଏ ପୃଥିବୀ ଶ୍ରେଷ୍ଠ ଅକ୍ଷର ।।

ସ୍ନେହ ଆଦରର ମହାସାଗର ସେ
ଆକାଶ ପରି ତା ଆଶ୍ରୟ ଛାତ
ସବୁ ଦୁଃଖ କଷ୍ଟ ଭୁଲିଯାଏ ମୁଁ
ସେ ଯେବେ ରଖେ ମୋ ମଥାରେ ହାତ ।।

ବିପଦେ ଆପଦେ ସୁଖରେ ଦୁଃଖରେ
ନ କହିବି ଜାଣିପାରେ
ମନ ବେଦନାର ବ୍ୟାଥା
ଧନ ବୋଲି କହି ଆଉଁସି ଦେଲେ ସେ
ଭରିଯାଏ ସବୁ ଶୂନ୍ୟତା
ପାଏ ମୁଁ ପୂର୍ଣ୍ଣ- ତୃପ୍ତତା ।।



ସତ୍ୟ, ଶାନ୍ତି, ମୈତ୍ରୀ, ପ୍ରୀତି ସେ
ଅଟେ ସେ ମମତାମୟୀ
ମମତା ପରଶେ ବାନ୍ଧି ରଖଇ ସେ
ମୋ ବୋଉ ପରି କେହି ନାହିଁ ।।

*ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର*
*ମୋ - ୯୬୬୮୮୧୫୩୬୯*

# ।। ପୁରୁଷର ପୀଡା ।।

## ସୁଜିତ କୁମାର ମିଶ୍ର

ନଈବଢି ପରି
ପୁରୁଷର ପୀଡା ତ
ଅବାଧ ହୋଇ ଜକେଇ ଆସିବା
ଏକ ପୁରୁଣା ଅଭ୍ୟାସ।

ତା ଆଖିର ଆଇନା
କୋଉକାଳୁ ଫଟାଫଟା
ଜହ୍ନରାତି, କଇଁଫୁଲ,
ଶରତ ସନ୍ଧ୍ୟା ଆଦି ଆଦି
ତା ପାଇଁ ମରୁବନ ଆଉ
ମରିଚୀକା,
ଅହରହ ପ୍ରେମର ସନ୍ଧାନରେ ଥିବା
ମଣିଷର ହୃଦୟରେ କିଏ
ଛିଞ୍ଚି ଚାଲିଥାଏ କେଜାଣି ରକ୍ତଛିଟା ।

ଛୁଞ୍ଚି ଫୋଡା ଜୀବନ
ଖୋଜୁଥାଏ ଚିଠିଟିଏ
ଯେମିତି ମାଟି ଖୋଜେ
ବର୍ଷାର ଭିଜାପଣ,
ଜଟିଳ ଅଙ୍କର ଭାଗଶେଷ ପରି
ଶେଷରେ ସେ ପ୍ରାପ୍ତି ହୁଏ ଅଲୋଡାପଣ,
ଉଦାସୀ ମନକୁ ଆଦରି ନେବାପାଇଁ
ଏଠି ମହଙ୍ଗା ବି ମନପକ୍ଷୀର ଉଡାଣ ।

ପୁରୁଷର ସତ୍ୟତାକୁ
ଏତେ ଅବିଶ୍ୱାସ କାହିଁକି ଯେ
ସେ କାହିଁକି ମୁଲଚାଲ ହୁଏ
ମାୟାର ଲୁହରେ,

ଅନ୍ଧ ତରାଜୁର ଅସମତୁଲ ନ୍ୟାୟ ହିଁ
ତା ପାଇଁ ଚିରକାଳ ଭବ୍ୟ,
କିଏ କିଏ ଲେଖିବ
ତା ପାଇଁ କରୁଣାର କାବ୍ୟ ?

ଗୋଟିଏ ଗଛ ପରି
ସେ ସବୁକିଛି ସମର୍ପି ଦେଇ
ସର୍ବସ୍ୱାନ୍ତର ଗଣ୍ଡିଟିଏ,
ଖାଲି ଜଳି ଜଳି ଯିବାକୁ ଅଛି
ଶମଶାନ ଯାଏ ।

ତା ଛାତିକୁ ବ୍ୟବଚ୍ଛେଦ କରି ଦେଖ
ସେ କେତେ ଶୀତଳ,
ସେ ଏମିତିକା ଦରଦୀ ବନ୍ଧୁ
ତାକୁ ମନା ଉଷୁମ ରକ୍ତର ଦ୍ରୋହ,
କାଶତଣ୍ଡୀର ଶୁଭ୍ରବସ୍ତ୍ର
ତା ହୃଦୟ ହେଲେବି
ସେ କେଜାଣି କାହିଁକି
ନିତି ପିଉଥାଏ ଆକଣ୍ଠ ହଳାହଳ,
ଘନଘନ ଅନ୍ଧକାର ଆଉ
ଅବରୁଦ୍ଧ ମୁକ୍ତିର ତାଡ଼ନାରେ
ସେ ଚାହିଁଥାଏ ଦୂର ଦିଗନ୍ତ ଜଳଜଳ।

ସଭିଙ୍କୁ କର୍ତ୍ତବ୍ୟର ଦ୍ୱାହିରେ
ପୂର୍ଣ୍ଣକୁମ୍ଭ କରି ସେ ସ୍ୱୟଂ ଅଧାଗଢା,
ପଥର ପ୍ରାଣକୁ ବୋହିବୋହି
ସଭିଏଁ ସପନ ମୁଖର ହେବାବେଳେ
ସେ ଅନନ୍ତ ଅସଜଡା।

ପୁରୁଣା ବହି ଘୁଣ ଖାଇବା ପରି
ତା ଜୀବନ ନୁହେଁକି ଏକ ବହି
ଯେଉଁଠି ଅନେକ ଚାଲି ଚାଲି
ତାକୁ ଛୁଏଁ ବରଗଛର ଛାଇ,
ପୁରୁଷ ତ ଭିନ୍ନ ଏକ କ୍ରାନ୍ତିର
ଉପେକ୍ଷିତ ନଈ ।

ରକ୍ଷିବା କଣ ଜାଣିନଥିବା ପୁରୁଷ
ଖୋଜିଚାଲିଛି ତା ବାସନ୍ତିକ ହସ ।

ତମାମ୍ ଜୀବନକୁ ପୁରୁଷ
ନଈକୂଳ କରିସାରିଥିବା ବେଳେ
ସେ ଏବେବି ଖୋଜିଚାଲିଛି
ତା ଜାଗା କୋହର ଅନ୍ଧକାରେ ।

ସାଲୁବାଲୁ ପୋକର ଯନ୍ତ୍ରଣାରେ
ମରୁଥିବା ପୁରୁଷଟିଏ
ତା ଛାତକୁ ଛାଉଣିବ କିଏ
କାନ୍ଥକୁ ରଙ୍ଗ କରିବ କିଏ ?



*ଜନାର୍ଦ୍ଦନପୁର ଶାସନ*
*କେନ୍ଦୁଝର*
*୭୬୮୩୮୬୭୭୪୨*



# ଶ୍ରମିକ

## ଡ. ଦୀପକ କୁମାର ମିଶ୍ର

ଭାରସାମ୍ୟ ହରେଇ
ଧକେଇଚାଲିଥିବା ଭରସାହୀନ ଜୀବନରେ
ବେଶୀ କିଛି ଫରକ୍ ନଥାଏ ଭାତ ଓ ଭୋକ ମଧ୍ୟରେ
ପାଟି ଓ ପେଟଙ୍କୁ ପଚାରିଲେ କହିବେ
ଆଖି ଓ ଆଘ୍ରାଣ ପାଇଁ ଏ ଦୁହିଁଙ୍କର ସଂଜ୍ଞା ପ୍ରାୟତଃ ସମାନ ।

ଦେହକୁ ନିତି ନିଲାମ ଡାକୁଥିବା ସକାଳର
କିଛିହେଲେ ସୂର୍ଯ୍ୟୋଦୟ ନଥାଏ
ରେଣୁ ରେଣୁ ପରମାୟୁର ଦୀର୍ଘାୟୁ କାମନା
କେବଳ ଏକ ଉଭଟ ମନବାଞ୍ଛାର କାର୍ପଣ୍ୟ କାମନା
ଏମିତି ବି କହିବାକୁ ଗଲେ
ଅଘଷା ମୁହଁରେ କିଏ ଅବା ଗାଏ
ମୁଜୁରାହୀନ ମେହେଫିଲ୍ ପାଇଁ ଖୁସିର କବାଲିଟିଏ ।



ଲୁହା, ଲହୁ ଓ ଲୁହର ମିଶ୍ରିତ ପ୍ରତିକ୍ରିୟାରେ
ଗଢ଼ାଯାଇଥିବା ବହୁତଳ ସୁରମ୍ୟ ପ୍ରାସାଦରେ
ତା'ର ପ୍ରବେଶ ନଥାଏ
ନିରୋଳା ଲମ୍ପଟ ତନୁତୀର୍ଥରୁ ମନକୁ କାଢ଼ି ଫୋପାଡ଼ିଲା ପରି
ମଦଗ୍ଲାସରୁ ମାଛିକୁ ଘଉଡ଼ାଇଲା ପରି
ତାକୁ ଫିଙ୍ଗାହୁଏ ତଳି ସଞ୍ଚଳରେ
ସନ୍ତାପର ସମସ୍ତ ସରଞ୍ଜାମ ଦେଇ ।

କାର୍ଲମାକ୍ସ କହିଲେ ଯେ ତାକୁ ଦିନେ ହରେଇବାକୁ ପଡ଼ିବ
ପିନ୍ଧିଥିବା ଲୁହାର ନିଶ୍ଚିତ ଶୃଙ୍ଖଳ
ହେଲେ ସେ ତ ହରେଇ ସାରିଲାଣି କେବେଠାରୁ
ଓଠର ହସ, ଆଖିର ବିଶ୍ୱାସ
ଆଉ ଦମ୍ ଭିଡୁଥିବା ହୃଦୟର ସବୁ ଦୀର୍ଘଶ୍ୱାସ ।

*ଭୁବନେଶ୍ୱର*
*ମୋ : ୮୨୮୦୨୧୧୦୦୦*

# ବେଙ୍ଗାଲୁରୁ ବଦଳରେ ଅହମ୍ମଦାବାଦରେ ହେବ ଆଇପିଏଲ୍ ଫାଇନାଲ

**ନୂଆଦିଲ୍ଲୀ**

ଆଇପିଏଲ-୧୯ର ପ୍ଲେଅଫ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ମେ' ୨୬ରୁ ୩୧ ପର୍ଯ୍ୟନ୍ତ ପ୍ଲେଅଫ୍ ଖେଳାଯିବ। ପୂର୍ବରୁ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଫାଇନାଲ ଖେଳାଯିବାର ଥିଲା। ଏଥର କିନ୍ତୁ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଘୋଷିତ ପ୍ଲେଅଫ କାର୍ଯ୍ୟସୂଚୀରୁ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌କୁ ବାଦ୍ ଦିଆଯାଇଛି। ବେଙ୍ଗାଲୁରୁ ବଦଳରେ ମେ' ୩୧ରେ ବିଶ୍ୱର ସର୍ବବୃହତ୍ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଫାଇନାଲ ଖେଳାଯିବ। କ୍ରମାଗତ ଦ୍ୱିତୀୟ ଥର ପାଇଁ ଅହମ୍ମଦାବାଦ ଆଇପିଏଲ ଫାଇନାଲ ଆୟୋଜନ କରିବ।

ସାଧାରଣତଃ ଆଇପିଏଲ୍ ଫାଇନାଲ ପୂର୍ବ ବର୍ଷ ଟ୍ରଫି ଜିତିଥିବା ଦଳର ଘରୋଇ ପଡ଼ିଆରେ ଖେଳାଯାଏ। ୨୦୨୫ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଆଇପିଏଲ୍ ଜିତିଥିଲା। ତେଣୁ



ଆଇପିଏଲ-୨୦୨୬ର ଫାଇନାଲ ବେଙ୍ଗାଲୁରୁରେ ଖେଳାଯିବା କଥା। ହେଲେ ରାଜନୈତିକ କାରଣରୁ ବେଙ୍ଗାଲୁରୁରୁ ଫାଇନାଲ ମ୍ୟାଚ୍ ଅହମ୍ମଦାବାଦ୍‌କୁ ସ୍ଥାନାନ୍ତରିତ କରାଯାଇଛି। ବିସିସିଆଇ ଘୋଷଣା କରିଛି; କର୍ଣ୍ଣାଟକ କ୍ରିକେଟ୍ ଆସୋସିଏସନ୍ (କେଏସ୍‌ସିଏ) ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଆବଶ୍ୟକତା ପୂରଣ କରିବା ବିସିସିଆଇ ପ୍ରତିଷ୍ଠିତ ମାର୍ଗଦର୍ଶିକାର ପରିପନ୍ଥୀ। ଫଳରେ ଫାଇନାଲକୁ ଆମେ ସ୍ଥାନାନ୍ତର କରୁଛୁ। ୨୦୨୫ରେ ଖରାପ ପାଣିପାଗ ଯୋଗୁ କଲକାତାର ଇଡେନ ଗାର୍ଡେନ୍‌ସ ବଦଳରେ ଅହମ୍ମଦାବାଦରେ ଫାଇନାଲ ଖେଳା ଯାଇଥିଲା। ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଆଇପିଏଲର ପ୍ଲେଅଫ୍ ଓ ଫାଇନାଲ ମ୍ୟାଚ ଲାଗି କର୍ଣ୍ଣାଟକର ଉପ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ରାଜ୍ୟର ସମସ୍ତ ୨୨୪ ବିଧାୟକ, ୭୫ ବିଧାନ ପରିଷଦ ସଦସ୍ୟ, ୨୮ ଲୋକସଭା ସାଂସଦ ଓ ୧୨ ଜଣ ରାଜ୍ୟସଭା ସାଂସଦଙ୍କୁ ୩ଟି ଲେଖାଏଁ ଭିଆଇପି ପାସ୍ ଦେବାକୁ ଦାବି କରିଥିଲେ।

ଉକ୍ତ ଦାବିକୁ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ସଂଘ ଓ ବିସିସିଆଇ ଗ୍ରହଣ କରିନଥିଲା। ଯାହା ପରେ ଆଇପିଏଲ୍ ଫାଇନାଲ ବେଙ୍ଗାଲୁରୁ ବଦଳରେ ଅହମ୍ମଦାବାଦକୁ ବିସିସିଆଇ ସ୍ଥାନାନ୍ତର କରିଛି। ପ୍ଲେଅଫ କାର୍ଯ୍ୟସୂଚୀ ଅନୁଯାୟୀ, ପ୍ରଥମ କ୍ୱାଲିଫାୟର ମେ' ୨୬ରେ ଧର୍ମଶାଳାରେ ପଏଣ୍ଟ ଟେବୁଲର ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଥିବା ଦଳ ମଧ୍ୟରେ ଖେଳାଯିବ। ଏହାର ବିଜେତା ଦଳ ସିଧାସଳଖ ଫାଇନାଲ ଖେଳିବ। ମେ' ୨୭ରେ ମୁଲାନପୁରରେ ଏଲିମିନେଟର ଟେବୁଲର ତୃତୀୟ ଓ ଚତୁର୍ଥ ସ୍ଥାନ ଦଳ ମଧ୍ୟରେ ଖେଳାଯିବ। ପରାଜିତ ଦଳ ବିଦାୟ ନେବ। କ୍ୱାଲିଫାୟର-୧ର ପରାଜିତ ଦଳ ଓ ଏଲିମିନେଟର ମ୍ୟାଚ୍‌ର ବିଜେତା ଦଳ ମଧ୍ୟରେ କ୍ୱାଲିଫାୟର-୨ ଖେଳାଯିବ।

# ରବିବାର ଆରସିବି ବିପକ୍ଷ ମ୍ୟାଚ୍ ଖେଳିବେ ହାର୍ଦ୍ଦିକ ପାଣ୍ଡ୍ୟା

**ରାୟପୁର**



ପିଠିରେ ଯନ୍ତ୍ରଣା ଯୋଗୁ ଲକ୍ଷ୍ନୌ ବିପକ୍ଷ ମ୍ୟାଚ୍‌ରୁ ବାଦ୍ ପଡ଼ିଥିବା ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଏବେ ସମ୍ପୂର୍ଣ୍ଣ ଫିଟ୍‌ଥିବା ଜଣାପଡ଼ିଛି। ରବିବାର ଦିନ ରଜତ ପାଟିଦାରଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରୁ ସେ ଦଳର ନେତୃତ୍ୱ ନେବେ।

ବୁଧବାର ଦିନ ମୁମ୍ବାଇ ଇଣ୍ଡିଆନ୍ସର ଖେଳାଳିମାନେ ରାୟପୁର ଗସ୍ତ କରିଥିବା ବେଳେ ହାର୍ଦ୍ଦିକ ସେମାନଙ୍କ ସହ ନ ଥିଲେ। ଏହାକୁ ନେଇ ସେ ଆଗାମୀ ମ୍ୟାଚ୍ ଖେଳିବେ କି ନାହିଁ, ସେ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। କିନ୍ତୁ ସଦ୍ୟତମ ସୂଚନା ଅନୁଯାୟୀ, ହାର୍ଦ୍ଦିକଙ୍କ ସମେତ ଅନ୍ୟ କିଛି ଖେଳାଳି ବିଳମ୍ବରେ ଦଳ ସହ ଯୋଗ ଦେବେ।

ମୁମ୍ବାଇ ଦଳ ୧୦ ମ୍ୟାଚ୍ ଖେଳିଥିବା ବେଳେ ୩ଟିରେ ବିଜେତା ହୋଇଛନ୍ତି। ସେହିଭଳି ୭ଟିରେ ପରାଜିତ ହୋଇଛନ୍ତି। ଏବେ ଦଳ ପଏଣ୍ଟ ତାଲିକା ୯ମ ସ୍ଥାନରେ ଅଛନ୍ତି। ପ୍ଲେ-ଅଫ ଦୌଡ଼ରେ ରହିବାକୁ ହେଲେ ମୁମ୍ବାଇକୁ ଏବେ ପ୍ରତିଟି ମ୍ୟାଚ୍ ଜିତିବାକୁ ପଡ଼ିବ। ରୋହିତ ଶର୍ମା ଏବଂ ରିକଲଟନଙ୍କ ଭଲ ଫର୍ମ ଦଳ ପାଇଁ ଏକ ସକାରାତ୍ମକ ଦିଗ ସାଜିଛି।

ଚଳିତ ସିଜନରେ ହାର୍ଦ୍ଦିକ ଉଭୟ ବ୍ୟାଟିଂ ଓ ବୋଲିଂରେ ବିଫଳ ହୋଇଛନ୍ତି। ୮ଟି ମ୍ୟାଚ୍‌ରେ ମାତ୍ର ୧୪୬ ରନ୍ (ହାର ୨୦.୮) କରିଛନ୍ତି। ୮ଟି ମ୍ୟାଚ୍‌ରେ ମାତ୍ର ୪ଟି ଉଇକେଟ ଏବଂ ୧୧.୯ ଇକୋନୋମି ରେଟ୍‌ରେ ରନ ଦେଇଛନ୍ତି।

ଲକ୍ଷ୍ନୌ ବିପକ୍ଷ ମ୍ୟାଚ୍‌ରେ ତାଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଥିଲା, କିନ୍ତୁ ଆରସିବି ବିପକ୍ଷ କର ବା ମର ମ୍ୟାଚ୍ ପାଇଁ ସେ ପଡ଼ିଆକୁ ଓହ୍ଲାଇବା ଏକ ପ୍ରକାର ନିଶ୍ଚିତ ହୋଇଛି।

# ଅଷ୍ଟ୍ରେଲିଆ ବିପକ୍ଷ ୧୮ବର୍ଷରୁ କମ୍ ହକି ଶୃଙ୍ଖଳା ଲାଗି ଦଳ ଘୋଷିତ

**ଭୁବନେଶ୍ୱର**

ଭୋପାଳର ଉଦ୍ଧବ ଦାସ ମେହଟ୍ଟା ସାଇ କେନ୍ଦ୍ରଠାରେ ଚଳିତ ମେ' ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ୧୮ବର୍ଷରୁ କମ୍ ବାଳକ ଓ ବାଳିକା ହକି ଶୃଙ୍ଖଳା ଲାଗି ଗୁରୁବାର ଭାରତୀୟ ଦଳ ଘୋଷଣା କରିଛି ହକି ଇଣ୍ଡିଆ। ଉଭୟ ଦଳରେ ୨୪ଜଣ ଲେଖାଏଁ ଖେଳାଳି ସ୍ଥାନ ପାଇଛନ୍ତି। ଓଡ଼ିଶା ହକି ପାଇଁ ଅନ୍ୟତମ ବଡ଼ ଖୁସି ଖବର ଭାବେ ରାଜ୍ୟ ମହିଳା ହକିର ଉଦୀୟମାନ ତାରକା ସ୍ୱିଟି କୁଜୁର ଏହି ଶୃଙ୍ଖଳା ଲାଗି ଭାରତୀୟ ଦଳର ଅଧିନାୟିକା ନିଯୁକ୍ତ ହୋଇଛନ୍ତି। ତା' ଛଡ଼ା ରୁବିନା ବାସ୍କଲା, କିରଣ ଏକ୍କା, ପ୍ରିୟଙ୍କା ମିଞ୍ଜ୍ ଓ ପ୍ରିନ୍‌ସେସ୍‌ପ୍ରିୟା ଏକ୍କାଙ୍କ ଭଳି ଓଡ଼ିଆ ଖେଳାଳି ମଧ୍ୟ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ସେହିଭଳି ଭାରତୀୟ ୧୮ବର୍ଷରୁ କମ୍ ବାଳକ ଦଳରେ ଓଡ଼ିଶାର ବିଶାଳ ବାଡ଼, ଦୀପକପ୍ରକାଶ ଟପ୍ପୋ ଓ ଅମନ ସୋରେଙ୍ଗଙ୍କୁ ମଧ୍ୟ ଭାରତୀୟ ଦଳରେ ସୁଯୋଗ ମିଳିଛି। ଏହି ଶୃଙ୍ଖଳାର ଉଭୟ ବର୍ଗରେ ଚାରିଟି ଲେଖାଏଁ ମ୍ୟାଚ୍ ଖେଳାଯିବ। ଯାହା ଜାପାନରେ ଖେଳାଯିବାକୁ ଥିବା ୧୮ବର୍ଷରୁ କମ୍ ଏସିଆ କପ୍ ଲାଗି ପ୍ରସ୍ତୁତି କରିବାର ବଳିଷ୍ଠ ମଞ୍ଚ ପାଲଟିବ।

ବାଳିକା ଦଳ : ଗୋଲ୍‌ରକ୍ଷକ-ମହକ ପରିହାର, ହାରି, ଝିଲି କୁମାରୀ, ରକ୍ଷଣଭାଗ- ସୁଗାନ ସାଙ୍ଗା, ନିଲମ ଟପ୍ପୋ, ରୁବିନା ବାସ୍କଲା, କିରଣ ଏକ୍କା, ଦିବ୍ୟା ଯାଦବ, ସୁଲୋଚନୀ, ମଧ୍ୟଭାଗ- ଶ୍ରୁତି କୁମାରୀ, ଦିୟା, ହର୍ଷିତା, ରଶ୍ମିନ କୌର, ଲାମିଙ୍ଗାବି ଆକୋଇଜାମ, ନାନ୍‌ସୀ ସରୋହା, ତଙ୍ଗବ୍ରାମ ଲଞ୍ଜେବୀ ଦେବୀ, ସ୍ନେହା ହାଉଡେ, ଅଗ୍ରଭାଗ- ନୌସିନ ନାଜ, ସ୍ୱିଟି କୁଜୁର (ଅଧିନାୟିକା), ପ୍ରିୟଙ୍କା ମିଞ୍ଜ୍, ସନ୍ଦୀପା କୁମାରୀ, ନାମି ଗୀତାଶ୍ରୀ, ପ୍ରିନ୍‌ସେସ୍ ପ୍ରିୟା ଏକ୍କା, ପୁଷ୍ପା ମାଝୀ।

ବାଳକ ଦଳ: ଗୋଲ୍‌ରକ୍ଷକ-ସାଓ୍ୱନ କୁମାର, ଆୟୁଷ ରଜକ, ବିଶାଳ ବଡ଼ା, ରକ୍ଷଣଭାଗ- ଅଂଶ ବହୁତ୍ରା, ଆଶିଷ ତାନି ପୂର୍ତ୍ତି, ଅମନ ସୋରେଙ୍ଗ, ଦୀପକ ପ୍ରକାଶ ଟପ୍ପୋ, କରଣ ଗୌତମ, କରଣ ଧନୁକ, ମଧ୍ୟଭାଗ- ପ୍ରମଚାନ୍ଦ ସଏ, ରାହୁଲ ଯାଦବ, ବାରିନ୍ଦର ସିଂହ, ରୋମିତ ପାଲ, ଅର୍ଜନଦୀପ ସିଂହ, ଗୁରସିମରନ୍‌ପ୍ରୀତ ସିଂହ, ଅର୍ଶଦୀପ ସିଂହ, ଅଭି ମାଣିକପୁରୀ, ଅଗ୍ରଭାଗ- ଆକାଶ ଦୀପ, କେତନ କୁଶଓ୍ୱାହା (ଅଧିନାୟକ), ଶାହରୁଖ ଅଲୀ, ଗାଜୀ ଖାନ, ପ୍ରହଲ୍ଲାଦ ରାଜଭର, ସିଦ୍ଧାର୍ଥ ବେନ୍, ଜୟସାନ କନ୍ଦୁଲା।

# ମାତ୍ର ୩୬ ବର୍ଷ ବୟସରେ ଦୁନିଆକୁ ଅଲବିଦା କହିଲେ ଅମନପ୍ରୀତ ସିଂହ ଗିଲ

**ଚଣ୍ଡିଗଡ଼**

ପୂର୍ବତନ ପଞ୍ଜାବ କ୍ରିକେଟର ଅମନପ୍ରୀତ ସିଂହ ଗିଲ୍‌ଙ୍କ ୩୬ ବର୍ଷ ବୟସରେ ଚଣ୍ଡିଗଡ଼ରେ ପରଲୋକ ଘଟିଛି। ତାଙ୍କ ମୃତ୍ୟୁ ଘରୋଇ କ୍ରିକେଟ ଜଗତରେ ଶୋକର ଛାୟା ଖେଳିଛି। ସେ ଜଣେ ମିଡିୟମ ପେସର ବୋଲର ଥିଲେ। ଗିଲ୍ ଭାରତର ଅନେକ ମହାନ କ୍ରିକେଟରଙ୍କ ସହ ଡ୍ରେସିଂ ରୁମ୍ ଶେୟାର କରିଥିଲେ ଏବଂ ତାଙ୍କୁ ପଞ୍ଜାବ କ୍ରିକେଟର ଜଣେ ଉତ୍ସର୍ଗୀକୃତ ଏବଂ ବିନମ୍ର ଖେଳାଳି ଭାବରେ ବିବେଚନା କରାଯାଉଥିଲା।

ଗିଲ୍ ତାଙ୍କ କ୍ୟାରିଅରରେ ପଞ୍ଜାବ ପାଇଁ ୬ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିଲେ। ସେ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ପ୍ରଥମ ସଂସ୍କରଣରେ କିଙ୍ଗ୍‌ସ ଇଲେଭେନ ପଞ୍ଜାବ ପାଇଁ ମଧ୍ୟ ଖେଳିଥିଲେ। ଖେଳରୁ ଅବସର ନେବା ପରେ ମଧ୍ୟ ସେ କ୍ରିକେଟରେ ଜଡ଼ିତ ରହିଥିଲେ। ପଞ୍ଜାବ ସିନିୟର ଚୟନ କମିଟିର ସଦସ୍ୟ ଭାବରେ କାର୍ଯ୍ୟ କରୁଥିଲେ।

ପଞ୍ଜାବ କ୍ରିକେଟ ଆସୋସିଏସନ ଶୋକ ପ୍ରକାଶ କରି ଏବଂ ପଞ୍ଜାବ କ୍ରିକେଟରେ ତାଙ୍କର ଦୀର୍ଘକାଳୀନ ଅବଦାନକୁ ମନେ ରଖି ଏକ ସରକାରୀ ବିବୃତ୍ତି ଜାରି କରିଛି। ପଞ୍ଜାବ କ୍ରିକେଟ ଆସୋସିଏସନ କହିଛି ଯେ, ଗିଲ 'ସମର୍ପଣ ଏବଂ ଆଗ୍ରହ' ସହିତ ପଞ୍ଜାବ କ୍ରିକେଟର ସେବା କରିଥିଲେ ଏବଂ ଭାରତ ଅଣ୍ଡର-୧୯, ପଞ୍ଜାବ ଦଳ ଏବଂ କିଙ୍ଗ୍‌ସ ଇଲେଭେନ ପଞ୍ଜାବର ପ୍ରତିନିଧିତ୍ୱ କରିଥିଲେ।

ପୂର୍ବତନ ଭାରତୀୟ ଅଲରାଉଣ୍ଡର ଯୁବରାଜ ସିଂହ ମଧ୍ୟ ତାଙ୍କ ପୂର୍ବତନ ସାଥୀ ଏବଂ ବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସୋସିଆଲ ମିଡିଆରେ ଏକ ଭାବପ୍ରବଣ ବାର୍ତ୍ତା ଶେୟାର କରି ଯୁବରାଜ ସିଂହ ଗିଲ୍‌ଙ୍କୁ ଜଣେ ଶାନ୍ତ ଏବଂ ପରିଶ୍ରମୀ କ୍ରିକେଟର ଭାବରେ ବର୍ଣ୍ଣନା କରିଛନ୍ତି।




# ଅଷ୍ଟ୍ରେଲିଆ ଦଳ ପାକିସ୍ତାନ ଗସ୍ତ କରିବ, ଖେଳିବ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜ୍




**ଇସଲାମାବାଦ**

ଅଷ୍ଟ୍ରେଲିଆ କ୍ରିକେଟ୍ ଦଳ ପାକିସ୍ତାନ ଗସ୍ତ କରିବ, ଯେଉଁଠାରେ ଦୁଇ ଦଳ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜ୍ ଖେଳିବେ। ସିରିଜର ପ୍ରଥମ ମ୍ୟାଚ୍ ମେ' ୩୦ ତାରିଖରେ ରାଓ୍ୱଲପିଣ୍ଡି କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ।

ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଅନୁଯାୟୀ, ଅଷ୍ଟ୍ରେଲିଆ ଦଳ ମେ' ୨୩ ତାରିଖରେ ଇସଲାମାବାଦରେ ପହଞ୍ଚିବ। ସିରିଜର ଦ୍ୱିତୀୟ ଏବଂ ତୃତୀୟ ଦିନିକିଆ ଯଥାକ୍ରମେ ଜୁନ ୨ ଏବଂ ୪ ତାରିଖରେ ଲାହୋରର ଗଦ୍ଦାଫି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଅଷ୍ଟ୍ରେଲିଆ ଚଳିତ ବର୍ଷ ଜାନୁଆରୀରେ ପାକିସ୍ତାନ ଗସ୍ତ କରିଥିଲା, ଯେଉଁଠାରେ ଦୁଇ ଦଳ ତିନି ମ୍ୟାଚ୍ ବିଶିଷ୍ଟ ଟି୨୦ ଅନ୍ତର୍ଜାତୀୟ ସିରିଜ୍ ଖେଳିଥିଲେ। ଏହା ବ୍ୟତୀତ, ଅଷ୍ଟ୍ରେଲିଆ ଦଳ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ସମସ୍ତ ଗ୍ରୁପ୍ ମ୍ୟାଚ୍ ମଧ୍ୟ ପାକିସ୍ତାନରେ ଖେଳିଥିଲା, ଯଦିଓ ଏହି ମ୍ୟାଚ୍ ମଧ୍ୟରୁ ଦୁଇଟି ବର୍ଷା ଯୋଗୁଁ ଧୋଇ ଯାଇଥିଲା। ଅନେକ ବରିଷ୍ଠ ଅଷ୍ଟ୍ରେଲିଆ ଖେଳାଳି ଏହି ଦିନିକିଆ ସିରିଜ୍ ହରାଇବାର ସମ୍ଭାବନା ଅଛି। ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ସମେତ କିଛି ଖେଳାଳି ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ବ୍ୟସ୍ତ ରହିବେ, କାରଣ ଏହି ସିରିଜ୍ ଆଇପିଏଲ୍‌ର ଶେଷ ପର୍ଯ୍ୟାୟ ସହିତ ଟକ୍କର ଦେବ। କ୍ରିକେଟ୍ ଅଷ୍ଟ୍ରେଲିଆ ସ୍ପଷ୍ଟ କରିଛି ଯେ ଆଇପିଏଲ୍‌ରେ ଅଂଶଗ୍ରହଣ କରୁଥିବା ଖେଳାଳିମାନଙ୍କୁ ସେମାନଙ୍କର ଫ୍ରାଂଚାଇଜ୍ ଚୁକ୍ତି ପୂରଣ କରିବାକୁ ଅନୁମତି ଦିଆଯିବ। ଗତ ବର୍ଷ ଅକ୍ଟୋବରରେ ଭାରତ ବିପକ୍ଷରେ ଘରୋଇ ଦିନିକିଆ ସିରିଜ୍ ଖେଳିବା ପରେ ଏହା ଅଷ୍ଟ୍ରେଲିଆର ପ୍ରଥମ ଦିନିକିଆ ସିରିଜ୍ ହେବ। ପାକିସ୍ତାନ ଗସ୍ତ ପରେ, ଅଷ୍ଟ୍ରେଲିଆ ଦଳ ଜୁନ୍ ୯ ତାରିଖରୁ ବାଂଲାଦେଶ ଯାତ୍ରା କରିବ, ଯେଉଁଠାରେ ସେମାନେ ଏକ ସମସ୍ତ ଫର୍ମାଟ୍ ସିରିଜ୍ ଖେଳିବେ। ଏହି ସମୟରେ, ପାକିସ୍ତାନ ଦଳ ସମ୍ପ୍ରତି ବାଂଲାଦେଶ ବିପକ୍ଷରେ ଦିନିକିଆ ସିରିଜ୍ ୨-୧ ରେ ହାରିଛି। ପାକିସ୍ତାନ ସୁପର ଲିଗ୍ ଶେଷ ହେବା ପରେ, ଦଳ ଦୁଇଟି ଟେଷ୍ଟ ସିରିଜ୍ ପାଇଁ ବାଂଲାଦେଶ ଫେରିବ।

# ଆରମ୍ଭ ହେଲା ୭ମ ରାଜ୍ୟସ୍ତରୀୟ ୱାକୋ ଓଡ଼ିଶା କିକ୍ ବକ୍ସିଂ ଚାମ୍ପିୟନସିପ୍

**ଗଞ୍ଜାମ**

ଗଞ୍ଜାମ ସହରସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଗୁରୁବାର ୭ମ ୱାକୋ ଓଡ଼ିଶା ଷ୍ଟେଟ୍ କିକ୍ ବକ୍ସିଂ ଚାମ୍ପିୟନସିପ୍ ଆରମ୍ଭ ହୋଇଛି। ଆମେଚର ଗଞ୍ଜାମ ଜିଲ୍ଲା କିକ୍ ବକ୍ସିଂ ଆସୋସିଏସନ ପକ୍ଷରୁ ଆୟୋଜିତ ଏହି ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ବୃହତ୍ କ୍ରୀଡ଼ା ମହାକୁମ୍ଭରେ ରାଜ୍ୟର ୨୩ଟି ଜିଲ୍ଲା, ୨ଟି ପ୍ରତିଷ୍ଠିତ ଏକାଡେମୀରୁ ପ୍ରାୟ ୬୬୦ରୁ ଅଧିକ ପ୍ରତିଯୋଗୀ ଏବଂ ୫୦ରୁ ଊର୍ଦ୍ଧ୍ୱ ଅଫିସିଆଲ ଅଂଶଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ପ୍ରେସ୍ ବିବୃତ୍ତିରେ ଆସୋସିଏସନ୍‌ର ରାଜ୍ୟ ଯୁଗ୍ମ ସମ୍ପାଦକ ରଞ୍ଜନ ସୂତାର, ଅର୍ଗାନାଇଜିଙ୍ଗ ସମ୍ପାଦକ କୃଷ୍ଣଚନ୍ଦ୍ର ଡାକୁଆ, ଏବଂ ଜିଲ୍ଲା ସମ୍ପାଦକ ପ୍ରମୋଦ କୁମାର ଆପତେଙ୍କ ସମେତ




ଆଦିତ୍ୟ ମହାପାତ୍ର, ସରୋଜ ଦାସ, ପ୍ରଶାନ୍ତ ବୈଠାରୁ, ଭଗବାନ ପ୍ରଧାନ, ଶଙ୍କର ସ୍ୱାଇଁ, ରାକେଶ ଦାସ ଓ ଆଶୁତୋଷ ଦାସ ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରେ ୭ ବର୍ଷରୁ ଊର୍ଦ୍ଧ୍ୱ ବୟସର ଖେଳାଳିମାନେ ଭାଗ ନେଇଥିବା ବେଳେ କୃତୀ ପ୍ରତିଯୋଗୀମାନଙ୍କୁ ମେଡାଲ ଏବଂ ନଗଦ ଅର୍ଥରାଶି ପ୍ରଦାନ କରାଯିବ। ଜୁନିଅର, ସବ୍ ଜୁନିୟର ଓ ସିନିୟା ବର୍ଗରେ ଖେଳାଳି ଚୟନ କରାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଚାମ୍ପିୟନସିପ୍‌ରେ ଉନ୍ନତ ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ଖେଳାଳିମାନଙ୍କୁ ଜାତୀୟ ସ୍ତରୀୟ କିକ୍ ବକ୍ସିଂ ପ୍ରତିଯୋଗିତା ପାଇଁ ଚୟନ କରାଯିବ। ଖେଳାଳିମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିବା ବେଳେ ଗଞ୍ଜାମ ସହର ଏହି ତିନି ଦିନିଆ ରାଜ୍ୟ ସ୍ତରୀୟ ଇଭେଣ୍ଟ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି।

# ଓଡ଼ିଶା ହସ୍ତତନ୍ତକୁ ରାଜ୍ୟବାହାରେ ପ୍ରଦର୍ଶନ

## ବିଶ୍ୱ ଆଥଲେଟିକ୍ସ ଦିବସରେ ଶାଢ଼ି ପିନ୍ଧି ମାରାଥନ ଦୌଡ଼ିଲେ ବବିତା ଦେବଦର୍ଶନୀ

**ଭୁବନେଶ୍ୱର**

ଟ୍ରାକ୍ ସୁଟ୍ ନୁହେଁ। ଶାଢ଼ି ପିନ୍ଧି ଦୌଡୁଛନ୍ତି ମାରାଥନ। ଆଉ ସେହି ଶାଢ଼ି ହେଉଛି ଓଡ଼ିଶାର ବୁଣାକାରଙ୍କ ହାତ ତିଆରି ଖାଣ୍ଟି ହସ୍ତତନ୍ତ। ଓଡ଼ିଶାର ସଂସ୍କୃତି ଓ ହସ୍ତତନ୍ତକୁ ରାଜ୍ୟ ବାହାରେ ପ୍ରଦର୍ଶିତ କରୁଥିବା ଏଭଳି ଜଣେ ନିଆରା ଧାବିକା ହେଉଛନ୍ତି ବବିତା ଦେବଦର୍ଶନୀ। କଳିଙ୍ଗ ବିହାରରେ ରହୁଥିବା ବବିତାଙ୍କ ବୟସ ୫୧ ବର୍ଷ। ସେ ଗତ ୫ ବର୍ଷ ହେବ ଶାଢ଼ି ପିନ୍ଧି ରାଜ୍ୟ ତଥା ରାଜ୍ୟ ବାହାରେ ଦୌଡ଼ ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଖାଲି ଭାଗ ନେଉ ନାହାନ୍ତି, ମେଡାଲ ବି ଜିତୁଛନ୍ତି। ଯେଉଁ ବୟସରେ ସାଧାରଣତଃ ମହିଳାମାନେ ଘରେ ଆରାମ କରିନ୍ତି ସେହି ବୟସରେ ସେ ଦୌଡ଼କୁ ବାଛିଛନ୍ତି।




ସେ ବର୍ତ୍ତମାନ ସୁଦ୍ଧା ୭୦ରୁ ଅଧିକ ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇସାରିଲେଣି। ସେଥିରୁ ୩ଟି ଫୁଲ ମାରାଥନ ଥିବା ବେଳେ ୨୦ଟି ହାଫ୍ ମାରାଥନ ରହିଛି। ସେ ଓଡ଼ିଶା ସମେତ ମହାରାଷ୍ଟ୍ର, କୋଲକାତା, ଦିଲ୍ଲୀ, ହାଇଦ୍ରାବାଦ୍, ଭାଇଜାକ୍‌ରେ ଆୟୋଜିତ ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଅନେକ ଥର ପୋଡ଼ିଅମ୍ ୱିନର ମଧ୍ୟ ହୋଇଛନ୍ତି। ସେ ପ୍ରଥମେ ଭୁବନେଶ୍ୱରରେ ଆୟୋଜିତ ୧୦ କିଲୋମିଟର ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେଥିରେ ସଫଳ ହେବାରୁ ଅଧିକ କିଲୋମିଟର ବିଶିଷ୍ଟ ଦୌଡ଼ରେ ଭାଗନେବା ପାଇଁ ତାଙ୍କୁ ସାହାସ ମିଳିଲା। ନିଜକୁ ସୁସ୍ଥ ରଖିବା ପାଇଁ ସେ ମୁଖ୍ୟତଃ ସକାଳୁ ଘରକାମ ସାରି ପ୍ରତିଦିନ ୫ କିଲୋମିଟର ଦୌଡ଼ିବା ସହିତ ଯୋଗ ଅଭ୍ୟାସ କରନ୍ତି। ଜଣେ ଶାଢ଼ି ପିନ୍ଧି ମଧ୍ୟ ମାରାଥନରେ ଦୌଡ଼ି ପାରିବ। ଏହି ବାର୍ତ୍ତା ଦେବାପାଇଁ ମୁଁ ଶାଢ଼ି ପିନ୍ଧି ଦୌଡ଼ରେ ଭାଗନେବାକୁ ନିଷ୍ପତ୍ତି ନେଇଥିଲି ବୋଲି ସେ କହିଥିଲେ।

# ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଅନ୍ତର୍ଗତ ଗୁଲୁଣ୍ଡା-ସିଲାଟି ରାସ୍ତାରେ ଯୁବକ ଓ ଯୁବତୀଙ୍କ ଝୁଲନ୍ତା ମୃତ ଶରୀର ଦେଖିବାକୁ ମିଳିଛି। ଉଭୟେ ଗୋଟିଏ ଓଢଣୀର ଉଭୟ ପାର୍ଶ୍ୱରେ ଗଛର ଗୋଟିଏ ଡାଳରେ ଝୁଲୁଥିବା ଦେଖାଯାଇଛି। ପ୍ରଥମେ ସ୍ଥାନୀୟ ଲୋକେ ପ୍ରାତଃ ଭ୍ରମଣ ପାଇଁ ଯିବା ବେଳେ ବରଗଛ ମୂଳରେ ବ୍ୟାଗ୍ ଓ ଚପଲ ଦେଖି ଗଛ ଉପରକୁ ଦେଖିଲା ବେଳକୁ ଦୁଇଟି ମୃତ ଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ପରେ ପୋଲିସକୁ ଖବର ଦେଇଥିଲେ। ଗଛ ମୂଳରେ ଏକ ଏୟାର ବ୍ୟାଗ୍ ଓ ୨ ହଳ ଚପଲ ରଖାଯାଇଥିବା ଦେଖିବାକୁ ମିଳିଛି। ଦୁଇଜଣ ପ୍ରେମୀ ଯୁଗଳ ହୋଇଥିବା ସନ୍ଦେହ କରାଯାଉ ଥିବା ବେଳେ ଗତ ମାର୍ଗଶୀର ମାସରୁ ଉଭୟେ ଘରୁ ପଳାଇଯାଇ ତାମିଲ




ନାଡୁରେ ରହୁଥିଲେ ହେଲେ ବୁଧବାର ସେମାନେ ଟ୍ରେନ୍‌ରେ ବଲାଙ୍ଗୀରରେ ଓହ୍ଲାଇ ନିଜ ଗାଁକୁ ଆସିଥିଲେ ହେଲେ ଝିଅଟି ନାବାଳିକା ଥିବାଯୋଗୁଁ ତାଙ୍କ ପରିବାର ଲୋକେ ତାଙ୍କୁ ଘରକୁ ପ୍ରବେଶ ପାଇଁ ଅନୁମତି ଦେଇନଥିଲେ। ତା'ପରେ ଝିଅଘର ମଧ୍ୟ ଝିଅକୁ ଗ୍ରହଣ କରିନଥିବା ଜଣା ପଡ଼ିଛି। ପରେ ହୁଏତ ହତୋତ୍ସାହିତ ହୋଇ ଉଭୟ ପ୍ରେମୀ ଯୁଗଳ ଆତ୍ମହତ୍ୟା ଭଳି ଏକ ଚରମ ନିଷ୍ପତ୍ତି ନେଇଥାଇ ପାରନ୍ତି ବୋଲି ପୁଅର ବଡ଼ଭାଇ ଗଣମାଧ୍ୟମରେ ନିଜ ପ୍ରତିକ୍ରିୟା ରଖିଛନ୍ତି। ତେବେ ବିନିକା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ଅନୁଧ୍ୟାନ କରିବା ସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବକୁ ଉଦ୍ଧାର କରିଛନ୍ତି। ଅଧିକ ତଦନ୍ତ ପାଇଁ ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ଆସି ଅଧିକ ଛାନ୍‌ଭିନ ଆରମ୍ଭ କରିଛନ୍ତି।

# ତୀରନ୍ଦାଜି ବିଶ୍ୱକପ୍ : ଦକ୍ଷିଣ କୋରିଆକୁ ହରାଇ ଫାଇନାଲ୍‌ରେ ଭାରତ

**ସାଂଘାଇ**

ତରନ୍ଦାଜି ବିଶ୍ୱକପ୍‌ର ଦ୍ୱିତୀୟ ପର୍ଯ୍ୟାୟରେ ଭାରତୀୟ ମହିଳା ରିକର୍ଭ ଦଳ ଏକ ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି କରିଛି। ସେମିଫାଇନାଲ୍‌ରେ ୧୦ଥର ଅଲିମ୍ପିକ୍ସ ବିଜେତା ଦକ୍ଷିଣ କୋରିଆକୁ ଏକତରଫା ଭାବେ ୫-୧ରେ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି। ଭାରତୀୟ ଦଳ ଏଥିସହ ଅନ୍ୟୁନ ରୌପ୍ୟ ପଦକ ସୁନିଶ୍ଚିତ କରିଛି। ଦୀପିକା କୁମାରୀ, ଅଙ୍କିତା ଭକତ ଓ କୁମ୍‌କୁମ୍ ମୋହଦଙ୍କୁ ନେଇ ଗଠିତ ଭାରତୀୟ ଦଳ ଫାଇନାଲ୍‌ରେ ପ୍ରତିଯୋଗିତାର ଅନ୍ୟତମ ଶକ୍ତିଶାଳୀ ଦଳ ଚୀନ୍‌କୁ ଭେଟିବ। ମହିଳା ଦଳ ବଡ଼ ବିଜୟ ହାସଲ କରିଥିଲେ ମଧ୍ୟ ଭାରତୀୟ ପୁରୁଷ ଦଳ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ପ୍ରଥମ ରାଉଣ୍ଡ୍‌ରେ ଲଜ୍ଜାଜନକ ପ୍ରଦର୍ଶନ କରି ଅତ୍ୟନ୍ତ ନୀଚ ମାନ୍ୟତାପ୍ରାପ୍ତ ଦଳ ବାଂଲାଦେଶଠାରୁ ୨-୬ରେ ହାରି ବିଦାୟ ନେଇଛି।




# ନବନିର୍ମାଣ କୃଷକ ସଂଗଠନର ସ୍ୱାଭିମାନ ଯାତ୍ରା

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାରେ ପହଞ୍ଚିଥିଲା ନବନିର୍ମାଣ କୃଷକ ସଂଗଠନର ରାଜ୍ୟବ୍ୟାପୀ କୃଷକ ସ୍ୱାଭିମାନ ଯାତ୍ରା। ସୁବର୍ଣ୍ଣପୁର ଜିଲ୍ଲାର ଇଷ୍ଟଦେବୀ ମା' ସୁରେଶ୍ୱରୀ ମନ୍ଦିର ଠାରେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ନେତୃତ୍ୱରେ ଆସିଥିବା ଏହି ଯାତ୍ରାର ସମସ୍ତ ସଂଗ୍ରାମୀ ସାଥୀମାନଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ନବନିର୍ମାଣ କୃଷକ ସଂଗଠନ, ଜିଲ୍ଲା କୃଷକ ସଙ୍ଗଠନ ସୁବର୍ଣ୍ଣପୁର, ଶ୍ରୀ ଗଣେଶ ଆଞ୍ଚଳିକ କୃଷକ ସଂଗଠନ ବିନିକା ଆଦି ସଂଗଠନର ୬ ବ୍ଲକ୍‌ର ଚାଷୀ ପ୍ରତିନିଧି ଓ ଚାଷୀମାନେ ସ୍ୱାଗତ କରିଥିଲେ। ଦେବୀଙ୍କ ପୂଜାର୍ଚ୍ଚନା କରି ଚାଷୀ ସମାଜର ମଙ୍ଗଳ କାମନା କଲା ପରେ ଏହି କୃଷକ ସ୍ୱାଭିମାନ ଯାତ୍ରା ଶହ ଶହ ଚାଷୀଙ୍କୁ ନେଇ ଏକ ବାଇକ୍ ରାଲିରେ ସହର ପରିକ୍ରମା କରି ପଟାଭାଡ଼ି ରୟାଲ କନଭେନସନ୍



ସ୍ଥିତ ସଭାଗୃହକୁ ପହଞ୍ଚିଥିଲା। ଚାଷୀ ଏକତା ଜିନ୍ଦାବାଦ, କୁଆପଥର ମାଡ଼ରେ କ୍ଷତିପୂରଣ ଦେବା ଆମର ଦାବି, ଚାଷୀ ଉପରେ ଜୁଲୁମ୍ ଚଳିବ ନାହିଁ, ସୋନପୁର ସୂତାକଳର ପୁନରୁଦ୍ଧାର ଆମର ଦାବି ଆଦି ସ୍ଲୋଗାନ ଦେଇଥିଲେ ଚାଷୀମାନେ। ଏହା ପରେ ସାମ୍ବାଦିକ ସମ୍ମିଳନୀ ଓ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇ ନବନିର୍ମାଣ କୃଷକ ସଂଗଠନର ଏକ ମୋବାଇଲ ଆପ୍ ଲୋକାର୍ପଣ ହୋଇଥିଲା। ଆଗକୁ ଗାଁକୁ ଗାଁ ବୁଥ୍‌କୁ ବୁଥ୍ ଚାଷୀ ଯୁବକ ବାହାରି ଏହି ଆପ୍ ଜରିଆରେ ଚାଷୀମାନଙ୍କ ସମସ୍ତ ସମସ୍ୟାର ସର୍ଭେ କରିବେ ଓ ସରକାରଙ୍କୁ ତଥ୍ୟ ଦେଖାଇ ନିଜ ହକ୍ ଅଧିକାର ପାଇଁ ଲଢ଼ିବେ ବୋଲି ସୂଚନା ଦେଇଥିଲେ ଜିଲ୍ଲା ସଂଯୋଜକ ପ୍ରଦ୍ୟୁମ୍ନ କୁମାର ପାଢ଼ୀ। ଚାଷୀ ନେତୃତ୍ୱଙ୍କ ମଧ୍ୟରେ ଚାଷୀ ନେତ୍ରୀ ସୋନାଲି ବିଶି, ରଶ୍ମୀ ରଞ୍ଜନ ସ୍ୱାଇଁ, ମନ୍ମଥ୍ ଅଲ୍ଲୀ, ରଣଜିତ୍ ପଟ୍ଟନାୟକ, ହୃଷୀକେଶ ଦେହୁରୀ, ଉତ୍କର କୁଳମଣୀ, ବୈକୁଣ୍ଠ ଶତପଥୀ, ପ୍ରଦୀପ ପୁରୋହିତ, ରମେଶ ଦାଶ, ଦେବାଶିଷ ଦାଶ ଆଦି ଯୋଗ ଦେଇ ଡବଲ ଇଞ୍ଜିନ ସରକାରର ଚାଷୀ ମାରଣ ନୀତି, ଚାଷୀଙ୍କୁ ଅସମ୍ମାନ କରିବା ଓ ପ୍ରତିଶ୍ରୁତିରେ ଠକେଇ କରିବା ଆଦି ନେଇ ବର୍ଷିଥିଲେ। ଆଗକୁ ତ୍ରିଦିବସୀୟ ରଣନୀତି ଶିବିର ଆୟୋଜନ କରି ସମସ୍ତ ଚାଷୀ ପ୍ରତିନିଧିଙ୍କୁ ସଂଘର୍ଷ ପାଇଁ ତେୟାର କରାଯିବ ଓ ଚାଷୀ ସରକାର ଗଠନର ମୂଳଦୁଆ ପଡ଼ିବ ଯଦ୍ୱାରା ଚାଷୀଙ୍କ ପ୍ରାଇସ ପ୍ରେଷ୍ଟିଜ ପେନସନ୍ ସହ ମୂଳ ଅଧିବାସୀଙ୍କ ଜଳ ଜଙ୍ଗଲ ଜମି ଓ ଖଣି ଅଧିକାର ସାବ୍ୟସ୍ତ ହେବ ବୋଲି କହିଥିଲେ ଅକ୍ଷୟ କୁମାର।

# ସରକାରୀ ଫାଇଲ ଚିରି ଫୋପାଡ଼ି ଦେଲେ ପାଟଣାଗଡ଼ ବ୍ଲକ ଅଧକ୍ଷ

**ପାଟଣାଗଡ, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ପାଟଣାଗଡ ବ୍ଲକ୍ ଅଧକ୍ଷ ପୁଣି ଚର୍ଚ୍ଚାରେ। ପାଟଣାଗଡ଼ ବ୍ଲକ୍ ହେଡ୍ କ୍ଲାର୍କଙ୍କ ଅଫିସରେ ପଶି ସରକାରୀ ଫାଇଲ ଚିରି ଦେଲେ ଅଧକ୍ଷ ନୀଳକାନ୍ତ ବାଗ। ଫାଇଲ ଚିରି ଫୋପାଡ଼ିବା ସହ ଟେବୁଲକୁ ଗୋଇଠା ମାରି ବାହାରକୁ ବାହାରିଥିଲେ। ଏପରିକି ଜଣେ ବ୍ୟକ୍ତିଙ୍କୁ ଠେଲି ଦେବା ଭିଜୁଆଲ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଅଭିଯୋଗ ଅନୁସାରେ, ପାଟଣାଗଡ଼ ବ୍ଲକ ଅଧକ୍ଷ ନୀଳକାନ୍ତ ବାଗ କୌଣସି କାମ ପାଇଁ ହେଡ୍‌କ୍ଲାର୍କଙ୍କ ଅଫିସକୁ ଆସିଥିଲେ। ହେଲେ ଧାତୁକ ପଞ୍ଚାୟତର ମଲ୍ଲିକମୁଣ୍ଡାରୁ ଧାତୁକ ରାସ୍ତାର ଉନ୍ନତିମୂଳକ କାର୍ଯ୍ୟ ଫାଇଲ ଦେଖି ବିରକ୍ତି ପ୍ରକାଶ କରିବା ସହ ଫାଇଲ ଚିରି ଅଫିସରୁ ଚାଲି ଯାଇଥିଲେ। ଏନେଇ ହେଡ୍‌କ୍ଲାର୍କ ସରୋଜ କୁମାର ବାବୁ ବିଡ଼ିଓଙ୍କୁ ଫୋନ ଯୋଗେ ଜଣାଇବାରୁ ସେ ଥାନାକୁ ଫୋନ କରି ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଓ ଅନ୍ୟ ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ତଦନ୍ତ ଜାରି ରଖିଛି। ପରେ ବିଡିଓ ଥାନାକୁ ଯାଇ ଏତଲା ଦେଇଛନ୍ତି। ସେପଟେ କେଶ୍ ନମ୍ବର ୧୨୪/୨୬ ଓ ବିଏନ୍‌ଏସ୍ ଦଫା ୧୩୨, ୩୨୪/୨ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ଏବଂ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କହିଛନ୍ତି ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୂଜାରୀ।

# ବିପଦ ସଂକୁଳ ଅବସ୍ଥାରେ ଲାଇନ ଖୁଣ୍ଟ : ବିଦ୍ୟୁତ ବିଭାଗ ଚୁପ୍

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ବରପାଲି ସହରରେ ଚାଲିଛି ସବୁବେଳେ ବିଦ୍ୟୁତ ବିଭାଗର ଖାମାଖିଆଲି ନୀତି। ବରପାଲି ଜଗନ୍ନାଥ ରୋଡ଼ କଲେଜ ଛକ ସ୍ଥିତ ପାଣି ଟାଙ୍କି ସମ୍ମୁଖରେ ଇଲେକ୍ଟ୍ରି ଖୁଣ୍ଟ ବିପଦ ସଂକୁଳ ଅବସ୍ଥାରେ ରହିଛି ଯାହାକି କେତେବେଳେ ରାସ୍ତାରେ ଯାଉଥିବା ଲୋକଙ୍କ ଉପରେ ଖୁଣ୍ଟ ପଡ଼ିବ କହିହେବ ନାହିଁ। ବିଦ୍ୟୁତ ବିଭାଗର କର୍ମଚାରୀମାନେ ସବୁବେଳେ ସେହି ବାଟ ଦେଇ ଯାଉଛନ୍ତି ଦେଖୁଛନ୍ତି ହେଲେ ନ ଜାଣିଲା ଭଳି ଚାଲି ଯାଉଛନ୍ତି। ବିଦ୍ୟୁତ ବିଭାଗର ଖାମ୍ ଖିଆଲି ପାଇଁ ଗତ ୩୦ ତାରିଖ ଦିନ ବରପାଲି ବ୍ଲକ ଅନ୍ତର୍ଗତ ବରିକେଲ ଗ୍ରାମର ୧୮ ବର୍ଷ ବୟସର ଯୁବତୀ ରେଖା ବଗର୍ତ୍ତି ଲାଇନ ଖୁଣ୍ଟରେ ଲାଗି ଜୀବନ ଚାଲିଗଲା ତଥାପି ବିଦ୍ୟୁତ ବିଭାଗର ଚିନ୍ତା ପଶୁନି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ସମାଧାନ କରିବା ପାଇଁ ଜନସାଧାରଣରେ ଦାବି ହେଉଛି।



31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୮ ମଇ ୨୦୨୬ ଶୁକ୍ରବାର





# ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣା : ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱରର ବାଲିଅନ୍ତା ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଏହି ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆଙ୍କ ସହିତ କଥା ହୋଇଛନ୍ତି। ଘଟଣାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ସହିତ ଦୋଷୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଭିଡ଼ ହତ୍ୟା ଘଟଣାର ଯେପରି ପୁନରାବୃତ୍ତି ନହୁଏ, ସେଥିପ୍ରତି ପୋଲିସ ପ୍ରଶାସନ ଓ ପୋଲିସ ବାହିନୀ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା ପାଇଁ ପୋଲିସ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।
ଏହି ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ରାଜ୍ୟ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତିଙ୍କ ସହିତ ମଧ ଆଲୋଚନା କରିଛନ୍ତି। ଘଟଣାର ସମସ୍ତ ଦିଗ ପ୍ରତି ସଚେତନ ରହି ପ୍ରକୃତ ସତ୍ୟ ଖୋଜି ବାହାର କରିବା ପାଇଁ କହିଛନ୍ତି। ଏହି ଘଟଣାରେ ଯେଉଁ ମହିଳାମାନଙ୍କ ସହିତ ଦୁର୍ବ୍ୟବହାର ହୋଇଥିବାର ଅଭିଯୋଗ ହୋଇଛି, ସେମାନଙ୍କ ସହିତ ଆଲୋଚନା କରିବାକୁ ଅଧକ୍ଷା ଶ୍ରୀମତୀ ମହାନ୍ତି ଶୁକ୍ରବାର ବାଲିଅନ୍ତା ଯିବେ ବୋଲି ଜଣାଯାଇଛି।
ସୂଚନାଯୋଗ୍ୟ ଯେ, ଏହି ଘଟଣାରେ ପୋଲିସ ବର୍ତ୍ତମାନ ସୁଦ୍ଧା ୪ ଜଣଙ୍କୁ ଗିରଫ କରିବା ସହିତ ତା'ର ଅନୁସନ୍ଧାନ ଜାରି ରଖିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶ୍ରୀଜଗନ୍ନାଥ ଜମିର ହେବ...

ପ୍ରସ୍ତୁତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ। ଏହି ବୈଠକରେ ଆଇନ କମିଶନର ଜଷ୍ଟିସ୍ ବିଶ୍ୱନାଥ ରଥ, ପୂର୍ବତନ ଆଡ୍‌ଭୋକେଟ୍ ଜେନେରାଲ ସୂର୍ଯ୍ୟ ମିଶ୍ର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ ଅରବିନ୍ଦ କୁମାର ପାଢ଼ୀ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଦେବୋତ୍ତର ଆୟୁକ୍ତ ସତ୍ୟ ନାରାୟଣ ଷଡ଼ଙ୍ଗୀ ଏବଂ ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ପୂର୍ଣ୍ଣ ବନ୍ଦ ହେବ ଇରାନ-ଆମେରିକା...

ଏହା ବଦଳରେ ଆମେରିକା ଧୀରେ ଧୀରେ କଟକଣାକୁ କମ୍ କରିବ ଏବଂ ଇରାନର ଜବତ ହୋଇଥିବା କୋଟି କୋଟି ଡଲାରର ସମ୍ପତ୍ତିକୁ ଫେରାଇଦେବ। ଏଥିସହିତ ହର୍ମୁଜରେ ଉଭୟ ପକ୍ଷ ଦ୍ୱାରା ଲାଗୁ ହୋଇଥିବା କଟକଣାକୁ କୋହଳ କରାଯିବ। ପରମାଣୁ କାର୍ଯ୍ୟକ୍ରମ ରୋକିବାର ଅବଧିକୁ ନେଇ ଏବେ ସାମାନ୍ୟ ମତପାର୍ଥକ୍ୟ ରହିଛି। ଇରାନ ୫ ବର୍ଷ ପର୍ଯ୍ୟନ୍ତ ୟୁରାନିୟମ ସମୃଦ୍ଧିକରଣ ରୋକିବାକୁ ପ୍ରସ୍ତାବ ଦେଇଛି। କିନ୍ତୁ ଆମେରିକା ୨୦ ବର୍ଷ ପର୍ଯ୍ୟନ୍ତ ଚାହୁଁଛି। ତେଣୁ ଏହି ଅବଧିକୁ ନେଇ ସମାଧାନ ବାହାର କରିବା ଲାଗି ଆଲୋଚନା କରିବାକୁ ଉଭୟ ପକ୍ଷ ରାଜି ହେବାର ଅଛି। ଏଥିପାଇଁ ଉଦ୍ୟମ ଚାଲିଛି। ସମ୍ଭବତଃ ୧୨ରୁ ୧୫ ବର୍ଷ ପର୍ଯ୍ୟନ୍ତର ଅବଧିକୁ ନେଇ ସହମତି ନିମନ୍ତେ ଆଲୋଚନା ଚାଲିଛି।

## ଓଡ଼ିଶାରେ ୪୮ ହଜାର କୋଟିର...

ଓ ପ୍ରସ୍ତାବ ମିଳିଛି ଏବଂ ଏହାଦ୍ୱାରା ୬୭,୮୩୮ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଥିଲେ।
ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗୁଜରାଟର ଶିଳ୍ପ ବିକାଶକୁ ଦେଖି ସେ ଅନୁଭବ କରିଛନ୍ତି ଯେ, କିପରି ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ନିର୍ଣ୍ଣାୟକ ପଦକ୍ଷେପ ଯୋଗୁ ଗୁଜରାଟ ଏକ ବିଶ୍ୱସ୍ତରୀୟ ଶିଳ୍ପ କେନ୍ଦ୍ରରେ ପରିଣତ ହୋଇପାରିଛି।
ସେ କହିଥିଲେ ଯେ, ଭାରତର ପଶ୍ଚିମ ଉପକୂଳ ବିକଶିତ ହୋଇସାରିଛି ଏବଂ ଆହୁରି ଅଗ୍ରଗତି କରୁଛି। ଏବେ ବିକଶିତ ଭାରତ ପାଇଁ ଏବଂ ସନ୍ତୁଳିତ ବିକାଶ ପାଇଁ ପୂର୍ବ ଉପକୂଳର ଅଭିବୃଦ୍ଧି ଅତ୍ୟନ୍ତ ଆବଶ୍ୟକ। ଗୁଜରାଟର ଶିଳ୍ପପତି ମାନଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କର ଏହା ଥିଲା ଟୁ-କୋଷ୍ଟ ଷ୍ଟ୍ରାଟେଜି ବା ଦୁଇ-ଉପକୂଳ ରଣନୀତି।
ସେ କହିଥିଲେ ଯେ, ପାରାଦୀପ, ଧାମରା ଓ ଗୋପାଳପୁର ପରି ବନ୍ଦର ଯୋଗୁ ଓଡ଼ିଶା ପୂର୍ବ-ଏସିଆ, ଦକ୍ଷିଣ ପୂର୍ବ-ଏସିଆ ଏବଂ ସମଗ୍ର ଇଣ୍ଡୋ-ପାସିଫିକ୍ ଅଞ୍ଚଳର ଦେଶମାନଙ୍କ ପାଇଁ ଏକ ପ୍ରବେଶ ଦ୍ୱାର ବା ଗେଟ୍-ୱେ ଭାବରେ ସୁଯୋଗ ସୃଷ୍ଟି କରୁଛି। ତେଣୁ ଓଡ଼ିଶାର ବନ୍ଦରଭିତ୍ତିକ ବିକାଶର ଉଦ୍ୟମ ଅତ୍ୟନ୍ତ ବାସ୍ତବବାଦୀ ବୋଲି ସେ କହିଥିଲେ। ଅଭିବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ରଣନୈତିକ ପ୍ରସ୍ତାବ ଉପରେ ଶିଳ୍ପପତିମାନେ ସମ୍ପୂର୍ଣ୍ଣ ଭାବେ ସହମତ ହୋଇଥିଲେ ଏବଂ ଓଡ଼ିଶାରେ ବନ୍ଦରଭିତ୍ତିକ ବିକାଶ ପାଇଁ ସହଯୋଗ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।
ସେ କହିଥିଲେ ଯେ, ଏହି ଇନ୍‌ଭେଷ୍ଟର୍ସ ମିଟ୍‌ରେ ଓଡ଼ିଶା ପାଇଁ ଅତ୍ୟାଧୁନିକ ଏବଂ ଅଭିବୃଦ୍ଧି ସମ୍ଭାବନା ସମ୍ପନ୍ନ କ୍ଷେତ୍ର ଗୁଡ଼ିକରେ ନିବେଶ ସୁଯୋଗ ସୃଷ୍ଟି ହୋଇଛି। ଏହି ସବୁ କ୍ଷେତ୍ର ଗୁଡ଼ିକ ହେଲା- ଗ୍ରୀନ୍ ଏନର୍ଜି, ସେମି-କଣ୍ଡକ୍ଟର, ରେଆର ଆର୍ଥ, କେମିକାଲ୍ସ, ଫାର୍ମାସ୍ୟୁଟିକାଲ୍‌ସ, ମେଟାଲ୍ ଡାଉନ୍‌ଷ୍ଟ୍ରିମ୍, ଏରୋ-ସ୍ପେସ୍ ଓ ଡିଫେନ୍ସ, ଫୁଡ୍-ପ୍ରୋସେସିଂ, ଆପାରେଲ୍ ଓ ଟେକ୍ସଟାଇଲ୍, ଟ୍ୟୁରିଜିମ୍, ଆଇ.ଟି ଓ ଆଇ.ଟି.ଇ.ଏସ୍, ଲଜିଷ୍ଟିକ୍‌ସ, ଇନ୍‌ଫ୍ରାଷ୍ଟ୍ରକ୍ଚର, କ୍ୟାପିଟାଲ୍ ଗୁଡ୍‌ସ ଏବଂ ଶକ୍ତି କ୍ଷେତ୍ର। ଏହି ତିନିଦିନରେ ବିଭିନ୍ନ କାର୍ଯ୍ୟକ୍ରମରେ ୭୦୦ ରୁ ଅଧିକ ଶିଳ୍ପ ପ୍ରତିନିଧି ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନିଜେ ୧୩୨ ଜଣ ବିଶିଷ୍ଟ ଶିଳ୍ପପତି ଏବଂ ଶିଳ୍ପ ପ୍ରତିନିଧି ମାନଙ୍କ ସହିତ ବ୍ୟକ୍ତିଗତ ଭାବେ ଆଲୋଚନା (ୱାନ୍-ଟୁ-ୱାନ୍) କରିଥିଲେ।
ଗୁରୁବାର ମୁଖ୍ୟମନ୍ତ୍ରୀ ଭଦୋଦରା'ରେ (ବରୋଦା) ଅନୁଷ୍ଠିତ ନିବେଶକ ସମ୍ମିଳନୀ ରୋଡ୍-ଶୋ'କୁ ସମ୍ବୋଧିତ କରି କହିଛନ୍ତି "ପଶ୍ଚିମ ଭାରତ ପୂର୍ବରୁ ହିଁ ଭାରତର ଶିଳ୍ପ ଅଭିବୃଦ୍ଧିର ନେତୃତ୍ୱ ନେଇସାରିଛି। ବର୍ତ୍ତମାନ 'ବିକଶିତ ଭାରତ' ପାଇଁ ପୂର୍ବ ଭାରତର ବିକାଶ ଜରୁରୀ ଏବଂ ଓଡ଼ିଶା ଏହି ପରିବର୍ତ୍ତନର ନେତୃତ୍ୱ ନେବାକୁ ପ୍ରସ୍ତୁତ"।
'ପୂର୍ବୋଦୟ' ପରିକଳ୍ପନା ଅଧୀନରେ ଓଡ଼ିଶାକୁ ପୂର୍ବ ଭାରତର ବିକାଶର ଇଞ୍ଜିନ ଭାବେ ଉପସ୍ଥାପିତ କରି ମୁଖ୍ୟମନ୍ତ୍ରୀ ଗୁଜରାଟର ପ୍ରମୁଖ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ସେମାନଙ୍କର ଶିଳ୍ପ ସମ୍ପ୍ରସାରଣ କରିବାକୁ ଏବଂ ରାଜ୍ୟର ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟରେ ସହଭାଗୀ ହେବାକୁ ଆମନ୍ତ୍ରଣ କରିଛନ୍ତି।
ଗୁଜରାଟ ଗସ୍ତ କାଳରେ ନିବେଶକମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ମେଟାଲ ଡାଉନଷ୍ଟ୍ରିମ୍, କେମିକାଲ୍ସ, ଫାର୍ମାସ୍ୟୁଟିକାଲ୍ସ, ବିରଳ ମୃତ୍ତିକା, ସବୁଜ ଶକ୍ତି ଉପକରଣ, ଭିତ୍ତିଭୂମି, ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, ପୋଷାକ ଓ ବସ୍ତ୍ର ଶିଳ୍ପ, ଆଇଟି ଏବଂ ଆଇଟିଇଏସ୍, ଇଏସଡିଏମ୍ ଓ ସେମିକଣ୍ଡକ୍ଟର, ଲ୍ୟାବ୍-ଗ୍ରୋନ୍ ଡାଇମଣ୍ଡ, ପ୍ଲାଷ୍ଟିକ, ପର୍ଯ୍ୟଟନ, ଏରୋସ୍ପେସ୍ ଓ ପ୍ରତିରକ୍ଷା, ଏବଂ ଶକ୍ତି ଭଳି ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିବେଶ ପ୍ରତିଶ୍ରୁତି ମିଳିଛି।
ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ଏବଂ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ।
ମୁଖ୍ୟମନ୍ତ୍ରୀ ଶିଳ୍ପଗୁଡ଼ିକୁ ପ୍ରତିଶ୍ରୁତି ଦେଇଛନ୍ତି ଯେ, ଓଡ଼ିଶାର 'ଗୋ ସ୍ୱିଫ୍ଟ' ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ବ୍ୟବସ୍ଥା ମାଧ୍ୟମରେ ନିବେଶକମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ। ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ, ଓଡ଼ିଶା କେବଳ ଏକ ନିବେଶ ସ୍ଥଳ ନୁହେଁ, ବରଂ ଏହା ବିଶ୍ୱାସ, ଦ୍ରୁତ କାର୍ଯ୍ୟକାରିତା ଏବଂ ସ୍ଥିରତା ଉପରେ ଆଧାରିତ ଏକ ଦୀର୍ଘକାଳୀନ ଅଭିବୃଦ୍ଧିର ସହଭାଗୀ। ୨୦୩୬ ସୁଦ୍ଧା ଏକ 'ସମୃଦ୍ଧ ଓଡ଼ିଶା' ଗଠନ ଏବଂ ୨୦୪୭ ସୁଦ୍ଧା 'ବିକଶିତ ଭାରତ'ରେ ସହଯୋଗ କରିବା ପାଇଁ ରାଜ୍ୟ ସରକାର ଏକ ସ୍ପଷ୍ଟ ରୋଡ୍‌ମ୍ୟାପ୍ ସହ କାର୍ଯ୍ୟ କରୁଛନ୍ତି।

## ୯ରେ ବିଜେପି ସରକାରଙ୍କ ଶପଥ...

ଏକରରୁ ଅଧିକ ଜମିରେ ପରିବ୍ୟାପ୍ତ ପଡ଼ିଆକୁ ପ୍ରାୟ ୩୦ଟି ସେକ୍ଟରରେ ବିଭକ୍ତ କରାଯାଇଛି। ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡ ଓ ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୪,୦୦୦ ପୁଲିସ କର୍ମଚାରୀ ନିୟୋଜିତ ହେଉଛନ୍ତି। ପ୍ରତ୍ୟେକ ସେକ୍ଟରର ତଦାରଖ ଡେପୁଟି କମିଶନର କିମ୍ବା ସହକାରୀ କମିଶନର ପାହ୍ୟାର ଜଣେ ପୁଲିସ ଅଧିକାରୀଙ୍କ ଦ୍ୱାରା କରାଯିବ।
ଆବଶ୍ୟକ ପଡ଼ିଲେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ ମଧ୍ୟ ମୁତୟନ କରାଯାଇପାରିବ ବୋଲି ଅଧିକାରୀ ଜଣକ କହିଛନ୍ତି। କୋଲକାତା ପୁଲିସ ମୁଖ୍ୟାଳୟ ଲାଲବାଜାରର ବରିଷ୍ଠ ଅଧିକାରୀମାନେ ଏକ ଉଚ୍ଚସ୍ତରୀୟ ବୈଠକ କରି ଏହି କାର୍ଯ୍ୟକ୍ରମ ପାଇଁ ସୁରକ୍ଷା ବ୍ଲୁ ପ୍ରିଣ୍ଟ ଚୂଡ଼ାନ୍ତ କରିଛନ୍ତି। ପ୍ରବେଶ ପଥରେ ଡୋର-ଫ୍ରେମ୍ ମେଟାଲ୍ ଡିଟେକ୍ଟର ଓ ହ୍ୟାଣ୍ଡହେଲ୍ଡ ସ୍କାନର ଲଗାଯିବ ଏବଂ ସିସିଟିଭି କ୍ୟାମେରା ସମଗ୍ର ସ୍ଥାନ ଉପରେ ନଜର ରଖିବ। ନିକଟସ୍ଥ ଛାତରୁ ମଧ୍ୟ ନଜର ରଖାଯିବ ବୋଲି ଅଧିକାରୀ କହିଛନ୍ତି।

## ଖଣିଜ ସମ୍ପଦ ଓ ଦ୍ୱିପାକ୍ଷିକ ସମ୍ପର୍କ ନେଇ...

ନେବା ସମ୍ପର୍କରେ ଆଲୋଚନା କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରତିନିଧି ଦଳକୁ ଓଡ଼ିଶାର ଇତିହାସ, ଏହାର ସମୃଦ୍ଧ ଐତିହ୍ୟ ଏବଂ ସାମ୍ପ୍ରତିକ କୃଷି ସ୍ଥିତି ସମ୍ପର୍କରେ ଅବଗତ କରାଇବା ସହ ପରମ୍ପରା ଏବଂ ଆଧୁନିକ ବିକାଶ ମଧ୍ୟରେ ରାଜ୍ୟର ସନ୍ତୁଳିତ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବ୍ୟାଙ୍କର 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍' ରିପୋର୍ଟରେ ଏକ 'ଅଚିଭର' ରାଜ୍ୟ ଭାବରେ ଓଡ଼ିଶା ନିଜର ସରଳ ନୀତି, ଭିତ୍ତିଭୂମି ଓ ଶିଳ୍ପ-ଉପଯୋଗୀ ପରିବେଶ ଦ୍ୱାରା ବିଶ୍ୱରୁ ପୁଞ୍ଜିନିବେଶକାରୀଙ୍କୁ ଆକର୍ଷିତ କରୁଛି। ଭାରତରେ ପ୍ରସ୍ତାବିତ ତିନୋଟି ଗ୍ରୀନ୍ ହାଇଡ୍ରୋଜେନ୍ ହବ୍ ମଧ୍ୟରୁ ଦୁଇଟି ଓଡ଼ିଶାର ପାରାଦୀପ ଏବଂ ଗୋପାଳପୁରରେ ସ୍ଥାପନ କରାଯିବ। ଏହି ହବ୍‌ଗୁଡ଼ିକ ରାଜ୍ୟକୁ ପାରମ୍ପରିକ ଶକ୍ତିରୁ ଅକ୍ଷୟ ଶକ୍ତି ଆଡ଼କୁ ଅଗ୍ରସର ହେବାରେ ସାହାଯ୍ୟ କରିବ ଏବଂ ଓଡ଼ିଶାକୁ ଗ୍ରୀନ୍ ଟେକ୍ନୋଲୋଜି ଓ କାର୍ବନମୁକ୍ତ ଅଭିଯାନରେ ଦେଶର ଅଗ୍ରଣୀ ଭାବେ ସ୍ଥାପିତ କରିବ। ସ୍ୱଚ୍ଛ ଶକ୍ତି ଓ ଶିଳ୍ପ ସହଯୋଗ ସମ୍ବନ୍ଧୀୟ ପ୍ରକଳ୍ପରେ ପୁଞ୍ଜିନିବେଶ କରିବାକୁ କାନାଡ଼ା ଆଗ୍ରହ ପ୍ରକାଶ କରିଛି। ଏହି ସବୁ କ୍ଷେତ୍ରରେ ଅଧିକ ସହଯୋଗ ପାଇଁ ଆଗାମୀ ଦିନରେ ଆଲୋଚନା ଜାରି ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ତଥା ସିଏମଡ଼ି ଓପିଟିସିଏଲ୍ ଭାସ୍କର ଜ୍ୟୋତି ଶର୍ମା ମଧ୍ୟ ଉପସ୍ଥିତ ଥିଲେ।

# ସରକାରୀ ଅର୍ଥ ହେରଫେର ମାମଲା: କେସିସି ବ୍ୟାଙ୍କ ଦୁର୍ନୀତି ମାମଲାରେ ଦୁଇ ଠକଙ୍କୁ ଧରିଲା ଭିଜିଲାନ୍ସ ବିଭାଗ

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**
ଗୁରୁବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ କେସିସି ବ୍ୟାଙ୍କ ଟଙ୍କା ଆତ୍ମସାତ ଘଟଣାରେ ଆଉ ଦୁଇଜଣଙ୍କୁ ଗିରଫ କରାଯାଇଛି। ଏମାନେ ହେଲେ ନିବେଦିତା ତରାଇ ଏବଂ ତାଙ୍କ ଲିଭ୍-ଇନ୍ ପାର୍ଟନର ନୃସିଂହ ପ୍ରସାଦ ଖମାରୀ। ଯେଉଁମାନେ ଉଭୟ ମାଲକାନଗିରିର କେସିସି ବ୍ୟାଙ୍କର ଶାଖା ପରିଚାଳକ ସୁଧାଂସୁ ଖୋରାଙ୍କ ସହ ଟଙ୍କା ଆତ୍ମସାତ୍ ଘଟଣାରେ ଜଡିତ ଥିଲେ। ପ୍ରକାଶ ଥାଉ କି ଶ୍ରୀ ଖୋରାଙ୍କୁ ମେ ୫ରେ ଗିରଫ କରାଯାଇଥିଲା ଏବଂ ପଚରାଉଚରା ପାଇଁ ପୋଲିସ ରିମାଣ୍ଡରେ ନେଇଛି। ବର୍ତ୍ତମାନ ତଦନ୍ତରୁ ଜଣାପଡିଛି ଯେ ଶ୍ରୀ ଖୋରା ଧରାପଡ଼ିବା ଭୟରେ ଏହାକୁ ଏଡାଇବା ପାଇଁ ଏକ ଷଡ଼ଯନ୍ତ୍ର କରି ପ୍ରାୟ ୬୩ ଲକ୍ଷ ଟଙ୍କା ତାଙ୍କ ସହଯୋଗୀ ସୁଶ୍ରୀ ନିବେଦିତା ତରାଇ ଏବଂ ନୃସିଂହ ପ୍ରସାଦ ଖମାରୀଙ୍କୁ ହସ୍ତାନ୍ତର କରିଥିଲେ। ଶ୍ରୀ ଖୋରା ଫେସବୁକ୍ ପ୍ରୋଫାଇଲ୍ ମାଧ୍ୟମରେ ସୁଶ୍ରୀ ନିବେଦିତା ତରାଇ ଓରଫ ସୁଶ୍ରୀ ସୁଲଗ୍ନାଙ୍କ ସମ୍ପର୍କରେ ଆସିଥିଲେ ଏବଂ ମିଳିତ ଭାବରେ ବ୍ୟାଙ୍କ ପାଣ୍ଠି ହଡ଼ପ କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରିଥିଲେ। ଶ୍ରୀ ଖମାରି ଦୀର୍ଘ ଦିନ ଧରି ସୁଶ୍ରୀ ତରାଇଙ୍କ ସହିତ ଲିଭ୍-ଇନ୍ ସମ୍ପର୍କରେ ଥିବା କହିଛନ୍ତି। ଠକ ଯୋଡ଼ି ଶ୍ରୀ ଖମାରି ଏବଂ ସୁଶ୍ରୀ ତରାଇଙ୍କ ପୃଥକ ସମାନ୍ତରାଳ ତଦନ୍ତ ଏବଂ ପଚରାଉଚରାରୁ ଜଣାପଡିଛି ଯେ ସେମାନେ ଦୁହେଁ ବୃତ୍ତିଗତ ଭାବେ ଲୋକଙ୍କୁ ଠକୁଥିଲେ ଏବଂ ଅନେକ ଲୋକଙ୍କୁ ଠକି ଏପରି ଅଧିକ ଠକେଇ କରିଥିବା ଜଣାପଡ଼ିଛି। ଖମାରିଙ୍କ ଦ୍ୱାରା କରାଯାଇଥିବା ୧୪ ଲକ୍ଷ ଟଙ୍କାର ଠକେଇ ପାଇଁ ବାଙ୍ଗାଲୋର ପୋଲିସ କମିଶନରେଟରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଏହା ସହିତ, ଜଗତସିଂପୁରରେ ସେମାନଙ୍କ ଦ୍ୱାରା କରାଯାଇଥିବା ୩୦ ଲକ୍ଷ ଟଙ୍କାର ଆଉ ଏକ ଠକେଇ ହୋଇଥିବା ଜଣାପଡ଼ିଛି। ସେହିପରି, ବାରିପଦା, ପାରାଦୀପ ଏବଂ ଭୁବନେଶ୍ୱରରେ ଦୁହିଁଙ୍କ ଦ୍ୱାରା ହୋଇଥିବା ଠକେଇ ହୋଇଥିବାର ଖବର ମିଳିଛି।

## ରାଜଧାନୀ ଉପକଣ୍ଠରେ ଯୁବକଙ୍କୁ ପିଟି ପିଟି ମାରିଦେବା ଘଟଣା

# ରାଜ୍ୟରେ ଭୁଶୁଡ଼ି ଗଲାଣି ଆଇନର ଶାସନ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜଧାନୀ ଉପକଣ୍ଠ ବାଲିଅନ୍ତା ରାମଚନ୍ଦ୍ରପୁର ବ୍ରିଜ୍ ନିକଟରେ ପୋଲିସର ଉପସ୍ଥିତିକୁ ଭ୍ରୂକ୍ଷେପ ନ କରି ପିଟି ପିଟି ଜଣେ ଯୁବକଙ୍କୁ ମାରିଦେବା ଘଟଣା ଦୁର୍ଭାଗ୍ୟଜନକ ଓ ରାଜ୍ୟରେ ଆଇନର ଶାସନ ଭୁଶୁଡ଼ି ପଡ଼ିଛି ବୋଲି ବିଜେଡି ଅଭିଯୋଗ କରିଛି ।
ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ମୁଖପାତ୍ର ଶ୍ରୀ ତୁମ୍ବନାଥ ପଣ୍ଡା କହିଛନ୍ତି ଯେ, ଗତ ୧ ସପ୍ତାହ ମଧ୍ୟରେ ରାଜ୍ୟରେ ବୃଦ୍ଧି ପାଉଥିବା ଜଘନ୍ୟ ଅପରାଧ ଓ ହତ୍ୟାକାଣ୍ଡ ଆଗରୁ କେବେ ଦେଖିବାକୁ ମିଳିନଥିଲା । ବିଜେପି ସରକାରକୁ ଆସିଲା ପରେ ରାଜ୍ୟ ଗୃହ ବିଭାଗର ଅପାରଗତା ଲାଗି ଆଜି ଓଡ଼ିଶା ସାରା ଦେଶରେ ନିନ୍ଦିତ ହେଉଛି । ଡ଼ ଲେନିନ ମହାନ୍ତି କହିଥିଲେ ଯେ, ଶାନ୍ତିପ୍ରିୟ ଓଡ଼ିଶାରେ ପ୍ରତ୍ୟେକ ଦିନ ଘଟୁଥିବା ହିଂସାକାଣ୍ଡ ପାଇଁ ରାଜ୍ୟବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ହିଞ୍ଜିଳିରେ ସ୍ପଷ୍ଟ ଦିବାଲୋକରେ ଜଣେ ଗର୍ଭବତୀ ମହିଳାଙ୍କୁ ହତ୍ୟା ଓ କଣାସରେ ଜଣେ ଯୁବକଙ୍କ ଉପରେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ ସମସ୍ତଙ୍କୁ ବିଚଳିତ କରିଥିବା ବେଳେ ଆଜିର ଘଟଣା ପରେ ପୋଲିସ୍ ପ୍ରଶାସନିକ ବ୍ୟବସ୍ଥା ଉପରେ ଲୋକଙ୍କ ଆସ୍ଥା ତୁଟିଯାଇଛି । ଶ୍ରୀ ତୁମ୍ବନାଥ ପଣ୍ଡା କହିଥିଲେ ଯେ, ପ୍ରଚାର ସର୍ବସ୍ୱ ସରକାର ଆଇନର ଶାସନ ପ୍ରତି ସମ୍ପୂର୍ଣ୍ଣ ସମ୍ବେଦନହୀନ ହୋଇପଡ଼ିଥିବାର ଫଳ ପ୍ରତିଦିନ ରାଜ୍ୟବାସୀ ଭୋଗୁଛନ୍ତି । ସରକାରଙ୍କ ଅପାରଗତା ଲାଗି ରାଜ୍ୟରେ ଉଦ୍‌ବେଗଜନକ ଭାବେ ହିଂସାକାଣ୍ଡ ବୃଦ୍ଧି ପାଉଛି । ବିଭତ୍ସ ଘଟଣାମାନ ଘଟିଲା ପରେ ସରକାରଙ୍କ ନିଦ ଭାଙ୍ଗୁଛି ଏବଂ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସରକାର କହୁଛନ୍ତି । କିନ୍ତୁ ଅପରାଧ ନିରାକରଣ ପାଇଁ କୌଣସି ପଦକ୍ଷେପ ସରକାର ନେଉନାହାନ୍ତି। ଏଭଳି ପରିସ୍ଥିତି ଲାଗି ରହିଲେ ବ୍ୟବସ୍ଥା ଉପରୁ ଲୋକଙ୍କ ଭରସା ତୁଟିଯିବ । ନେଡି ଗୁଡ଼ କହୁଣୀକୁ ବୋହି ଯିବା ପୂର୍ବରୁ ଡବଲ ଇଞ୍ଜିନ ସରକାର ହିଂସାକାଣ୍ଡ ରୋକିବାକୁ ପଦକ୍ଷେପ ନିଅନ୍ତୁ ।

# ପି.ଏମ.ଜି.ଏସ.ୱାଇ ଆଞ୍ଚଳିକ ସମୀକ୍ଷା ବୈଠକ ଆରମ୍ଭ

# ଗ୍ରାମୀଣ ରାସ୍ତାର ଗୁଣବତା ଏବଂ ପ୍ରକଳ୍ପ ସମୟସୀମା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା (ପିଏମଜିଏସୱାଇ) ଉପରେ ଦୁଇ ଦିନିଆ ଆଂଚଳିକ ସମୀକ୍ଷା ବୈଠକ ଗୁରୁବାର ଭୁବନେଶ୍ୱରରେ ଆରମ୍ଭ ହୋଇଯାଇଛି ।ଗ୍ରାମୀଣ ରାସ୍ତା ବିକାଶର ପ୍ରଗତି ସମୀକ୍ଷା, ସମସ୍ୟା ଚିହ୍ନଟ ଏବଂ ଭବିଷ୍ୟତ ଯୋଜନା ପାଇଁ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଏହି ବୈଠକ ଆୟୋଜନ କରାଯାଉଛି, ଯେଉଁଥିରେ ଓଡ଼ିଶା ଆୟୋଜକ ରାଜ୍ୟ ଭାବେ ଭୂମିକା ନିର୍ବାହ କରୁଛି ।




ଓଡ଼ିଶା ସହିତ ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ, ତ୍ରିପୁରା ଓ ପଶ୍ଚିମବଙ୍ଗର ପ୍ରତିନିଧିମାନେ ବୈଠକରେ ଅଂଶଗ୍ରହଣ କରୁଛନ୍ତି । ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ, ଜାତୀୟ ଗ୍ରାମୀଣ ଭିତ୍ତିଭୂମି ବିକାଶ ସଂସ୍ଥା (ଏନଆରଆଇଡିଏ) ଓ ବିଭିନ୍ନ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ତଥା ସଂସ୍ଥାର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଅଛନ୍ତି।
ପିଏମଜିଏସୱାଇର ଗୁରୁତ୍ୱ କେବଳ ସଡକ ନିର୍ମାଣରେ ସୀମିତ ନ ରହି, ନିର୍ମାଣ କାର୍ଯ୍ୟର ଗୁଣବତା ବୃଦ୍ଧି ଓ ସଠିକ ରକ୍ଷଣାବେକ୍ଷଣା ଉପରେ ମଧ୍ୟ କେନ୍ଦ୍ରିତ ହୋଇଛି ବୋଲି ଉଦଘାଟନୀ ଅଧିବେଶନରେ ଉପସ୍ଥିତ ଅଧିକାରୀମାନେ ମତ ପ୍ରକାଶ କରିଥିଲେ। ପାହାଡ଼ିଆ ଅଂଚଳ, ଅଧିକ ବର୍ଷା ଓ ବିକୀର୍ଣ୍ଣ ବସତି ଭଳି ଏହି ଅଂଚଳର ରାଜ୍ୟମାନଙ୍କ ଅନନ୍ୟ ସମସ୍ୟା ଗୁଡିକୁ ଏହି ବୈଠକରେ ଉଲ୍ଲେଖ କରାଯାଇଥିଲା।
ବୈଠକରେ ପୂର୍ବ ପର୍ଯ୍ୟାୟଗୁଡିକର ଅପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ସମାପ୍ତ କରିବା ସହିତ ପିଏମଜିଏସୱାଇ-୦୦ କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନେବା ଉପରେ ଗୁରୁତ୍ୱ ଦିଆଯାଉଛି। ସୂଚନାଯୋଗ୍ୟ ଯେ ପୂର୍ବ ତିନି ପର୍ଯ୍ୟାୟରେ ଓଡ଼ିଶା ୯୯.୬୩ ପ୍ରତିଶତ କାର୍ଯ୍ୟ ସମାପ୍ତ କରିଥିବା ବେଳେ, ପିଏମଜିଏସୱାଇ-୦୦ର ପ୍ରଥମ ବ୍ୟାଚରେ ୮୨୭ଟି ସଡକ (୧,୭୦୧.୮ କି.ମି.) ଅନୁମୋଦିତ ହୋଇଛି।
ଏହି ବୈଠକରେ ପାରଦର୍ଶିତା ଓ ନିରୀକ୍ଷଣ ବୃଦ୍ଧି ପାଇଁ ନେଇଥିବା ପଦକ୍ଷେପ, ବିଶେଷକରି ଡିଜିଟାଲ ପ୍ରଣାଳୀର ବ୍ୟବହାର ଉପରେ ମଧ୍ୟ ଆଲୋଚନା ହେଉଛି। ଦ୍ୱିତୀୟ ଦିନରେ ଗୁଣମାନ ସୁଧାର, ଡିଜିଟାଲ ପ୍ରଯୁକ୍ତିର ବ୍ୟବହାର, ଅର୍ଥ ପରିଚାଳନା ଓ ସଡକ ରକ୍ଷାଣାବେକ୍ଷଣ ଉପରେ ଗୁରୁତ୍ୱ ଦିଆଯିବ। ଏହି ବୈଠକ ମାଧ୍ୟମରେ ରାଜ୍ୟମାନଙ୍କ ମଧ୍ୟରେ ଅନୁଭବ ବିନିମୟ ହେବା ସହିତ ବ୍ୟବହାରିକ ସମାଧାନ ଚିହ୍ନଟ କରାଯାଇ, ଭାରତରେ ଗ୍ରାମୀଣ ସଡକ ବିକାଶକୁ ଆହୁରି ଦ୍ରୁତ, ଉନ୍ନତ ଓ ଦୀର୍ଘସ୍ଥାୟୀ କରିବାର ଲକ୍ଷ୍ୟ ରହିଛି।

## ବାଲିଅନ୍ତାରେ ଯୁବକକୁ ପିଟିପିଟି ହତ୍ୟା ଘଟଣା

# ଲୋକଙ୍କ ସୁରକ୍ଷା ତଥା ଓଡ଼ିଶାରେ ଆଇନଶୃଙ୍ଖଳା ସୁନିଶ୍ଚିତ କରନ୍ତୁ ସରକାର : ନବୀନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ ଜଣେ ଯୁବକକୁ ପିଟିପିଟି ହତ୍ୟା କରାଯିବା ଘଟଣାରେ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ।ବଡ଼ ବଡ଼ ଭାଷଣରେ ସରକାର ଚାଲେନି, ମିଛ ବାହାସ୍ଫୋଟରେ ସରକାର ଚାଲେନି। ସରକାର ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲୋକଙ୍କ ସୁରକ୍ଷା ତଥା ଓଡ଼ିଶାରେ ଆଇନଶୃଙ୍ଖଳା ସୁନିଶ୍ଚିତ କରନ୍ତୁ ବୋଲି ଦାବି କରିଛନ୍ତି ନବୀନ। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ନବୀନ ଲେଖିଛନ୍ତି ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ ଜଣେ ଯୁବକକୁ ପିଟିପିଟି ସର୍ବସମ୍ମୁଖରେ ହତ୍ୟା କରାଯିବା ପରି ଘଟଣା ଅତ୍ୟନ୍ତ ବର୍ବର। ରାଜ୍ୟ ରାଜଧାନୀ ନିକଟରେ ଏପରି ଜଘନ୍ୟ ଘଟଣା ଘଟୁଥିଲେ ବି ସରକାରଙ୍କ ଅସମ୍ଭବ ନୀରବତା ରାଜ୍ୟବାସୀଙ୍କୁ ଆଶ୍ଚର୍ଯ୍ୟ କରିଦେଉଛି।
ପୋଲିସ ଉପସ୍ଥିତିରେ ଯଦି ଏପରି ଘଟଣା ଘଟୁଛି, ତେବେ ଲୋକେ କାହାକୁ ସୁରକ୍ଷା ମାଗିବେ? ଅପରାଧୀଙ୍କ ଆଗରେ ପୋଲିସ ପ୍ରଶାସନ, ସରକାର ଏତେ ଅସହାୟ କାହିଁକି? ଭୁବନେଶ୍ୱର ଉପକଣ୍ଠରେ ଯଦି ସରକାର ଏପରି ଘଟଣାକୁ ରୋକିବାରେ ଅସମର୍ଥ, ତେବେ ସାରା ରାଜ୍ୟର ଅବସ୍ଥା କ'ଣ ତାହା ସ୍ପଷ୍ଟ ଅନୁମେୟ। ନିକଟରେ ହିଞ୍ଜିଳି, କଣାସ ଓ ଢେଙ୍କାନାଳରେ ଘଟିଥିବା ବର୍ବର କାଣ୍ଡରେ ସରକାର କ'ଣ



ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ? ସାଧାରଣ ଜନତାଙ୍କ ସୁରକ୍ଷା ସରକାର କାହିଁକି ବିପନ୍ନ କରୁଛନ୍ତି? ବଡ଼ ବଡ଼ ଭାଷଣରେ ସରକାର ଚାଲେନି, ମିଛ ବାହାସ୍ଫୋଟରେ ସରକାର ଚାଲେନି।
ସରକାର ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲୋକଙ୍କ ସୁରକ୍ଷା ତଥା ଓଡ଼ିଶାରେ ଆଇନଶୃଙ୍ଖଳା ସୁନିଶ୍ଚିତ କରନ୍ତୁ।

# ଗଜପତିରେ ୨୧ ମେଟ୍ରିକ ଟନ, ବରଗଡ଼ରେ ୧୯୧୪ କେଜି ଓ ସୁବର୍ଣ୍ଣପୁରରେ ୧ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସାରା ରାଜ୍ୟରେ ମାଦକ ଦ୍ରବ୍ୟ ଚୋରା ଚାଲାଣ ଓ ନିଶାଦ୍ରବ୍ୟ କାରବାର ବିରୋଧରେ ଓଡ଼ିଶା ପୋଲିସ ପକ୍ଷରୁ ଚାଲିଥିବା "ନିଶା ମୁକ୍ତ ଓଡ଼ିଶା" ଅଭିଯାନରେ ବିଗତ କିଛି ଦିନ ମଧ୍ୟରେ ବଡ଼ ସଫଳତା ମିଳିଛି। ଗଜପତି ଜିଲ୍ଲାର ଆର. ଉଦୟଗିରି ଓ ଅଡବା ଥାନା ପୋଲିସ ପକ୍ଷରୁ ବିଗତ କିଛି ଦିନ ମଧ୍ୟରେ କିରାମା, ସମ୍ବଲପୁର, କେଶରୀଗୁଡା ଓ ରାଇପଙ୍କା ଗ୍ରାମପଂଚାୟତ ଅଂଚଳରେ ନିରନ୍ତର ଚଢ଼ାଉ କରାଯାଇଥିଲା। ଏହି ଅଞ୍ଚଳଗୁଡିକରେ ମୋଟ ୨୧ ଟି ଚଢ଼ାଉ କରାଯାଇ ପ୍ରାୟ ୨୧ ମେଟ୍ରିକ ଟନ ଗଞ୍ଜେଇ ଜବତ କରାଯାଇଛି । ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୧ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହି ଘଟଣାରେ ୦୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୧୦ରୁ ୧୨ ଜଣ ଅଭିଯୁକ୍ତ ଏବେ ମଧ୍ୟ ଫେରାର ଅଛନ୍ତି। ସେଥିସହ ଅପରାଧରେ ବ୍ୟବହୃତ ୦୩ଟି ଯାନବାହନ ମଧ୍ୟ ଜବତ କରାଯାଇଛି । ସେହିପରି ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ଥାନା ଅଂଚଳରେ ଚାଲିଥିବା ନିଶାଦ୍ରବ୍ୟ ଓ ଅବୈଧ ମଦ ବିରୋଧୀ ଅଭିଯାନରେ ମଧ୍ୟ ବଡ଼ ସଫଳତା ମିଳିଛି। ଗୁଜା ଗ୍ରାମରେ ବେଆଇନ ଗଞ୍ଜେଇ ଓ ଦେଶୀ ମହୁଲି ମଦ କାରବାର ସମ୍ପର୍କରେ ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା। ଅଭିଯାନ ସମୟରେ ମୋଟ ୦୧ କ୍ୱିଣ୍ଟାଲ ୫୮ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ସରକାରୀ ମୂଲ୍ୟାଙ୍କନ ଅନୁଯାୟୀ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୫ ଲକ୍ଷ ୮୫ ହଜାର ଟଙ୍କା। ଏହାସହ ୨୦୦ ଲିଟର ଦେଶୀ ରନ୍ଧା ମହୁଲି ମଦ ଜବତ କରାଯାଇଥିବା ବେଳେ ପ୍ରାୟ ୫୦୦୦ ଲିଟର ମହୁଲି ପୋଚ ନଷ୍ଟ କରାଯାଇଥିଲା। ସେହିପରି ବରଗଡ଼ ଜିଲ୍ଲାର ଝାରବନ୍ଧ ଥାନା ପୋଲିସ ମଧ୍ୟ ଗଞ୍ଜେଇ ଚୋରା ଚାଲାଣ ବିରୋଧରେ ବଡ଼ ସଫଳତା ହାସଲ କରିଛି। ଗତ ୦୫ ତାରିଖ ରାତିରେ ପାଇକମାଲ ଥାନା କର୍ମଚାରୀମାନେ ନିୟମିତ ପାଟ୍ରୋଲିଂ କରୁଥିବା ସମୟରେ ଝାରବନ୍ଧ ଅଂଚଳରେ ଏକ ଟ୍ରକ ତଲାସି କରି ୧୯୧୪ କେଜି ଗଞ୍ଜେଇ ଜବତ କରିଥିଲେ। ଏହି ଘଟଣାରେ ପୋଲିସ ୦୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଅଧିକ ତଦନ୍ତ ଜାରି ରହିଛି। ସେଥିସହ ଅପରାଧରେ ବ୍ୟବହୃତ ୦୩ଟି ଯାନବାହନ ମଧ୍ୟ ଜବତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗଞ୍ଜେଇ ଚାଷ ଓ ନିଶାଦ୍ରବ୍ୟ କାରବାରକୁ ମୂଳପୋଛ କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ସାରା ରାଜ୍ୟରେ ସଂଘବଦ୍ଧ ଅଭିଯାନଚାଲିଛି। ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ତୃଣମୂଳ ସ୍ତରରେ କଠୋର ପଦକ୍ଷେପ ଗ୍ରହଣ କରାଯାଉଛି। ମାଦକ ଦ୍ରବ୍ୟ କାରବାର ବିରୋଧରେ ଓଡ଼ିଶା ପୋଲିସ "ଶୂନ୍ୟ ସହନଶୀଳତା" ନୀତି ଅନୁସରଣ କରୁଥିବା ବେଳେ ଆଗାମୀ ଦିନରେ ମଧ୍ୟ ଏଭଳି ଅଭିଯାନ ଆହୁରି ଜୋରଦାର ଭାବେ ଜାରି ରହିବ ବୋଲି ଡିଜିପି ସୂଚନା ଦେଇଛନ୍ତି।

# 'ପ୍ରକଳ୍ପ ଉନ୍ନତି' ଅଧୀନରେ ପନିପରିବା ଚାଷକୁ ପ୍ରୋତ୍ସାହନ ଦେଇ ଚାଷୀଙ୍କ ଜୀବିକା ସୁଦୃଢ କରୁଛି ଆଦିତ୍ୟ ଆଲୁମିନିୟମ୍

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**
ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମର ଅଂଶ ଭାବେ ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗା ପକ୍ଷରୁ 'ପ୍ରକଳ୍ପ ଉନ୍ନତି' ଅଧୀନରେ କୃଷିକୁ ପ୍ରୋତ୍ସାହନ ଦେଇ ଚାଷୀମାନଙ୍କର ଉତ୍ପାଦନକ୍ଷମତା ବୃଦ୍ଧି ସହ ଜୀବିକାର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଆସନ୍ତା ଖରିଫ ଋତୁକୁ ଦୃଷ୍ଟିରେ ରଖି ଚୟନିତ ଚାଷୀମାନଙ୍କୁ ଭେଣ୍ଡି ବିହନ ସହିତ ଜିଆଖତ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡିଶାର କୃଷି-ଜଳବାୟୁ ପରିସ୍ଥିତି ପାଇଁ ଉପଯୁକ୍ତ ଉଚ୍ଚ ଉତ୍ପାଦନଶୀଳ ଏବଂ ୱାଇଭିଏମ୍‌ଭି-ପ୍ରତିରୋଧକ ଭେଣ୍ଡି ପ୍ରଜାତି ବିଷୟରେ



ସଚେତନତା ସୃଷ୍ଟି ସହିତ ରାସାୟନିକ ସାର ଉପରେ ନିର୍ଭରଶୀଳତା କମାଇବାରେ ଜିଆଖତର ଉପକାରିତା ସମ୍ପର୍କରେ ମଧ୍ୟ ଚାଷୀମାନଙ୍କୁ ଅବଗତ କରାଯାଇଥିଲା।
ଏହି ପ୍ରୟାସରେ କଟାରବଗା, ବୋମାଲୋଇ ଏବଂ ଘିଚାମୁରା ପଞ୍ଚାୟତର ମୋଟ ୧୦୦ ଜଣ ଚାଷୀ ଲାଭାନ୍ୱିତ ହୋଇଥିଲେ। ଅଂଶଗ୍ରହଣକାରୀ ଚାଷୀମାନେ କୃଷକ ସମୁଦାୟ ପ୍ରତି ନିରନ୍ତର ସହଯୋଗ ପ୍ରଦାନ କରୁଥିବାରୁ ଆଦିତ୍ୟ ଆଲୁମିନିୟମ୍ ପ୍ରତି କୃତଜ୍ଞତା ଜଣାଇଥିଲେ।
ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ଆଲୁମିନିୟମ୍‌ର ସିଏସଆର ମୁଖ୍ୟ ରବି ନିୱାସ, ସିପିପିର ସହକାରୀ ମହାପ୍ରବନ୍ଧକ ଜ୍ୟୋତି ମୁଦୁଲି, ୟୁନିଟ୍ ଏଚଆର ସୁରେଶ ଦାଶ ଏବଂ ଘିଚାମୁରା ପଞ୍ଚାୟତର ସରପଞ୍ଚ ରାଜିବ କିଶାନ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ଚାଷୀମାନଙ୍କୁ ବ୍ୟାବସାୟିକ ପନିପରିବା ଚାଷ ଆପଣାଇବାକୁ ଉତ୍ସାହିତ କରିବା ସହ କୃଷକ ମାନଙ୍କ ଜୀବିକା ଉନ୍ନତି ପାଇଁ ଆଗାମୀ ଦିନରେ ମଧ୍ୟ ସମ୍ପୂର୍ଣ୍ଣ ମାର୍ଗଦର୍ଶନ ଓ ସହଯୋଗ ଜାରି ରହିବ ବୋଲି ଆଶ୍ୱାସନ ଦେଇଥିଲେ।

ଉତ୍କଳ ଦୀପିକା

ଭୁବନେଶ୍ୱର, ୮ ମଇ, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଓଡ଼ିଶାର ଭିତ୍ତିଭୂମି ସୁଦୃଢ଼ ପାଇଁ କେନ୍ଦ୍ର ସରକାରଙ୍କ ବଡ଼ ପଦକ୍ଷେପ : ୧୦ ସଡ଼କ ପ୍ରକଳ୍ପ ନିମନ୍ତେ ୭୬୯ କୋଟି ଟଙ୍କା ମଞ୍ଜୁର

**ଭୁବନେଶ୍ୱର, ୭।୫ ନ୍ୟୁଜ ବ୍ୟୁରୋ**

ରାଜ୍ୟର ସାମଗ୍ରିକ ବିକାଶ ଓ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ସଡ଼କ ଓ ଭିତ୍ତିଭୂମି ପାଣ୍ଠି ଯୋଜନା ଅଧୀନରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ୧୦ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ନିମନ୍ତେ ୭୬୯ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଜଣାଇଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ବିଶେଷ କରି ରାଜ୍ୟର ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ୨୦୨୬-୨୭ ବର୍ଷ ପାଇଁ କେନ୍ଦ୍ରୀୟ ସଡ଼କ ଓ ଭିତ୍ତିଭୂମି ପାଣ୍ଠି ଦ୍ୱାରା ଅନୁମୋଦନ ହୋଇଥିବା ଏହି ସବୁ ପ୍ରକଳ୍ପ ଗୁଡିକ ମଧ୍ୟରେ ୫୨.୬୯ କୋଟିରୁ ଅଧିକ ଟଙ୍କାରେ ଝାରସୁଗୁଡା ଜିଲ୍ଲାର ଦଳଗାଁ-ତିଲିଆ ଏବଂ ଚାରପାଲି ଡଙ୍ଗାଘାଟ ରାସ୍ତା ସହ ରାମପେଲା ଆପ୍ରୋଚ୍ ବ୍ରିଜ ନିର୍ମାଣ କରାଯିବ। ୧୪୬ କୋଟିରୁ ଅଧିକ ଟଙ୍କାରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଟାଟା ବେଞ୍ଚ ଛକରୁ ଏମକେସିଜି ପର୍ଯ୍ୟନ୍ତ ଫ୍ଲାଇଓଭର, ୧୬୮.୨୬ କୋଟିରୁ ଅଧିକ ଟଙ୍କାରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଗିରିରୋଡ ଛକରୁ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଫ୍ଲାଇଓଭର କରାଯିବ। ସେହିପରି ୩୮.୪୬ କୋଟିରୁ ଅଧିକ ଟଙ୍କାରେ କୋରାପୁଟ୍ ଜିଲ୍ଲା ସେମିଳିଗୁଡା-ହାଣ୍ଡିପୁଟ ରାସ୍ତା ଉନ୍ନତିକରଣ, ୧୫.୨୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ କୋରାପୁଟ୍ ଜିଲ୍ଲା ଲମ୍‌ତାପୁଟ୍-ମାଛକୁଣ୍ଡ ରାସ୍ତା ଉନ୍ନତିକରଣ, ୩୨.୬୨ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ନବରଙ୍ଗପୁର ଜିଲ୍ଲା ଉମରକୋଟ୍-ଚନ୍ଦାହାଣ୍ଡି-ମାଲଗାଁ ରାସ୍ତା ପ୍ରଶସ୍ତିକରଣ, ୪୫.୫୨ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଗଜପତି ଜିଲ୍ଲା ଅଡବା-ପାଣିଗଣ୍ଡା ରାସ୍ତା ପ୍ରଶସ୍ତିକରଣ କରାଯିବ। ୨୪.୮୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଗଜପତି ଜିଲ୍ଲା ରାମଗିରି-ଜିରାଙ୍ଗ-ନାରାୟଣପୁର ରାସ୍ତା ସୁଦୃଢ଼ୀକରଣ, ୬୧.୧୧ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ନୂଆପଡା ଜିଲ୍ଲା ଖରିଆର୍ ରୋଡ୍-ଆମୋଦୀ-ବେଲଟୁକୁରି ରାସ୍ତା ପ୍ରଶସ୍ତିକରଣ ଏବଂ ୧୮୪.୯୭ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର-ବାଟଗ୍ରାମ-ଚନ୍ଦନେଶ୍ୱର ରାସ୍ତା ଉନ୍ନତିକରଣ କାର୍ଯ୍ୟ କରାଯିବ। ଉପାନ୍ତରୁ ନେଇ ଉପକୂଳ ଜିଲ୍ଲା ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପ ଗୁଡିକ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବା ସହିତ ସ୍ଥାନୀୟ ଅର୍ଥନୀତିକୁ ସମୃଦ୍ଧ କରିବାରେ ବେଶ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସରେ ଜଣାଇଛନ୍ତି।




# ରଥଖଳା: ୧୬ତମ ଦିନରେ ୧୬ ଚକ ନିର୍ମାଣ ଶେଷ

**ପୁରୀ, ୭/୦୫ ନ୍ୟୁଜ ବ୍ୟୁରୋ**

ରଥ ନିର୍ମାଣର ଗୁରୁବାର ୧୬ତମ ଦିନରେ ରଥଖଳାରେ ୧୯୨ ଜଣ କାମରେ ଲାଗିଥିଲେ। ଗୁରୁବାର ୬ଟି ଚକ ନିର୍ମାଣ ଶେଷ ହୋଇଛି। ଅର୍ଥାତ୍ ତିନିରଥର ମୋଟ ୪୨ଟି ଚକ ମଧ୍ୟରୁ ଗୁରୁବାର ସୁଦ୍ଧା ୧୬ଟି ଚକ ନିର୍ମାଣ ଶେଷ ହୋଇଛି। ଗୁରୁବାର ସୁଦ୍ଧା ତାଳଧ୍ୱଜ ଓ ଦର୍ପଦଳନ ରଥର ୫ଟି ଲେଖାଏଁ ଚକ ନିର୍ମାଣ ଶେଷ ହୋଇଥିବା ବେଳେ ନନ୍ଦିଘୋଷ ରଥର ୬ଟି ଚକ ନିର୍ମାଣ ଶେଷ ହୋଇଛି। ତାଳଧ୍ୱଜ ରଥର ବୁଧବାର ସୁଦ୍ଧା ୩ଟି ଚକ ଶେଷ ହୋଇଥିଲା। ଗୁରୁବାର ଆଉ ଦୁଇଟି ଚକ ନିର୍ମାଣ ଶେଷ ହୋଇଛି। ତାଳଧ୍ୱଜ ରଥର ୬ ନମ୍ବର ଚକ ପାଇଁ ପଇବିନ୍ଧ ଶେଷ ହେବାପରେ ତୁମ୍ବ ସାଲ ଅରରେ ପଇପିନ୍ଧା ହୋଇଛି। ୭ ନମ୍ବର ଚକର ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ ପରେ ଧାର୍ଯ୍ୟମାପ ଆଧାରରେ ଅର କଟିଙ୍ଗ ହୋଇ, ଆରମୁଖ ସାଲ ଶେଷ ହୋଇଛି। ସେହିପରି ଦର୍ପଦଳନ ରଥର ଗୁରୁବାର ସୁଦ୍ଧା ୫ଟି ଚକ ନିର୍ମାଣ ସରିଛି। ଦର୍ପଦଳନ ରଥର ୬ ନମ୍ବର ଚକ ଅରରେ ପଇପିନ୍ଧା ଶେଷ ହୋଇଛି। ୭ ନମ୍ବର ଚକର ବଳକା ଅର କଟାଯିବା ପରେ ଅର ମୁଖ ସାଲ କାମ ଚାଲିଛି। ନନ୍ଦିଘୋଷ ରଥର ଚକ ନିର୍ମାଣ ସଂଖ୍ୟା ୬ରେ ପହଞ୍ଚିଛି। ଏଥିସହ ୭ ନମ୍ବର ଚକରେ ପଇ ପିନ୍ଧା କାର୍ଯ୍ୟ ଶେଷ ହୋଇଛି। ୮ ନମ୍ବର ଚକ ତୁମ୍ବର ସିଙ୍ଗଡ଼ା କଟା ଶେଷ ହୋଇଛି। ସେହିଭଳି ତିନି ରଥର ପ୍ରଭା ଅପସରା ଓ ବେଦୀ ସିଂହାସନ ନିର୍ମାଣ ଶେଷ ହୋଇଛି। ଏଥିସହ ଗୁରୁବାର ସୁଦ୍ଧା ତିନିରଥର ୪ଟି ଲେଖାଏଁ ପ୍ରଥମ ଭୂଇଁ ମାଝୀ ଭୂଇଁ ଖମ୍ବି ନିର୍ମାଣ ଶେଷ ହୋଇଛି। ରୂପକାର ସେବକମାନେ ତିନି ରଥର ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ତିନି ରଥର ୧୦ଟି ଲେଖାଏଁ ଚକ ପାଇଁ ଆବଶ୍ୟକ ଅର କଣ୍ଟା ନିର୍ମାଣ ଶେଷ କରି ବାକି ଚକଗୁଡ଼ିକ ପାଇଁ ଅରକଣ୍ଟା ନିର୍ମାଣ ଚାଲିଛି। ବାକି ଚକଗୁଡ଼ିକର ତୁମ୍ବ ପାଇଁ ପନ୍ଦାରି ବଳା, ତୁମ୍ବ ବାହ୍ୟ ବଳା ଓ ପନ୍ଦାରି ଚାବି ନିର୍ମାଣ ଜାରି ରଖିଛନ୍ତି।



# 'ବନ୍ଦେ ମାତରମ୍'କୁ ଜାତୀୟ ସଙ୍ଗୀତ ଅନୁରୂପ ମାନ୍ୟତା : ଅସମ୍ମାନ କଲେ ହୋଇପାରେ ଜେଲ୍



**ନୂଆଦିଲ୍ଲୀ, ୦୭/୦୫**

ପଶ୍ଚିମବଙ୍ଗ ନିର୍ବାଚନରେ ବିପୁଳ ବିଜୟ ଲାଭ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏକ ଐତିହାସିକ ନିଷ୍ପତ୍ତି ନିଆଯାଇଛି। ବୈଠକରେ ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'କୁ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ସହ ସମାନ ମାନ୍ୟତା ଦିଆଯିବା ପ୍ରସ୍ତାବକୁ ମଞ୍ଜୁରି ମିଳିଛି । ସରକାର 'ରାଷ୍ଟ୍ରୀୟ ଗୌରବ ଅପମାନ ନିବାରଣ ଅଧିନିୟମ'ରେ ସଂଶୋଧନ ପ୍ରସ୍ତାବକୁ ସ୍ୱୀକାର କରିଛନ୍ତି । ସଂଶୋଧନ ଲାଗୁ ହେବା ପରେ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ରଚିତ 'ବନ୍ଦେ ମାତରମ' ଉପରେ ବି ସେହି ନିୟମ ଏବଂ କଟକଣା ଲାଗୁ ହେବ, ଯାହା ଏବେ ଜାତୀୟ ସଙ୍ଗୀତ ପାଇଁ ରହିଛି । ଏହାର ଉଲ୍ଲଂଘନକୁ ଅପରାଧ ବିବେଚନା କରାଯିବ । ଅର୍ଥାତ ଏହାର ଅସମ୍ମାନ କଲେ ଏଣିକି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜେଲ୍ ଦଣ୍ଡ, ଜରିମାନା ଆଦି ହୋଇପାରେ। ଏବେର ଆଇନ ଅନୁସାରେ, ଜାତୀୟ ପତାକା, ସମ୍ବିଧାନ, ଜାତୀୟ ସଙ୍ଗୀତର ଅପମାନ କଲେ ଜେଲ, ଜରିମାନା କିମ୍ବା ଉଭୟ ଦଣ୍ଡର ପ୍ରାବଧାନ ରହିଛି । ପ୍ରସ୍ତାବିତ ସଂଶୋଧନ ପରେ 'ବନ୍ଦେ ମାତରମ୍' ମଧ୍ୟ ଏହି ପରିସରକୁ ଆସିବ। କେନ୍ଦ୍ର ସରକାର ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏହି ପରିବର୍ତ୍ତନ କରିଛନ୍ତି । ଏଥିପାଇଁ ଆଇନର ଧାରା ୩ରେ ସଂଶୋଧନ କରାଯିବ । ଏହି ଧାରା ଅନୁସାରେ, ଯଦି କୌଣସି ବ୍ୟକ୍ତି ଜାଣିଶୁଣି ରାଷ୍ଟ୍ରଗୀତ ଗାନ ବେଳେ ବାଧା ସୃଷ୍ଟି କରିବାକୁ ଉଦ୍ୟମ କରେ କିମ୍ବା ରୋକେ ତେବେ ତାଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ, ଜରିମାନା କିମ୍ବା ଉଭୟ ଦଣ୍ଡ ହୋଇପାରେ । କେନ୍ଦ୍ର ସରକାର 'ବନ୍ଦେ ମାତରମ୍' ଗାନ ପାଇଁ ଔପଚାରିକ ପ୍ରୋଟୋକଲ ଲାଗି ଗାଇଡଲାଇନ ଜାରି କରିଛନ୍ତି । ଏହା ଅନୁସାରେ ବନ୍ଦେ ମାତରମର ସମ୍ପୂର୍ଣ୍ଣ ଭର୍ସନ ରହିବ, ଯେଉଁଥିରେ ୬ ଶ୍ଳୋକ ରହିଛି । ଏହାର ଅବଧି ପ୍ରାୟ ୩ ମିନିଟ୍ ୧୦ ସେକେଣ୍ଡ । ଏହାକୁ ପ୍ରମୁଖ ସରକାରୀ ସମାରୋହ ବେଳେ ପ୍ରସ୍ତୁତ ବା ଗାନ କରାଯିବ । ଏହାକୁ ଜାତୀୟ ପତାକା ଉତ୍ତୋଳନ, ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କ ଔପଚାରିକ କାର୍ଯ୍ୟକ୍ରମରେ ଔପଚାରିକ ଆଗମନ ଏବଂ ପ୍ରସ୍ଥାନ ସମାରୋହ ଏବଂ ନିର୍ଦ୍ଧାରିତ ଭାଷଣ ପୂର୍ବରୁ କିମ୍ବା ପରେ କାର୍ଯ୍ୟକ୍ରମରେ ସାମିଲ କରାଯିବ।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଲୋକପାଳ ପଦ ଖାଲି

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍, ୮ ଜୁଲାଇରେ ପରବର୍ତ୍ତୀ ଶୁଣାଣି

**କଟକ ୦୭/୦୫ ନ୍ୟୁଜ ବ୍ୟୁରୋ**

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ପ୍ରଣୀତ ଛାତ୍ର ଅଭିଯୋଗ ସମାଧାନ ନିୟମାବଳୀ-୨୦୨୩ର ଧାରା ୬ ଅନୁସାରେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ଲୋକପାଳ ନିଯୁକ୍ତ ହେବେ। କିନ୍ତୁ ତିନି ବର୍ଷ ହେବ ଉତ୍କଳ ବିଶ୍ୱବିଦ୍ୟାଳୟରେ ଲୋକପାଳ ପଦ ଖାଲି ପଡ଼ିଛି । ତେଣୁ ଏହି ପଦ ପୂରଣ ପାଇଁ ରୁଜୁ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ତଥା ଆଇନଜୀବୀ



ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ବିଚାରପତି ଜଷ୍ଟିସ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ଉଚ୍ଚଶିକ୍ଷା ସଚିବ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳସଚିବ (ରେଜିଷ୍ଟ୍ରାର)ଙ୍କୁ ନୋଟିସ ଜାରି କରିଛନ୍ତି । ପରବର୍ତ୍ତୀ ଶୁଣାଣି ଜୁଲାଇ ୮ ତାରିଖକୁ ଧାର୍ଯ୍ୟ ହୋଇଛି ।

ଛାତ୍ରଛାତ୍ରୀଙ୍କ ଆଡମିସନଠାରୁ ପରୀକ୍ଷା ପର୍ଯ୍ୟନ୍ତ ସମସ୍ତ ଅଭିଯୋଗର ସମାଧାନ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ନିୟମ ଅନୁସାରେ ଅଭିଯୋଗ ସମାଧାନ କମିଟି ଗଠନ କରାଯିବାର ବ୍ୟବସ୍ଥା ରହିଛି । ଏହି କମିଟିର ନିଷ୍ପତ୍ତି ବିରୋଧରେ ଅପିଲ୍ ଶୁଣିବା ପାଇଁ ଜଣେ ଲୋକପାଳ ନିଯୁକ୍ତ ହେବାର ପ୍ରାବଧାନ ରହିଛି। ପୂର୍ବତନ କୁଳପତି କିମ୍ବା ୧୦ ବର୍ଷର ଅଭିଜ୍ଞତା ଥିବା ପ୍ରଫେସର ତଥା ଜଣେ ପୂର୍ବତନ ଜିଲ୍ଲାଜଜ୍ ଏହି ପଦରେ ତିନିବର୍ଷ ଅବା ସତୁରି ବର୍ଷ ବୟସ ଯାଏଁ ନିଯୁକ୍ତି ପାଇବାର ବ୍ୟବସ୍ଥା ରହିଛି । କିନ୍ତୁ ୨୦୨୩ ମସିହା ମେ' ରୁ ଆରମ୍ଭ କରି ଏପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟରେ ଲୋକପାଳ ନିଯୁକ୍ତ ହୋଇନାହାନ୍ତି ।

୨୦୨୫ ଫେବ୍ରୁୟାରୀ ୬ ତାରିଖରେ ଝାଡ଼ଖଣ୍ଡ ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କୁ ଲୋକପାଳ ଭାବେ ନିଯୁକ୍ତି ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା । କିନ୍ତୁ ଜଷ୍ଟିସ୍ ଷଡ଼ଙ୍ଗୀ ଜାତୀୟ ମାନବାଧିକାର କମିଶନର ସଦସ୍ୟ ଭାବରେ ନିଯୁକ୍ତ ହୋଇଥିବାରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଯୋଗଦେଇ ପାରିନଥିଲେ । କିନ୍ତୁ ତା'ପରେ ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଲୋକପାଳ ନିଯୁକ୍ତି ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି । ଏ ଦିଗରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

# ହିଞ୍ଜିଳି ହତ୍ୟା ଘଟଣା : ୨ ବର୍ଷ ଶିଶୁକୁ ବାଳାଶ୍ରମକୁ ହସ୍ତାନ୍ତର, ନବୀନ ଦେଲେ ୧ ଲକ୍ଷ ସହାୟତା

**ବ୍ରହ୍ମପୁର, ୭/୦୫ ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ହିଞ୍ଜିଳିରେ ନିଜ ଅଧିକାର ପାଇଁ ଦାବି କରିଥିବା ଅନ୍ତଃସତ୍ତ୍ୱା ମହିଳା ପୂଜା ସ୍ୱାଇଁଙ୍କୁ ନିଜ ଦିଅର ହତ୍ୟା କରିବା ଘଟଣା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ପୂଜାଙ୍କ ମୃତ୍ୟୁ ପରେ ଅନାଥ ହୋଇଯାଇଛି ଦୁଇ ବର୍ଷର ଝିଅ। ମାଆର ମୃତ୍ୟୁ ପରେ ହିଞ୍ଜିଳି ପୁଲିସ ଦୁଇ ବର୍ଷର ଶିଶୁକନ୍ୟାକୁ ଉଦ୍ଧାର କରି ବ୍ରହ୍ମପୁର ଉତ୍କଳ ବାଳାଶ୍ରମକୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଜାରି ରଖିଛି। ଏହି ଘଟଣାକୁ ନେଇ ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ହତ୍ୟାକାରୀକୁ ତୁରନ୍ତ ଗିରଫ କରିବା ସହିତ ଦୁଇ ବର୍ଷର ଶିଶୁକନ୍ୟାର ଭବିଷ୍ୟତ ପାଇଁ ୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ଗୁରୁବାର ଗଞ୍ଜାମ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ତଥା ସୋରଡ଼ା ପୂର୍ବତନ ବିଧାୟକ ପୂର୍ଣ୍ଣ ସ୍ୱାଇଁଙ୍କ ନେତୃତ୍ୱରେ ବ୍ରହ୍ମପୁର ମେୟର ତଥା ମହିଳା ବିଜେଡି ସଭାନେତ୍ରୀ ସଂଘମିତ୍ରା ଦଳାଇଙ୍କ ନେତୃତ୍ୱରେ ୨୦ ଜଣିଆ ପ୍ରତିନିଧି ମଣ୍ଡଳ ଗୋଶାଣୀନୂଆଗାଁ ସ୍ଥିତ ଉତ୍କଳ ବାଳାଶ୍ରମରେ ପହଞ୍ଚି ଉକ୍ତ ଶିଶୁ କନ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହାସହିତ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ପ୍ରଦାନ କରିଥିବା ୧ ଲକ୍ଷ ଟଙ୍କାକୁ କୌଣସି ଏକ ବ୍ୟାଙ୍କ ସହିତ ଆଲୋଚନା କରି ଫିକ୍ସଡ଼ କରାଯିବ। ଶିଶୁକନ୍ୟାକୁ ୧୮ ବର୍ଷ ହେବାପରେ ଉକ୍ତ ଟଙ୍କାକୁ ଉଠାଇ ପାରିବେ ବୋଲି ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳାଇ ସୂଚନା ପ୍ରଦାନ କରିଛନ୍ତି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଡ଼ା. ରମେଶଚନ୍ଦ୍ର ପଟ୍ଟନାୟକ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଗଞ୍ଜାମ ଜିଲ୍ଲା ବିଜେଡି ସମ୍ପାଦକ ତଥା ଅର୍ବାନ ବ୍ୟାଙ୍କ ସଭାପତି ଆର. ମୁରଲି ମୋହନ, ଛତ୍ରପୁର ପୂର୍ବତନ ବିଧାୟକ ସୁବାସ ବେହେରା, ମହାନଗର ବିଜେଡି ସଭାନେତ୍ରୀ ସୋନାଲି ଗନ୍ତାୟତ ପ୍ରମୁଖ ଉତ୍କଳ ବାଳାଶ୍ରମ ଗସ୍ତ କରିଥିଲେ। ଉଲ୍ଲେଖ ଯୋଗ୍ୟ ଯେ, ନ୍ୟାୟଦାବିରେ ପୁରୁଷବନ୍ଧୁଙ୍କ ଘର ଆଗରେ ଧାରଣାରେ ବସିଥିବା ଗର୍ଭବତୀ ମହିଳାଙ୍କୁ ଟାଙ୍ଗିଆ ହାଣି ହତ୍ୟା କରାଯାଇଥିଲା। ଯାହାକୁ ନେଇ ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି । ବ୍ରହ୍ମପୁର ଏମକେସିଜି ମେଡିକାଲରେ ମହିଳାଙ୍କ ମୃତଦେହ ରହିଛି । ତେବେ ଏଯାଏ ତାଙ୍କ ମୃତଦେହ ନେବାକୁ ପରିବାରର କେହି ଆସୁନାହାନ୍ତି । ମହିଳାଙ୍କର ବାପା-ମାଆ ନଥିବା ବେଳେ ତାଙ୍କର କେହି ନିଜର ନଥିବା ଜଣାପଡିଛି। କେହି ନଆସିଲେ ପୁଲିସ ପ୍ରଶାସନ ପକ୍ଷରୁ ଶବସତ୍କାର କରିବା ନେଇ ସୂଚନା ମିଳିଛି। ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଖରିଡ଼ା ଗାଁରେ ପୁରୁଷବନ୍ଧୁଙ୍କ ଘର ବାରଣ୍ଡାରେ ପତ୍ନୀର ଅଧିକାର ଦାବିରେ ଧାରଣା ଦେଇଥିବା ୪ ମାସର ଗର୍ଭବତୀ ପୂଜା ସ୍ୱାଇଁ (୨୧)ଙ୍କୁ ହତ୍ୟା ଘଟଣାରେ ପୁଲିସ ଅଭିଯୁକ୍ତ ନାବାଳକ ଦିଅର ଓ ତାଙ୍କ ସହଯୋଗୀଙ୍କୁ ଛତ୍ରପୁର ଜେଜେବି (ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ)ରେ ହାଜର କରିଥିଲା। ପରେ ଉଭୟଙ୍କୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି । ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରିଛି ପୁଲିସ।




**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୦୭/୦୫/୨୦୨୬
୪,୫୩,୧୦୫/- ଟଙ୍କା
ସୁନା:-୦୦ଗ୍ରାମ୍୦୫୦ ମିଲିଗ୍ରାମ
ରୂପା:-୦୫ଗ୍ରାମ୍୦୦୦ ମିଲିଗ୍ରାମ

# ପୋଲିସ ଉପସ୍ଥିତିରେ ରେଳବାଇ କନଷ୍ଟେବଳଙ୍କୁ ପିଟିପିଟି ମାରିଦେଲେ

## ପ୍ରାଥମିକ ତଦନ୍ତରୁ ଏଥିରେ ୩ ପକ୍ଷ ସମ୍ପୃକ୍ତ ଥିବା ସାମ୍ନାକୁ ଆସିଛି : ଡିସିପି

**ଭୁବନେଶ୍ୱର, ୭/୦୫ ନ୍ୟୁଜ ବ୍ୟୁରୋ**

ରାଜଧାନୀ ଉପକଣ୍ଠରେ ଅଭାବନୀୟ ଘଟଣା । ଯୁବତୀଙ୍କ ସହ ଯୁବକଙ୍କ ବାଇକ ଧକ୍କା ପରେ ତାତିଲେ ଲୋକେ । ଦୁଇ ଯୁବକଙ୍କୁ ନିସ୍ତୁକ ମାଡ଼ ମାରି ପୋଲିସରେ ଜିମା ଦେଇଥିଲେ ସ୍ଥାନୀୟ ଲୋକେ । ବାଲିଅନ୍ତା ଥାନା ଅନ୍ତର୍ଗତ ବେଣ୍ଟପୁର ନିକଟ ସାଇପନ ଛକ ନିକଟରେ ଘଟିଛି ଏହି ଘଟଣା । ଲୋକଙ୍କ ଆକ୍ରମଣରେ ଜଣେ ଯୁବକଙ୍କ ଜୀବନ ଯାଇଛି। ମୃତକ ହେଲେ ଓଲଟପୁର ଥାନା ଅଧିନ ମୌଜପୁର ଗାଁର ସୌମ୍ୟରଞ୍ଜନ ସ୍ୱାଇଁ (୩୩) । ମୃତକ ସୌମ୍ୟରଞ୍ଜନ ରେଳବାଇ କନଷ୍ଟେବଳ ଥିଲେ । ସୌମ୍ୟଙ୍କ ସମ୍ପର୍କୀୟ ତଥା ଭଣଜା ଆହତ ଓମପ୍ରକାଶ ରାଉତ ଥାନାରେ ଅଟକ ଅଛନ୍ତି। ଯୁବତୀଙ୍କ ପକ୍ଷରୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ ହୋଇଥିବା ଭୁବନେଶ୍ୱର ଡିସିପି ସୂଚନା ଦେଇଛନ୍ତି। ଭିଡିଓ ଫୁଟେଜ୍ ଆଧାରରେ ଅଭିଯୁକ୍ତ ଚିହ୍ନଟ ହେବ ବୋଲି କହିଛନ୍ତି ଡିସିପି ଜଗମୋହନ ମୀନା। ପ୍ରାଥମିକ ତଦନ୍ତରୁ ଏଥିରେ ୩ ପକ୍ଷ ସମ୍ପୃକ୍ତ ଥିବା ସାମ୍ନାକୁ ଆସିଛି । ୨ ଯୁବତୀ ସ୍କୁଟିରେ ଯାଉଥିଲେ, ୨ ଯୁବକ ବାଇକ୍‌ରେ ଓଭରଟେକ୍ କରିଥିଲେ । ଏହା ପରେ ବାଇକ୍ ଫେରାଇ ଯୁବତୀଙ୍କୁ ଧକ୍କା ଦେଇଥିଲେ । ଗାଁ ଲୋକ ଝିଅକୁ ଉଦ୍ଧାର କରିବାକୁ ଆସି ଅଭିଯୁକ୍ତଙ୍କୁ ପିଟିଥିଲେ। ଜଣଙ୍କର ମୃତ୍ୟୁ ଘଟିଛି, ଆଉ ଜଣଙ୍କର ଷ୍ଟେଟମେଣ୍ଟ ରେକର୍ଡ ହୋଇଛି । ଯୁବତୀ ମଧ୍ୟ ଦୁଷ୍କର୍ମ ଉଦ୍ୟମ ନେଇ ଥାନାରେ ଏତଲା କରିଛନ୍ତି। ମୃତ ଯୁବକଙ୍କ ବିରୋଧରେ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ ହୋଇଛି। ଅଭିଯୋଗ କରିଥିବା ଝିଅର ଷ୍ଟେଟମେଣ୍ଟ ମଧ୍ୟ ନିଆଯାଇଛି ବୋଲି କହିଛନ୍ତି ଡିସିପି ଜଗମୋହନ ମୀନା। ଏହି ଘଟଣାରେ ପୁଲିସ ୪ ଜଣଙ୍କୁ ଅଟକ ରଖିଛି। ଏଥିସହ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି। ଏହି ଘଟଣା ପରେ ବାଲିଅନ୍ତା ଥାନା ପରିସରରେ ଉତ୍ତେଜନା ଦେଖା ଦେଇଛି। ଏପରିକି ଥାନାରେ ପୁଲିସ – ଲୋକେ ମୁହାଁମୁହିଁ ହୋଇଛନ୍ତି। କଟକ ଜିଲ୍ଲା ଓଲଟପୁର ଥାନା ମଉଜପୁର ଗ୍ରାମର ମୃତକ ସୌମ୍ୟରଞ୍ଜନ ସ୍ୱାଇଁ ଏବଂ ଭଣଜା ଓମ୍ ପ୍ରକାଶ ରାଉତ ଉଭୟ ଭୁବନେଶ୍ୱର ଯାଉଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଥାନା ରାମଚନ୍ଦ୍ର କାଜ ନିକଟରେ ଯୁବତୀଙ୍କ ସହିତ ବାଇକ ଧକ୍କା ହୋଇଥିଲା। ପରେ ସ୍ଥାନୀୟ ଲୋକେ ଦୁଇ ଯୁବକଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣ ପରେ ସୌମ୍ୟରଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ସୌମ୍ୟରଞ୍ଜନଙ୍କ ପିଉସା ବିଭୂତି କୁମାର ବିଶ୍ୱାଳ ଅଭିଯୋଗ କରିଛନ୍ତି ପୁତରା ଓ ତାଙ୍କ ସହିତ ସମ୍ପର୍କୀୟ ଭଣଜା ଯାଉଥିବା ସମୟରେ ରାମଚନ୍ଦ୍ର କାଜ ନିକଟରେ ଦୁର୍ଘଟଣା ଘଟିବା ପରେ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ଉଭୟଙ୍କୁ ମାଡ ମାରିଥିଲେ। ମରଣାନ୍ତକ ଆକ୍ରମଣ ଯୋଗୁଁ ପୁତୁରାର ଜୀବନ ଯାଇଛି । ଦୋଷୀଙ୍କୁ ଦଣ୍ଡ ଦେବା ପାଇଁ ସେ ଦାବି କରିଛନ୍ତି। ଏହି ଘଟଣାରେ ୨ ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଜଣେ ଯୁବତୀ ବେଣ୍ଟପୁରର ହୋଇଥିବା ବେଳେ ଅନ୍ୟଜଣେ ବାଲିଅନ୍ତା ଅଞ୍ଚଳର ବୋଲି ସୂଚନା ମିଳୁଛି। ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ବାଲିଅନ୍ତା ଥାନା ପୋଲିସ । ତେବେ ମୃତକଙ୍କ ଏକାଧିକ ସ୍ଥାନରେ ଜିମ ରହିଛି । କଟକ ଜିଲ୍ଲା ଓଲଟପୁର ଥାନା ମଉଜପୁର ଗ୍ରାମର ଦୁଃଶାସନ ସ୍ୱାଇଁଙ୍କ ପୁଅ ସୌମ୍ୟରଞ୍ଜନ ସ୍ୱାଇଁ । ଏହି ଘଟଣା ନେଇ ମୃତକଙ୍କ ପିଉସା ବିଭୂତି କୁମାର ବିଶ୍ୱାଳଙ୍କ କହିବା କଥା, ଦିନ ୧୨ଟା ବେଳେ ଖବର ପାଇଲୁ ସୌମ୍ୟଙ୍କ ଗାଡି ଧକ୍କା ହୋଇଛି । ତା ପରେ ଖବର ପାଇଲୁ, ପୋଲିସର ଉପସ୍ଥିତିରେ ଲୋକେ ତାଙ୍କୁ ବାଡେଇକି ମାରିଛନ୍ତି । ପ୍ରଶାସନ ଏହାର ତଦନ୍ତ କରିବା ଉଚିତ ।




ସମ୍ପାଦକୀୟ
ପୃଷ୍ଠା-୪
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
ପ୍ରସବ ପରର ଯନ୍ତ୍ରଣା, ଡିପ୍ରେସନର ଶିକାର ହେଉଛନ୍ତି ୮ ଜଣରେ ଜଣେ
ଓଡ଼ିଶାରେ ସୁପ୍ତ ଫଲ୍ଟ ଲାଇନ୍ ସକ୍ରିୟ
କଳାହାଣ୍ଡି, ବଲାଙ୍ଗୀର, ନବରଙ୍ଗପୁର ଓ ନୂଆପଡ଼ାରେ ବାରମ୍ବାର ଭୂମିକମ୍ପ

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

# ବୁର୍ଲା ମେଡିକାଲରେ ୬ ଦିନରେ ୭ ପ୍ରସୂତୀଙ୍କ ମୃତ୍ୟୁ : କର୍ତ୍ତୃପକ୍ଷଙ୍କ ତଦନ୍ତ ଆରମ୍ଭ

**ସମ୍ବଲପୁର, ୭/୦୫ ନ୍ୟୁଜ ବ୍ୟୁରୋ**

ସମ୍ବଲପୁର ବୁର୍ଲା ଭୀମସାର ମେଡିକାଲରେ ଗତ ୬ ଦିନ ଭିତରେ ୭ ଜଣ ପ୍ରସୂତୀଙ୍କ ମୃତ୍ୟୁ ଘଟଣା ଏବେ ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି । ଭୀମସାର ମେଡିକାଲ କର୍ତ୍ତୃପକ୍ଷ ଘଟଣାକୁ ସ୍ୱୀକାର କରିବା ସହ ଏହାର ତଦନ୍ତ ଆରମ୍ଭ କରିଛନ୍ତି।

ବୁର୍ଲା ମେଡିକାଲ ଉପରେ ସମଗ୍ର ପଶ୍ଚିମ ଓଡ଼ିଶା ସହ ପଡ଼ୋଶୀ ଝାଡ଼ଖଣ୍ଡ ଓ ଛତିଶଗଡ଼ ରାଜ୍ୟର ରୋଗୀମାନେ ନିର୍ଭର କରିଥାନ୍ତି । ଏପରିସ୍ଥଳେ ମାତ୍ର ୬ ଦିନ ଭିତରେ ୭ ଜଣ ପ୍ରସୂତିଙ୍କ ମୃତ୍ୟୁ ଘଟଣା ଏବେ ସମଗ୍ର ପଶ୍ଚିମ ଓଡ଼ିଶା ପାଇଁ ଚିନ୍ତାର ବିଷୟ ପାଲଟିଛି । ବୁର୍ଲା ମେଡିକାଲ ନିର୍ଦ୍ଦେଶକ ଡାକ୍ତର ଲାଲ ମୋହନ ନାଏକଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମୃତ ପ୍ରସୂତିମାନେ ହେଲେ, ସମ୍ବଲପୁର ଜିଲ୍ଲାର ଲଳିତା କିସାନ, ସୁବର୍ଣ୍ଣପୁର ଜିଲ୍ଲାର ମମତା ଷଣ୍ଢ, ଜୟନ୍ତୀ ମେହେର ଓ ଅଳିମା ମହାନନ୍ଦ, ଅନୁଗୁଳ ଜିଲ୍ଲାର ସୁପ୍ରଭା ମହାକୁର, ବୌଦ୍ଧ ଜିଲ୍ଲାର କାଦମ୍ବିନୀ ସେଠୀ, କଳାହାଣ୍ଡି ଜିଲ୍ଲାର ସାରଥି ଦଳପତି । ଘଟଣା ନେଇ ଗୁରୁବାର ବୁର୍ଲା ମେଡିକାଲର ନିର୍ଦ୍ଦେଶକ, ଅଧିକ୍ଷକ ଓ ସମ୍ବଲପୁର ସିଡିଏମଓଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ବସିଥିଲା। ବୈଠକରେ ପ୍ରସୂତିମାନଙ୍କ ମୃତ୍ୟୁର କାରଣର ସମୀକ୍ଷା କରାଯାଇଥିଲା। ବୈଠକ ପରେ ଭୀମସାର ମେଡିକାଲର ନିର୍ଦ୍ଦେଶକ ଲାଲ ମୋହନ ନାଏକ କହିଥିଲେ ଯେ, ମୃତ ୭ ଜଣ ପ୍ରସୂତିମାନଙ୍କର ପୂର୍ବରୁ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଥିଲା । ପ୍ରାଥମିକ ତଦନ୍ତରୁ ଯାହା ଜଣା ପଡ଼ିଛି ମହିଳାଙ୍କ ଚିକିତ୍ସା ସେବାରେ ମେଡିକାଲ ପକ୍ଷରୁ କୌଣସି ଅବହେଳା ହୋଇନାହିଁ।

ମହିଳାଙ୍କ ମୃତ୍ୟୁର କାରଣକୁ ନେଇ ଶ୍ରୀ ନାଏକ ସୂଚନା ଦେଇଛନ୍ତି ଯେ, 'ଲଳିତା କିସାନ ନାମକ ମହିଳାଙ୍କର ୟୁଟେରସ ଫାଟି ଯାଇଥିବାରୁ ବିଭିନ୍ନ ସ୍ୱାସ୍ଥ୍ୟଗତ ଜଟିଳତା ସୃଷ୍ଟି ହୋଇ ତାଙ୍କର ମୃତ୍ୟୁ ହୋଇଛି। ଏହାସହ ୬ ମାସ ପୂର୍ବରୁ ତାଙ୍କର ଏକ ଅସ୍ତ୍ରୋପଚାର ମଧ୍ୟ ହୋଇଥିଲା । ପରେ ଗର୍ଭ ଧାରଣାର ୬ ମାସ ହେବା ପରେ ତାଙ୍କର ଗର୍ଭ ଫାଟି ଯାଇଥିବାରୁ ତାଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟଜଣେ ପ୍ରସୁତି ମମତା ଷଣ୍ଢ ମହିଳାଙ୍କ ସିକିଲସେଲ ଏବଂ ଜଣ୍ଡିସ ରୋଗ ଥିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ତୃତୀୟ ପ୍ରସୂତି ଜୟନ୍ତୀ ମେହେରଙ୍କର ସ୍ୱାଭାବିକ ପ୍ରସବ ହୋଇଥିବା ବେଳେ ତାଙ୍କର ଗର୍ଭର ପାଣି ମହିଳାଙ୍କ ଛାତି ଓ ମସ୍ତିଷ୍କକୁ ଚଢି ଯାଇ ସଂକ୍ରମଣ ହୋଇ ତାଙ୍କର ମୃତ୍ୟୁ ହୋଇଥିଲା । ତେବେ ତାଙ୍କର ଜନ୍ମିତ ଶିଶୁଟି ଏବେ ସୁସ୍ଥ ରହିଛି । ଚତୁର୍ଥ ପ୍ରସୂତି ସୁପ୍ରଭା ମହାକୁଡ଼ଙ୍କର ରକ୍ତଚାପ ବଢ଼ିଯିବା ସହ ରକ୍ତରେ ପ୍ଲାଟିଲେଟର ପରିମାଣ କମିଯାଇ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ପଞ୍ଚମ ପ୍ରସୂତି କାଦମ୍ବିନୀ ସେଠୀଙ୍କର ମଧ୍ୟ ରକ୍ତଚାପ ବଢ଼ି ଯିବା ଯୋଗୁଁ ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇ ତାଙ୍କର ମୃତ୍ୟୁ ହୋଇଥିଲା । ଷଷ୍ଠ ପ୍ରସୂତି ଅଳିମା ମହାନନ୍ଦ ୫ ମାସର ଗର୍ଭବତୀ ଥିବା ବେଳେ ସେ ଗର୍ଭ ନିରୋଧକ ବଟିକା ଖାଇ ଘରେ ରହି ଯାଇଥିଲେ। ପରେ ତାହା ସେପ୍‌ଟିକ ହୋଇଯିବାରୁ ସେ ଗୁରୁତର ଅସୁସ୍ଥ ହୋଇଥିଲେ । ସେଠାରୁ ସେ ପ୍ରଥମେ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତ ନେବା ପରେ ସେଠାରୁ ସେ ବଲାଙ୍ଗିର ଭୀମ ଭୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ । ତେବେ ସେ ଅତି ଗୁରୁତର ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ଅଣାଯାଇଥିଲା। ବୁର୍ଲାରେ ତାଙ୍କୁ ଗତ ୨୩ ତାରିଖରୁ ଭର୍ତ୍ତି କରାଯାଇ ଆଇସିୟୁରେ ରଖାଯାଇଥିଲେ ମଧ୍ୟ ଗତ ୪ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ସପ୍ତମ ପ୍ରସୂତି ସାରଥି ଦଳପତିଙ୍କର କଳାହାଣ୍ଡି ଜିଲ୍ଲା ଜୁନାଗଡ଼ରେ ପ୍ରସବ ହୋଇଥିଲା । ତେବେ ସେଠାରେ ତାଙ୍କର ରକ୍ତହୀନତା ଯୋଗୁଁ ଗମ୍ଭୀର ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେବାରୁ ତାଙ୍କୁ ପ୍ରଥମେ ଭବାନୀପାଟଣା ଓ ପରେ ବୁର୍ଲା ମେଡିକାଲକୁ ଅଣାଯାଇଥିଲା। ଗମ୍ଭୀର ପରିସ୍ଥିତିରେ ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ତେବେ ସବୁ ପ୍ରକାରର ଚିକିତ୍ସା ଦେବା ପରେ ମଧ୍ୟ ତାଙ୍କର ମୃତ୍ୟୁ ହୋଇଯାଇଥିଲା।'

ଗୁରୁବାର ସମ୍ବଲପୁର ସିଡିଏମଓଙ୍କ ଉପସ୍ଥିତିରେ ଏହି ସବୁ ମୃତ୍ୟୁର କାରଣ ନେଇ ଏକ ଯୁଗ୍ମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସମୀକ୍ଷା ପରେ ଦିନେ କିମ୍ବା ୨ ଦିନ ଭିତରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶକ ଡାକ୍ତର ଲାଲ ମୋହନ ନାଏକ ସୂଚନା ଦେଇଛନ୍ତି ।

ବୁର୍ଲା ମେଡିକାଲକୁ ଗୋଟିଏ ମାସରେ ରାଜ୍ୟ ତଥା ରାଜ୍ୟ ବାହାରୁ ୬୦୦ ଗର୍ଭବତୀ ପ୍ରସବ ପାଇଁ ଆସୁଥିବା ବେଳେ ପ୍ରତ୍ୟେକ ମାସରେ ୬ରୁ ୭ ଜଣ ପ୍ରସୂତିଙ୍କର ମୃତ୍ୟୁ ହେବାର ରେକର୍ଡ ରହିଛି । ତେବେ ୬ ଦିନ ଭିତରେ ୭ ଜଣ ପ୍ରସୂତିଙ୍କ ମୃତ୍ୟୁ ଘଟଣା ଏବେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇଛି ।

